

ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-57 ◆THURSDAY ◆21 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୭ ◆ଗୁରୁବାର ◆୨୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଫଗାନିସ୍ତାନରେ ଜଳିଗଲା ବସ୍; ୭୯ ଦଗ୍ଧ

■ **କାବୁଲ, ୨୦।୮ (ଏଜେନ୍ସି):** ଆଫଗାନିସ୍ତାନର ପଶ୍ଚିମରେ ଥିବା ହେରାତ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅତିକମ୍‌ରେ ୭୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଇରାନରୁ ବିତାଡ଼ିତ ପ୍ରବାସୀଙ୍କୁ ନେଇ ଆସୁଥିବା ଏହି ବସ କାବୁଲ ଯାଉଥିଲା ବେଳେ ଟ୍ରକ୍ ଓ ମୋଟର ସାଇକଲକୁ ଧକ୍କା ଦେଇଥିଲା। ଏହାପରେ ବସ୍ ଓଲଟି ପଡ଼ିବାରୁ ଏଥିରେ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ୭୯ ଜଣ ଯାତ୍ରୀଙ୍କ ମଧ୍ୟରେ ୧୭ ଜଣ ଛୋଟ ପିଲା ଅଛନ୍ତି। ବସ ଦ୍ରୁତଗତିରେ ଆସୁଥିଲା ଓ ଡ୍ରାଇଭର ବେପରୁଆ ଢଙ୍ଗରେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଯାଞ୍ଚ ଶେଷ ହେବା ପରେ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବ ବୋଲି ସରକାରୀ ମୁଖପାତ୍ର ଅହମ୍ମତୁଲ୍ଲା ମୁତାକି ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି




ସୂଚନା ଦେଇଛନ୍ତି। ଇରାନ୍ ଏହି ପ୍ରବାସୀମାନଙ୍କୁ ବିଦା କରିବା ପରେ ବସ୍ ସେମାନଙ୍କୁ ଆଫଗାନିସ୍ତାନ ଫେରାଇ ଆଣୁଥିଲା।

## ଏକତରଫା ପ୍ରେମ: ଶିକ୍ଷୟିତ୍ରୀଙ୍କୁ ଜାଳିଦେଲା ଛାତ୍ର

■ **ଭୋପାଳ, ୨୦।୮ (ଏଜେନ୍ସି):** ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର କୋଟୱାଲି ଥାନା ଅଞ୍ଚଳରେ ଚକିତ କଲାଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୮ ବର୍ଷୀୟ ଛାତ୍ର ଗତ ସୋମବାର ୨୬ ବର୍ଷୀୟା ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି। ଅଭିଯୁକ୍ତ ଛାତ୍ର ହେଉଛି ସୂର୍ଯ୍ୟାଂଶ କୋଚର। ସେ ଏକ୍ସିଲେନ୍ସ ସ୍କୁଲ (ଉତ୍କୃଷ୍ଟ ବିଦ୍ୟାଳୟ)ର ପୂର୍ବତନ ଛାତ୍ର। ନିଆଁରେ ଶିକ୍ଷୟିତ୍ରୀଙ୍କ ଶରୀରର ୨୫ ପ୍ରତିଶତ ଅଂଶ ଜଳିଯାଇଛି। ଦୁଇବର୍ଷ ହେବ ଦୁହେଁ ପରସ୍ପରକୁ ଜାଣିଥିଲେ ବୋଲି ଅଭିଯୁକ୍ତର ପିତା ବିରେନ୍ଦ୍ର କୋଚର କହିଛନ୍ତି। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ ବେଳେ ଶିକ୍ଷୟିତ୍ରୀ ଜଣକ ଏକ ଶାଢ଼ି ପିନ୍ଧିଥିଲେ।

ଏହାଉପରେ ଅଭିଯୁକ୍ତ ଜଣକ ଆପତ୍ତିଜନକ ଟିପ୍ପଣୀ ଦେଇଥିଲା। ଏଥିପାଇଁ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ସୂର୍ଯ୍ୟାଂଶ ରାଗିଯାଇ ଏହି କାଣ୍ଡ ଘଟାଇଛି ବୋଲି କୁହାଯାଉଛି। ଘଟଣା ଦିନ ଅପରାହ୍ନ ୩ଟା ୩୦ରେ ଅଭିଯୁକ୍ତ ଏକ ବୋତଲରେ ପେଟ୍ରୋଲ ନେଇ ଶିକ୍ଷୟିତ୍ରୀଙ୍କ ଘରକୁ ଯାଇଥିଲା। ସେଠାରେ ତାଙ୍କ ଉପରେ ଢାଳି ନିଆଁ ଲଗାଇବା ପରେ ଫେରାର ହୋଇଯାଇଥିଲା।



ପୀଡିତାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନଆଯାଇଥିଲା ଓ ତାଙ୍କର ଚିକିତ୍ସା କରାଯାଇଥିଲା। ଶିକ୍ଷୟିତ୍ରୀଙ୍କ ଅବସ୍ଥା ଗୁରୁତର ଅଛି। କିନ୍ତୁ ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଡାକ୍ତର କହିଛନ୍ତି। ଶିକ୍ଷୟିତ୍ରୀଙ୍କୁ ଅଭିଯୁକ୍ତ ଛାତ୍ର ଏକତରଫା ପ୍ରେମ କରୁଥିଲା ବୋଲି ଏସ୍‌ଡିପିଓ ମନୋଜ ଗୁପ୍ତା କହିଛନ୍ତି। ଏକାଧିକ ଅଭିଯୋଗ ଆସିବାରୁ ତାକୁ ସ୍କୁଲରୁ ବାହାର କରି ଦିଆଯାଇଥିଲା। ଅଭିଯୁକ୍ତ ଛାତ୍ରକୁ ପୁଲିସ ଗିରଫ କରିଛି।

## ଜେଲ୍‌ରେ ୩୦ ଦିନ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ

**ସଂସଦରେ ହଙ୍ଗାମା**

# ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କୌଣସି ଦୁର୍ନୀତି ବା ଗୁରୁତର ଅପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ସେମାନେ ମନ୍ତ୍ରୀପଦ ହରାଇବେ। ଏଭଳି ବ୍ୟବସ୍ଥା କରିବା ଲାଗି ସମ୍ବିଧାନରେ ସଂଶୋଧନ କରିବାକୁ ଯାଇ ସରକାର ଏକ ବିଲ୍ ଆଜି ଲୋକସଭାରେ ଆଗତ କରିଛନ୍ତି। ଏହାକୁ ନେଇ ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି। ଏହାକୁ ଗଣତନ୍ତ୍ରର ହତ୍ୟା ବର୍ଣ୍ଣନା କରି ବିରୋଧୀ ଦଳ ଆଜି ଲୋକସଭାରେ ଜବରଦସ୍ତ ହଙ୍ଗାମା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଆଗତ କରୁଥିବା ବେଳେ ଏହାର ବିରୋଧ କରି ବିରୋଧୀ ସାଂସଦ ବିଲ୍ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ଶାହଙ୍କ ଆଡ଼କୁ ଫୋପାଡ଼ିଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ ଗୃହ ମଧ୍ୟଭାଗରେ ତୃଣମୂଳ କଂଗ୍ରେସ ଓ ବିଜେପି ସାଂସଦ ମୁହାଁମୁହିଁ ହୋଇଥିଲେ। ଟିଏମ୍‌ସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପିର କେତେକ ସାଂସଦ



ଲୋକସଭାରେ ଟିଏମ୍‌ସି-ବିଜେପି ସାଂସଦ ମୁହାଁମୁହିଁ

ଏହାର ଦୁଇ ମହିଳା ସାଂସଦଙ୍କୁ ଠେଲାପେଲା କରିଛନ୍ତି। ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଲକୁ ଅନୁଧ୍ୟାନ ପାଇଁ ସଂସଦର ଯୁଗ୍ମ କମିଟିକୁ ପଠାଇ ଦିଆଯିବା ସହିତ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଛି।

ସରକାର ଆଜି ଏଭଳି ବିଲ୍ ଆଗତ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିବା ପରେ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଲ୍ ଆଗତ କରିବାକୁ ଠିଆ ହେବା ମାତ୍ରେ ହଙ୍ଗାମା ଆରମ୍ଭ ହୋଇଯାଇଥିଲା। ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଅଣ-ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରି ସରକାର ଏଭଳି ବିଲ୍ ଆଗତ କରିଛନ୍ତି।

ସରକାର ଚାହିଁଲେ ଯେକୌଣସି ଅଣବିଜେପି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ମିଥ୍ୟା କେସରେ ଫସାଇ ଜେଲରେ ପୂରାଇଦେବେ। ୩୦ ଦିନ ଜେଲରେ ରହିବା ପରେ ସେମାନେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇଦେବେ। ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ର ସରକାର କିପରି ମିଥ୍ୟା ମାମଲାରେ ଫସାଇ ଜେଲରେ ରଖିଥିଲେ, ତାହାର ସେମାନେ ଉଦାହରଣ ଦେଇଥିଲେ। ରାଜନୀତି ଓ ପ୍ରଶାସନରେ ସ୍ୱଚ୍ଛତା ଓ ସଚ୍ଚୋଟତା ଆଣିବା ଲାଗି ଏଭଳି ପଦକ୍ଷେପ ଜରୁରି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଯୁକ୍ତିକୁ ବିରୋଧୀ ସାଂସଦ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ସେମାନେ କହିଥିଲେ ଯେ କେବଳ ଅଣବିଜେପି ସରକାରରେ ଅସ୍ଥିରତା ସୃଷ୍ଟି କରିବା ଲାଗି ସରକାର ଏଭଳି ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛନ୍ତି। ଏହାକୁ ସମସ୍ତ ଶକ୍ତି ଖଟାଇ ବିରୋଧ କରାଯିବ ବୋଲି ସେମାନେ କହିଥିଲେ। ସମ୍ବିଧାନର ମୌଳିକ ଢାଞ୍ଚା ଓ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ ▶ପୃଷ୍ଠା-୭

## ସୁସ୍ଥ ହୋଇ ଫେରିଲେ ନବୀନ

### ଫୋନ୍ କରି ସୁସ୍ୱାସ୍ଥ୍ୟ କାମନା ସହ ଦିଲ୍ଲୀ ଡାକିଲେ ମୋଦୀ

■ **ଭୁବନେଶ୍ୱର, ୨୦।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତା ପାଇଁ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି। ଆଜି ସନ୍ଧ୍ୟାରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବା ସମୟରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ନର୍ସମାନେ ନବୀନଙ୍କୁ ଫୁଲ ଦେଇ ସୁସ୍ୱାସ୍ଥ୍ୟ କାମନା କରିଥିଲେ। କିଛି ନର୍ସ ନବୀନଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ୍ୟ ନେଇଥିଲେ। ଏହି ଅବସରରେ ତାଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତରୀ ଟିମ୍‌କୁ ନବୀନ ଧନ୍ୟବାଦ ଜଣାଇଥିଲେ।

ଅନ୍ୟପକ୍ଷରେ ନବୀନ ହସ୍ପିଟାଲ୍‌ରେ ଥିବାବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ୍ ଯୋଗେ ତାଙ୍କ ସହ କଥାହୋଇ ସୁସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ନବୀନଙ୍କ ସହ ପ୍ରଧାନମନ୍ତ୍ରୀ ଦୀର୍ଘ ସମୟ ବାର୍ତ୍ତାଳାପ କରିବା ସହ ତାଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। କିଛିଦିନ ବିଶ୍ରାମ



ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଖଡ଼୍‌ଗେ

ମୋଦୀ, ଖଡ଼୍‌ଗେଙ୍କୁ ନବୀନଙ୍କ ଧନ୍ୟବାଦ

ନେବା ପରେ ଦିଲ୍ଲୀ ଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ଏହି ଅବସରରେ ନବୀନଙ୍କୁ ନିମନ୍ତ୍ରଣ କରିଥିଲେ।

ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦ୍ରୁତ ଆରୋଗ୍ୟ କାମନା କରିଥିଲେ। ▶ପୃଷ୍ଠା-୭

### ମୁଁ ସମ୍ପୂର୍ଣ୍ଣ ସୁସ୍ଥ; ରାଜ୍ୟବାସୀଙ୍କୁ କୃତଜ୍ଞତା

■ **ଭୁବନେଶ୍ୱର:** ହସ୍ପିଟାଲରୁ ଡିସ୍‌ଚାର୍ଜ ପରେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ ପଟ୍ଟନାୟକ। ସେ କହିଛନ୍ତି, 'ମୋ ଅସୁସ୍ଥତା ସମୟରେ ଓଡ଼ିଶାର ମୋର ପ୍ରିୟ ଭାଇ ଓ ଭଉଣୀମାନେ ପ୍ରାର୍ଥନା କରିଛନ୍ତି ଓ ମୋତେ ଆଶୀର୍ବାଦ ଦେଇଛନ୍ତି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଏହାସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଉତ୍ତମ ଚିକିତ୍ସା ଓ ତାଙ୍କ ଯତ୍ନ ନେବା ପାଇଁ ଧନ୍ୟବାଦ ଜଣାଇବା ସହ 'ବିଲ୍‌କୁଲ ଭଲ ଅଛି' ବୋଲି ନବୀନ କହିଛନ୍ତି।

## ୨୪ରେ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୦।୮ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ବର୍ଷା ଜାରି ରହିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରାଜ୍ୟରେ ପ୍ରବଳ ବର୍ଷା କରାଇବା ପରେ ଏବେ ଓଡ଼ିଶାଠାରୁ ଦୂରକୁ ଯାଇଛି। ମାତ୍ର ମୌସୁମୀ ସକ୍ରିୟ ଥିବାରୁ ଏହା ପ୍ରଭାବରେ କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ଆଗକୁ ଅର୍ଥାତ ୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିଲେ ମଧ୍ୟ ପ୍ରାୟ ସେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। ଏହି ସମୟରେ ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଛି। ଆଗାମୀ ୭ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ଜାରି ରହିବ। ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ଓ ବରଗଡ଼ ଜିଲ୍ଲାକୁ ସତର୍କତା ଜାରି ହୋଇଛି।

## ସିବିଆଇ ଜାଲରେ ଲାଞ୍ଚୁଆ ଅଫିସର

■ **ଭୁବନେଶ୍ୱର, ୨୦।୮ (ସମିସ):** ସିବିଆଇ ଜାଲରେ ପଡ଼ିଛନ୍ତି ଲାଞ୍ଚୁଆ ଅଫିସର। ଲାଞ୍ଚ ନେବା ବେଳେ ମାଡ଼ି ବସିଛି ସିବିଆଇ। ଲାଞ୍ଚୁଆ ଅଫିସର ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଏମସିଏଲ୍ କୋଇଲା ଖଣିର ରାମପୁର ସବ୍-ଏରିଆ ମ୍ୟାନେଜର ଅସିତ୍ କୁମାର। ଆଜି ସନ୍ଧ୍ୟାରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାବୁଡ଼ରେ ପଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର କୋଇଲା ଖଣିର ରାମପୁର ଅଞ୍ଚଳର ଜଣେ ବିସ୍ଥାପିତ ବକେୟା ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ। ବକେୟା ଟଙ୍କା ପାଇବା ଲାଗି ଅସିତ୍ ତାଙ୍କୁ ଲାଞ୍ଚ ମାଗିଥିଲେ। ଶେଷରେ ୨୦ ହଜାର ଟଙ୍କାରେ କଥା ଛିଡ଼ି ଥିଲା। ଆଜି ସନ୍ଧ୍ୟାରେ ବିସ୍ଥାପିତଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭୁବନେଶ୍ୱର ସିବିଆଇର ଏକ ଟିମ୍ ତାଙ୍କୁ କାବୁ କରିଥିଲା। ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

## କୋଦଳା ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ **ଖଲ୍ଲିକୋଟ/କୋଦଳା, ୨୦।୮ (ସମିସ):** ଖଲ୍ଲିକୋଟ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆପଡ଼ା ସାନସାହିର ବି.ଲିଙ୍ଗରାଜ ପାତ୍ର (୬୦)। ଅଫିମ ଚାଲାଣ ମାମଲାରେ ଅବକାରୀ ବିଭାଗ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବୁଧବାର ପୂର୍ବାହ୍ନ ସାଢେ ଗୋଟାଏ ବେଳେ ଜେଲ୍ ଭିତରେ ହଠାତ୍ ଲିଙ୍ଗରାଜଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନଙ୍କ ନେତୃତ୍ୱରେ ଥାନା ▶ପୃଷ୍ଠା-୭

## 'ଅଗ୍ନି-୫'ର ସଫଳ ପରୀକ୍ଷଣ




■ **ବାଲେଶ୍ୱର, ୨୦।୮ (ସମିସ):** ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନା ବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ପକ୍ଷରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ ଅଗ୍ନି-୫ ସଫଳ ପରୀକ୍ଷଣ ହୋଇଯାଇଛି। ଧାମରାସ୍ଥିତ ଅବଦୁଲ କଲାମ ଦୀପର ଏକୀକୃତ ପରୀକ୍ଷଣ କେନ୍ଦ୍ର ଲଞ୍ଚ କମ୍ପ୍ଲେକ୍ସରୁ ଏହି ପରୀକ୍ଷଣ ହୋଇଥିଲା। ତେବେ ଅଗ୍ନି-୫ ବାଲାଷ୍ଟିକ ମିସାଇଲର ଏହା ଥିଲା ୨୬ତମ ପରୀକ୍ଷଣ। ଅଗ୍ନି-୫ରେ ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ପାରିବ। ଉତ୍‌କ୍ଷେପଣ ସ୍ଥାନ ଠାରୁ ଏହା ୫ ହଜାର କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ। ଏହାର ଓଜନ ୫୬୦୦ କିଲୋଗ୍ରାମ ଥିବାବେଳେ ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି। ଅଗ୍ନି-୫ କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର ଦକ୍ଷତା ରହିଛି। ଅଗ୍ନି-୫ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପରେ ବାୟୁ ମଣ୍ଡଳର ଉପରକୁ ଯାଇ ▶ପୃଷ୍ଠା-୭

# ନିଷିଦ୍ଧ ହେବ ଅନ୍‌ଲାଇନ୍ ଗେମ୍

### କଟକଣା ଲଂଘିଲେ ୩ ବର୍ଷ ଜେଲ, ୧ କୋଟି ଟଙ୍କା ଜରିମାନା

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ଦେଶରେ ଆର୍ଥିକ ଓ ମାନସିକ ଅସ୍ଥିରତା ସୃଷ୍ଟି କରୁଥିବା ଅନଲାଇନ୍ ମନି ଗେମ୍‌କୁ ନିଷିଦ୍ଧ କରାଯିବ। ଆଜି ଲୋକସଭାରେ ଏସଂକ୍ରାନ୍ତ ବିଲ୍ ଗୃହୀତ ହୋଇଛି। ଏଭଳି ଅନଲାଇନ ଗେମ୍ ଯୋଗୁଁ ପ୍ରତିବର୍ଷ ୪୫ କୋଟି ଲୋକ ଠକାମିର ଶିକାର ହେବା ସହିତ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି। ଅନଲାଇନ ଗେମ୍ ଯୋଗୁଁ ଟଙ୍କା ହେରଫେର ସହିତ ଆର୍ଥିକ ଜାଲିଆତି ବି ହେଉଛି ଏବଂ ଲୋକ ଏତେ ନିଶାସକ୍ତ ହୋଇଯାଉଛନ୍ତି ଯେ ସେମାନେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି। ଏହି ଗେମରୁ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳୁଥିଲେ ମଧ୍ୟ ଲୋକମାନଙ୍କ କଲ୍ୟାଣ ଦୃଷ୍ଟିରୁ ଏଭଳି କଟକଣା ଜରୁରି ବୋଲି ସରକାର କହିଛନ୍ତି।



ପ୍ରତିବର୍ଷ ୪୫ କୋଟି ଲୋକ ହରାଉଛନ୍ତି ୨୦ ହଜାର କୋଟି

ଅନ୍‌ଲାଇନ୍ ମନି ଗେମ୍ ହେଉଛି ଏପରି ଖେଳ ଯେଉଁଥିରେ କି ଲୋକମାନେ ବିପୁଳ ଅର୍ଥ ଓ ଅନ୍ୟ ସୁବିଧା ପାଇବା ଆଶାରେ ବିପୁଳ ଅର୍ଥ ଖଟାଉଛନ୍ତି। ଅନେକ ସଂସ୍ଥା ଏଭଳି ଏକାଧିକ ଗେମ୍ ଆପ୍ ବାହାର କରିଛନ୍ତି ଏବଂ ଏହାକୁ ଖେଳିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି। ସେମାନେ ଏଭଳି ବିଜ୍ଞାପନ ଦେଉଛନ୍ତି, ଯେଉଁଥିରେ କି ଫିଲ୍ମ ତାରକା ଓ କ୍ରୀଡ଼ାବିତମାନେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏଥିରେ ପ୍ରଭାବିତ ହୋଇ ଲୋକେ କୋଟି କୋଟି ଟଙ୍କା ଖଟାଉଛନ୍ତି। ତେବେ ଏହା ଏବେ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଥିବାରୁ ଏହାକୁ ନିଷିଦ୍ଧ କରିବା ଲାଗି ସରକାର ଆଇନ ପ୍ରଣୟନ କରିବାକୁ ବାଧ ହୋଇଛନ୍ତି।

ଲୋକସଭାରେ ଗୃହୀତ ବିଲ୍ ରାଜ୍ୟସଭାରେ ପାସ୍ ହୋଇଗଲେ ଏହା ଆଇନରେ ପରିଣତ ହେବ। ଏହାସହିତ ସବୁ ପ୍ରକାର ସଟ୍ଟା ଓ ଜୁଆ ଖେଳ ନିଷିଦ୍ଧ ହୋଇଯିବ। ଫାନଟାସି ସ୍ପୋର୍ଟ୍ସ ଠାରୁ ଆରମ୍ଭ ▶ପୃଷ୍ଠା-୭

**ବିପର୍ଯ୍ୟୟ ମୁକାବିଲା**

## ନବୀନଙ୍କ ଦାବି ଦୋହରାଇଲେ ସୁରେଶ

### ୧୦୫୦୦ କୋଟିର ଆର୍ଥିକ ସହାୟତା ଦାବିକଲା ଓଡ଼ିଶା

### ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ମିଳୁ ସହାୟତା



■ **ଭୁବନେଶ୍ୱର, ୨୦।୮ (ସମିସ):** ବିପର୍ଯ୍ୟୟ ମୁକାବିଲା ଓ ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ୧୦ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ମାଗିଛନ୍ତି ରାଜ୍ୟ ସରକାର। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାର ଉପକୂଳର ସୁରକ୍ଷା, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ସହାୟତା ଦେବାକୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ରାଜସ୍ୱ ମନ୍ତ୍ରୀ ନିଜ ଚିଠିରେ ପ୍ରମୁଖ ୫ଟି ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଲୋକଙ୍କ ସୁରକ୍ଷା ପାଇଁ ୨ ବର୍ଷ ମଧ୍ୟରେ ୫୦୦ ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି। ଏଥିପାଇଁ ସେ ୨୦୦୦ କୋଟି ଟଙ୍କା ଆବଶ୍ୟକ। ସେହିପରି ବର୍ତ୍ତମାନ ରହିଥିବା ପୂର୍ବ ସତର୍କ ସୂଚନା ଜାରି ବ୍ୟବସ୍ଥାର ଉନ୍ନତୀକରଣ କରି ସାରା ରାଜ୍ୟରେ ଏହାର ବିସ୍ତାର ପାଇଁ ୨୦୦ କୋଟି ଟଙ୍କା ଦାବି କରିଛନ୍ତି। ସେହିପରି ଦୀର୍ଘଦିନ ହେଲା ରାଜ୍ୟ ଦାବି କରିଆସୁଥିବା ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ରାଜ୍ୟର ଆବଶ୍ୟକତାକୁ ରାଜସ୍ୱମନ୍ତ୍ରୀ ପୁନର୍ବାର ଦୋହରାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ଶକ୍ତି ପରିବହନ ଏବଂ ବଣ୍ଟନ ଭିତ୍ତିଭୂମି ବିକଶିତ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ୮୩୬୩ କୋଟି ଟଙ୍କା ଆବଶ୍ୟକ। ସେହିପରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଉପକୂଳ କ୍ଷୟ ଘଟୁଥିବାରୁ ଏହାର ନିରାକରଣ ପାଇଁ ଉପକୂଳ ଜୀବିକା, ଇକୋସିଷ୍ଟମର ସୁରକ୍ଷା ଏବଂ ସମୁଦ୍ର କୂଳ ଖାଉଥିବା ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ରୀୟଯୋଜନାରେଅନୁଦାନ ପ୍ରଦାନ ସହ ଏହାର ବୈଜ୍ଞାନିକ ସର୍ଭେ ପାଇଁ କେନ୍ଦ୍ରୀୟ ସଂସ୍ଥାକୁ ଦାୟିତ୍ୱ ଦେଇ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଏହାବ୍ୟତୀତ ବିପର୍ଯ୍ୟୟ ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ସହ ଜାତୀୟ, ଆନ୍ତର୍ଜାତୀୟ ସଂସ୍ଥାର ସେ ସହଯୋଗ ଲୋଡ଼ିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବହୁ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ମଧ୍ୟ ଅନୁରୂପ ଦାବି କେନ୍ଦ୍ର ନିକଟରେ ଦୋହରାଇ ଆସୁଥିଲା। ଏମତିକି ବାତ୍ୟା ▶ପୃଷ୍ଠା-୭

## ଦୁଇ ବାଇକ୍ ମୁହାଁମୁହିଁ; ୨ ମୃତ

■ **କୋଟଗଡ଼/ବାଲିଗୁଡା, ୨୦।୮ (ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଲାସେରି ଗାଁ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ୟବସାୟୀ ସନ୍ତୋଷ ସାହୁ ଓ କଲେଜ ଛାତ୍ର ଅନନ୍ଦ ପ୍ରଧାନୀ।

ସୂଚନା ଅନୁଯାୟୀ ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ପଢୁଥିବା କୋଟଗଡ଼ ଥାନା ଗେଟାବାଲି ଗ୍ରାମର ୨ ଜଣ ଛାତ୍ର ଓ ସନ୍ଥ ଶ୍ରୀ ଆଶାରାମ ବାପୁ କଲେଜର ଜଣେ ଛାତ୍ର ଗୋଟିଏ ବାଇକ୍‌ରେ କଲେଜ ସାରି ଘରକୁ ଫେରୁଥିଲେ। ବିପରୀତ ଦିଗରୁ ବଣ୍ଡାପିପିଲି ଗ୍ରାମର ବ୍ୟବସାୟୀ ସନ୍ତୋଷ ସାହୁ କୋଟଗଡ଼ ବଜାର ଆସୁଥିଲେ। ଏହି ସମୟରେ ଲାସେରି ଗାଁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବ୍ୟବସାୟୀ ସନ୍ତୋଷ ସାହୁ ଓ ▶ପୃଷ୍ଠା-୭

ସକାଳ THE SAKALA
www.sakalaepaper.com

## ଆଜି ବାହୁଡ଼ିଥିଲେ

# ଜନତାର କବି ସଚ୍ଚିଦାନନ୍ଦ ରାଉତରାୟ



ଗାଁ ମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ବରେଣ୍ୟ କବି ଭାବେ ସେ ଥିଲେ ପରିଚିତ। ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା। ସେ ସାହିତ୍ୟର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା କରି ଏଥିରେ ସଫଳ ହୋଇଥିଲେ। ତାଙ୍କ କବିତାରେ ବିପ୍ଳବାତ୍ମକ ପ୍ରଗତିବାଦୀ ଚିନ୍ତାଧାରା ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇଥିଲେ ଏକ ନୂତନ ଉତ୍ତାପ। ସ୍ୱାଧୀନତା ପରବର୍ତ୍ତୀ ବହୁ ଓଡ଼ିଆ କବିଙ୍କ ଲାଗି ସେ ଥିଲେ କାବ୍ୟ-ଗୁରୁ, ମାଟିର ଦ୍ରୋଣ। ଛୋଟ ମୋର ଗାଁ'ଟି ଗୀତଟି ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କର ଏକ ଅନବଦ୍ୟ ଏବଂ ଅଭୁଲା ସୃଷ୍ଟି। ଦେଶବିଦେଶରେ ଥିବା ଓଡ଼ିଆଙ୍କ ପ୍ରାଣରେ ଆଜିବି ଏହା ବେଶ୍ ଆବେଗ ଆଣିଦିଏ। ସେହିଭଳି ପରାଧୀନ ଭାରତବର୍ଷରେ ଗରିବଙ୍କ ଦୁଃଖ ଦର୍ଶାଇଥିଲା ତାଙ୍କର ଚିର ସ୍ମରଣୀୟ କବିତା 'ରେଙ୍ଗୁନ ଯାତ୍ରୀ'। ଦୀର୍ଘ ସାତ ଦଶନ୍ଧି ଧରି ତାଙ୍କ କଲମ ନିରବଚ୍ଛିନ୍ନ ଭାବେ ସକ୍ରିୟ ଥିଲା। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ମେ ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସେ ଇଂରେଜ ସରକାରଙ୍କ ବିରୋଧରେ ଲଢ଼ି ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ। ସଚ୍ଚିଦାନନ୍ଦଙ୍କ କବି ଜୀବନ ୧୫ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ୧୯୨୮ ରେ 'ପଞ୍ଚାମୃତ' ପତ୍ରିକାରେ ପ୍ରକାଶିତ ହୋଇଥିଲା, ତାଙ୍କର ପ୍ରଥମ କବିତା। ସେ ଓଡ଼ିଆ ଓ ଇଂରାଜୀ ଭାଷାରେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ଆଦି ଲେଖିଯାଇଛନ୍ତି। 'କବିତା-୧୯୬୨' ଶୀର୍ଷକ କବିତା ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୬୨ରେ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ମିଳିଥିଲା। 'ପଲ୍ଲିଶ୍ରୀ' ଓ 'ବାଜିରାଉତ' କବିଙ୍କର ସ୍ମରଣୀୟ କୃତି। କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତେଜ' 'ଛାଇ' ଆଦି ପ୍ରସିଦ୍ଧ। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ'। ସଚ୍ଚି ରାଉତରାୟଙ୍କୁ 'ଜନତାର କବି' ମଧ୍ୟ କୁହାଯାଏ। ସେ ତାଙ୍କ କବିତାଗୁଡ଼ିକରେ ମାନବିକତାବୋଧକୁ ଗୁରୁତ୍ୱ ଦେଉଥିଲେ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ଏହି ଯୋଗଜନ୍ମା କାବ୍ୟପୁରୁଷଙ୍କର ୨୦୦୪ ମସିହାରେ ଆଜିର ଦିନରେ ଦେହାବସାନ ହୋଇଥିଲା।

## ଆଜିର ଇତିହାସ

- ୧୯୧୫-ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୨- ବନ୍ୟ ଜୀବ ସଂରକ୍ଷଣ ଆଇନ ସଂସଦରେ ପାରିତ ହେଲା।
- ୧୯୮୮ - ଭାରତ-ନେପାଳ ସୀମାରେ ଆସିଥିବା ଭୂମିକମ୍ପରେ ପାଖାପାଖି ହଜାରେ ଲୋକଙ୍କ ପ୍ରାଣହାନି।
- ୧୯୯୧- ଲାଟଭିଆ ସୋଭିଏତ୍ ସଂଘରୁ ଅଲଗା ହେବାକୁ ଘୋଷଣା କଲା।
- ୧୯୯୭- ପୂର୍ବ ଚୀନ୍‌ରେ ଆସିଥିବା ଝଡ଼ବାତ୍ୟାରେ ୧୪୦ ଜଣଙ୍କ ମୃତ୍ୟୁ ଓ ୩ ହଜାର ଲୋକ ଆହତ।
- ୨୦୦୬- ପ୍ରଖ୍ୟାତ ସେହନାଇ ବାଦକ ଉସ୍ତାଦ ବିସ୍ମିଲ୍ଲା ଖାନ୍‌ଙ୍କ ପରଲୋକ।
- ୨୦୦୮ - 'ମୁନ୍ ମିଶନ୍'ରେ ଭାରତ 'ନାସା' ସହିତ ହାତ ମିଳାଇଲା।

# ଗୋରୁଗାଈଙ୍କ ପାଇଁ ସାପ୍ତାହିକ ଛୁଟି


ସରକାରୀ ଚାକିରି ହେଉ ବା ବେସରକାରୀ, ସବୁଠି କର୍ମଚାରୀମାନେ ସପ୍ତାହରେ ଗୋଟିଏ ଦିନ ଛୁଟି ନେଇଥାନ୍ତି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି କୃଷକମାନେ ଗୋରୁଗାଈଙ୍କୁ ଆରାମ ଦେବାକୁ ଯାଇ ସେମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ଛୁଟି ଦେଇଥାନ୍ତି। ଝାରଖଣ୍ଡ, ଲାତେହାର ଜିଲ୍ଲାର ପାଖାପାଖି ୨୦ଟି ଗାଁରେ ବର୍ଷ ବର୍ଷ ଧରି ଏଭଳି ଏକ ନିଆରା ପରମ୍ପରା ପାଳନ ହୋଇଆସୁଛି। ଏଠାରେ ଗାଈ, ବଳଦ, ମଇଁଷି ଆଦିଙ୍କୁ ରବିବାର ଦିନ ଛୁଟି ଦିଆଯାଏ। ଏହି ପରମ୍ପରାକୁ ସବୁ ଧର୍ମର ଲୋକେ ପାଳନ କରନ୍ତି। ସେହିପରି ରବିବାର ଦିନ ଗାଈ, ମଇଁଷିଙ୍କଠାରୁ କ୍ଷୀର ମଧ୍ୟ ଦୁଆଁ ହୋଇ ନ ଥାଏ। ଏହି ଦିନ ଯେତେ ଜରୁରୀ କାର୍ଯ୍ୟ ଥିଲେ ବି କେହି ଗାଈ, କିମ୍ବା ବଳଦଙ୍କ ଦ୍ୱାରା କୌଣସି କାର୍ଯ୍ୟ କରନ୍ତାନି; ବରଂ ନିଜେ ସେ କାମ କରି ଦିଅନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ରାଜକୁମାରଙ୍କ କହିବା କଥା, 'ଶତାଧିକ ବର୍ଷ ଧରି ଏହି ପରମ୍ପରା ପାଳନ ହୋଇ ଆସୁଛି। ଲଗାତାର କାମ କରିବା ଦ୍ୱାରା ଗାଈ, ବଳଦ, ମଇଁଷି ଆଦି ରୋଗଗ୍ରସ୍ତ ହେବା ଆଶଙ୍କା ଥାଏ। ଗୋଟିଏ ଦିନ ବିଶ୍ରାମ ନେବା ଦ୍ୱାରା ସେମାନେ ସୁସ୍ଥ ଅନୁଭବ କରନ୍ତି। ତେବେ ଏଭଳି ପରମ୍ପରାର ଆରମ୍ଭ ଏକ ଦୁଃଖଦ ଘଟଣାରୁ ହୋଇଥିଲା। ପାଖାପାଖି ୧୦୦ ବର୍ଷ ପୂର୍ବରୁ ଜଣେ କୃଷକ ଜମିରେ ବଳଦ ଦ୍ୱାରା ହଳ କରୁଥିଲେ। ଏହି ସମୟରେ ବଳଦଟିଏ ବେହୋସ ହୋଇଗଲା। ପରେ ତାର ମୃତ୍ୟୁ ହୋଇ ଯାଇଥିଲା। ଏହି ଘଟଣା ସେତେବେଳେ ଗ୍ରାମବାସୀମାନଙ୍କୁ ବହୁତ ଦୁଃଖ ଦେଇଥିଲା। ଉକ୍ତ ଘଟଣା ପରେ ଗ୍ରାମବାସୀମାନେ ଗାଈ ମଇଁଷିମାନଙ୍କୁ ଗୋଟିଏ ଦିନ ଛୁଟି ଦେବା ପାଇଁ ଭାବିଥିଲେ। ସେବେଠାରୁ ଏହି ପରମ୍ପରା ଚାଲି ଆସୁଛି।' ରବିବାର ଦିନ ଗାଈ, ମଇଁଷିମାନଙ୍କୁ ଭଲ ଭାବେ ଗାଧୋଇ ଦିଆଯାଇ ସେମାନଙ୍କର ପୂଜାର୍ଚ୍ଚନା କରାଯାଏ। ସେମାନଙ୍କୁ ସ୍ୱାଦିଷ୍ଟ ଭୋଜନ ପରଷା ଯାଏ। ଏହାପରେ ସେମାନଙ୍କୁ ବୁଲିବା ପାଇଁ ଗୋଟିଏ ସ୍ଥାନରେ ନେଇ ଛାଡ଼ି ଦିଆଯାଏ।



# ୩୦ ବର୍ଷ ପରେ ଯଶରାଜ ଷ୍ଟୁଡିଓରେ ସନ୍ନି

ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓଲ ଏବେ 'ବର୍ଡର-୨' ଫିଲ୍ମକୁ ନେଇ ବ୍ୟସ୍ତ ଅଛନ୍ତି। ନିକଟରେ ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ନିକଟରେ ସନ୍ନିଙ୍କୁ ଯଶରାଜ ଷ୍ଟୁଡିଓରେ ଦେଖାଯାଇଥିଲା। ତେବେ ୩୦ ବର୍ଷର ବିବାଦକୁ ଭୁଲି କ'ଣ ସନ୍ନି ଯଶରାଜ ବ୍ୟାନର୍‌ର ଫିଲ୍ମ ସାଇନ୍ କରୁଛନ୍ତି କି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। କିନ୍ତୁ ଏହା ପଛର କାରଣ ଅଲଗା ରହିଛି। ସନ୍ନି ଗାୟକ ତଥା ମ୍ୟୁଜିକ୍ କମ୍ପୋଜର ମିଥୁନଙ୍କୁ ଦେଖା କରିବାକୁ ଯଶରାଜ ଷ୍ଟୁଡିଓ ଯାଇଥିଲେ। ସନ୍ନି ଏହା ପୂର୍ବରୁ ମିଥୁନ୍‌ଙ୍କୁ ତାଙ୍କ ଷ୍ଟୁଡିଓକୁ ଡାକି ଥିଲେ। ମିଥୁନ୍ ୮୦ ଜଣ ଗାୟକଙ୍କ ସହ ଏକ ରେକର୍ଡିଂରେ ବ୍ୟସ୍ତ ଥିବାରୁ ସେ ଯାଇ ପାରି ନ ଥିଲେ। ଏହାପରେ ସନ୍ନି ଯଶରାଜ ଷ୍ଟୁଡିଓରେ ପହଞ୍ଚି ଯାଇଥିଲେ। ମିଥୁନ ସନ୍ନିଙ୍କ ଫିଲ୍ମ 'ଗଦର-୨' ଓ 'ବର୍ଡର-୨' ପାଇଁ ଗୀତ ସଂଯୋଜନା କରିଛନ୍ତି। ଯାହା ସନ୍ନିଙ୍କ ହୃଦୟକୁ ଛୁଇଁ ଯାଇଛି। ତାଙ୍କର ଆଗାମୀ ଫିଲ୍ମ 'ଗବରୁ'ରେ ମଧ୍ୟ ମିଥୁନ ସଙ୍ଗୀତ ସଂଯୋଜନା କରନ୍ତୁ ବୋଲି ସନ୍ନି ଚାହୁଁଛନ୍ତି। ଖାସ୍ ଏଥିପାଇଁ ସନ୍ନି ୩୦ ବର୍ଷର ବିବାଦକୁ ଭୁଲି ଯଶରାଜ ଷ୍ଟୁଡିଓରେ ପହଞ୍ଚିଥିଲେ।


ଏଠାରେ ପ୍ରକାଶ ଥାଉ କି, ୩୦ ବର୍ଷ ପୂର୍ବରୁ ଯଶରାଜ ଷ୍ଟୁଡିଓ ଓ ସନ୍ନିଙ୍କ ମଧ୍ୟରେ 'ଡର୍' ଫିଲ୍ମକୁ ନେଇ ବିବାଦ ଦେଖାଦେଇଥିଲା। ଏଥିରେ ଶାହାରୁଖ୍ ଖାନ୍ ଓ ଜୁହି ଚାୱଲା ଲିଡ୍ ରୋଲରେ ନଜର ଆସିଥିଲେ। ସନ୍ନି ଦେଓଲ ଏହି ଫିଲ୍ମର ହିରୋ ଥିଲେ। ଏହି ଫିଲ୍ମରେ ଶାହାରୁଖ୍ ନେଗେଟିଭ ଚରିତ୍ରରେ ଅଭିନୟ କରି ସୁଦ୍ଧା ସ୍ପଟ୍‌ଲାଇଟ୍‌ରେ ରହିଥିଲେ। ଏହାକୁ ନେଇ ସନ୍ନି, ଯଶରାଜ ଫିଲ୍ମସ୍ ଓ ଯଶ୍ ଚୋପ୍ରାଙ୍କ ଉପରେ ରାଗି ଯାଇଥିଲେ। ଏହାପରେ ସନ୍ନି ଯଶରାଜ ଫିଲ୍ମସ୍ ସହ କୌଣସି ଫିଲ୍ମ ଦୀର୍ଘ ୩୦ ବର୍ଷ ହେଲା କରିନାହାନ୍ତି। ସେହିଭଳି ଏହି ଫିଲ୍ମକୁ ନେଇ ଶାହାରୁଖ୍ ଓ ସନ୍ନିଙ୍କ ମଧ୍ୟରେ ସେତେବେଳେ ବିବାଦ ଦେଖା ହୋଇଥିଲା। ପରେ ଆଉ ଦୁଇଜଣ କେବେ ବି କୌଣସି ଫିଲ୍ମରେ ଏକାଠି ଆସି ନଥିଲେ। ଅବଶ୍ୟ 'ଗଦର-୨' ଫିଲ୍ମର ସକ୍‌ସେସ୍ ପାର୍ଟିରେ ସନ୍ନି ଓ ଶାହାରୁଖ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା।



# ଏଠାରେ ହନୁମାନଙ୍କ ପୂଜା ମନା

ରାମ ଭକ୍ତ ହନୁମାନଙ୍କୁ କଳିଯୁଗର ପ୍ରତ୍ୟକ୍ଷ ଦେବତା ବୋଲି କୁହାଯାଏ। ଭାରତର କୋଣ ଅନୁକୋଣରେ ହନୁମାନଙ୍କର ଅନେକ ମନ୍ଦିର ରହିଛି। ହେଲେ ଉତ୍ତରାଖଣ୍ଡର ଏକ ଗାଁରେ ହନୁମାନଙ୍କ ପୂଜା ତ ଦୂରର କଥା ତାଙ୍କ ନାମ ମଧ୍ୟ ଉଚ୍ଚାରଣ କରିବାକୁ ଗ୍ରାମବାସୀ ପସନ୍ଦ କରନ୍ତି ନାହିଁ। ଚମୋଲି ଜିଲ୍ଲାର ପାହାଡ଼ ମଝିରେ ଦ୍ରୋଣାଗିରି ନାଁରେ ଗାଁଟିଏ ଅଛି। ଦ୍ରୋଣାଗିରିରେ ଭଗବାନ ହନୁମାନଙ୍କୁ ପୂଜା କରାଯାଏ ନାହିଁ। ଏପରିକି ଗାଁରେ ହନୁମାନ ମନ୍ଦିର ମଧ୍ୟ ନାହିଁ। କୁହାଯାଏ ଯେ, ଏହି ଗାଁର ଲୋକମାନେ ହନୁମାନଙ୍କ ଉପରେ ଏବେ ବି ରାଗିଛନ୍ତି। ତେବେ ଗ୍ରାମବାସୀ ବଜରଙ୍ଗବାଲୀଙ୍କୁ ପୂଜା ନ କରିବା ପଛରେ ଏକ ପୌରାଣିକ କାହାଣୀ ଥିବା କୁହାଯାଏ। ଲକ୍ଷ୍ମଣଙ୍କ ପାଇଁ ସଞ୍ଜୀବନୀ ବୁଟି ନେବା ପାଇଁ ହନୁମାନ ଯେଉଁ ପର୍ବତ ଉଠାଇ ନେଇଥିଲେ, ତାହା ଏହି ଗ୍ରାମରେ ଅବସ୍ଥିତ ଥିଲା ବୋଲି କୁହାଯାଏ। ଏହି ପର୍ବତକୁ ଦ୍ରୋଣାଗିରି ଗ୍ରାମର ଲୋକ ପୂଜାର୍ଚ୍ଚନା କରୁଥିଲେ। ଦ୍ରୋଣାଗିରି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେତେବେଳେ ହନୁମାନ ସଞ୍ଜୀବନୀ ବୁଟି ସଂଗ୍ରହ କରିବାକୁ ଆସିଥିଲେ, ସେତେବେଳେ ପର୍ବତା ଦେବତା ଧ୍ୟାନରେ ଥିଲେ। ସଞ୍ଜୀବନୀ ନେବା ସମୟରେ ହନୁମାନ ପର୍ବତ ଦେବତାଙ୍କ ଠାରୁ ଅନୁମତି ନେଇ ନ ଥିଲେ କିମ୍ବା ତାଙ୍କର ଧ୍ୟାନ ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ନଥିଲେ। ସଞ୍ଜୀବନୀ ବୁଟି ପାଇଁ ହନୁମାନ ପର୍ବତକୁ ଉଠାଇ ନେଇଥିଲେ। ଯାହା ପରେ ଆଜି ପର୍ଯ୍ୟନ୍ତ ଏଠାକାର ଲୋକ ହନୁମାନଙ୍କ ଉପରେ ରାଗିଛନ୍ତି। ଗ୍ରାମବାସୀ ବିଶ୍ୱାସ କରନ୍ତି ଯେ, ହନୁମାନ ପର୍ବତ ଦେବତାଙ୍କ ସାଧନା ଭଙ୍ଗ କରିଥିଲେ। କେବଳ ସେତିକି ନୁହେଁ, ଦ୍ରୋଣାଗିରି ପର୍ବତ ନେବାବେଳେ ହନୁମାନ ମଧ୍ୟ ପର୍ବତ୍ୟ ଦେବତାଙ୍କ ଡାହାଣ ବାହୁକୁ ଉପାଡ଼ି ଦେଇଥିଲେ। ବିଶ୍ୱାସ କରାଯାଏ ଯେ, ଆଜି ମଧ୍ୟ ଏହି ପର୍ବତରୁ ଲାଲ ରଙ୍ଗର ରକ୍ତ ପ୍ରବାହିତ ହେଉଛି। ଏହି କାରଣରୁ ଦ୍ରୋଣାଗିରି ଗ୍ରାମର ଲୋକେ ହନୁମାନଙ୍କୁ ପୂଜା କରନ୍ତି ନାହିଁ।





# ବୟସ୍କ ବ୍ୟବହାର କରୁଛନ୍ତି ପାସିଫାୟାର୍

ସାଧାରଣତଃ ଛୋଟ ପିଲାଙ୍କୁ ଶାନ୍ତ କରିବା, ଶୁଆଇବା ଉଦ୍ଦେଶ୍ୟରେ ମୁହଁରେ ପାସିଫାୟାର୍ କ୍ଲିପ୍ ଲଗାଯାଏ। ପିଲାଟି ବଡ଼ ହେବା ପରେ ଧୀରେ ଧୀରେ ଏହି ଅଭ୍ୟାସ ଛାଡ଼ିଯାଏ। ଏବେ ଚୀନ୍‌ରେ ଏକ ନିଆରା ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏଠାରେ ବୟସ୍କ ଲୋକେ ମଧ୍ୟ କୁନି କୁନି ପିଲାଙ୍କ ଭଳି ପାସିଫାୟାର୍ ବ୍ୟବହାର କରୁଥିବା ଦେଖାଯାଇଛି। ଏହି ଉତ୍ପାଦ ବ୍ୟବହାର କରିବା ଦ୍ୱାରା, ଚିନ୍ତା ଦୂର ହେବା ସହ ଭଲ ନିଦ ହୋଇଥାଏ ବୋଲି ବୟସ୍କ ଲୋକେ କହୁଛନ୍ତି। ସେହିଭଳି ଏହାର ଚାହିଦା ମଧ୍ୟ ଏଠାରେ ବଢ଼ିବାରେ ଲାଗିଛି। ଏକ ଅନ୍‌ଲାଇନ୍ ବିକ୍ରେତାଙ୍କ କହିବାନୁଯାୟୀ, ସେ ମାସରେ ପାଖାପାଖି ୨୦୦୦ ବୟସ୍କ ପାସିଫାୟାର୍ ବିକ୍ରି କରୁଛନ୍ତି। ତେବେ ବୟସ୍କ ପାଇଁ ଉଦ୍ଦିଷ୍ଟ ପାସିଫାୟାରଗୁଡ଼ିକ ପିଲାଙ୍କଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ। ଏହାର ଦାମ୍ ୧୭୧ ଟଙ୍କାରୁ ୬୦୭୦ ଟଙ୍କା ମଧ୍ୟରେ ହୋଇଥାଏ। ଭିନ୍ନ ଭିନ୍ନ ରଙ୍ଗରେ ମଧ୍ୟ ଏଗୁଡ଼ିକ ଉପଲବ୍ଧ ହେଉଛି। ଏହା ଚିନ୍ତା ହ୍ରାସ କରିବା ସହ ଧୂମପାନ ଛାଡ଼ିବାରେ ସହାୟକ ହେବ ବୋଲି କହି ବିକ୍ରେତାମାନେ ବିକ୍ରି କରୁଛନ୍ତି। ସେହିପରି ଏହା ଠିକ୍‌ସେ ଶ୍ୱାସକ୍ରିୟା କରିବାରେ ମଧ୍ୟ ସହାୟକ ହୋଇପାରିଛି। ଚୀନ୍‌ର ବୟସ୍କ ଲୋକମାନଙ୍କର ଏପରି ଅଭ୍ୟାସ ଦେଖି ସାମାଜିକ ଗଣମାଧ୍ୟମରେ ଲୋକେ ଖୁବ୍ ସମାଲୋଚନା କରୁଛନ୍ତି। ଇତିମଧ୍ୟରେ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ଲୋକଙ୍କୁ ସଚେତନ ମଧ୍ୟ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଦୀର୍ଘ ସମୟ ଧରି ଏଭଳି ପାସିଫାୟାର ବ୍ୟବହାର କରିବା ଦ୍ୱାରା ମୁହଁର ଆକାର ସଙ୍କୁଚିତ ହୋଇଯାଏ। ସେହିଭଳି ଦୈନିକ ତିନି ଘଣ୍ଟାରୁ ଅଧିକ ସମୟ ପାସିଫାୟାର ବ୍ୟବହାର କରିବା ଦ୍ୱାରା ବର୍ଷେ ପରେ ଦାନ୍ତର ଆକାର ମଧ୍ୟ ପରିବର୍ତ୍ତନ ହେବାର ଆଶଙ୍କା ଥାଏ।

# ବିରଳ ବନ୍ଧୁତ୍ୱ
## ଏକାଠି ରହୁଛନ୍ତି ଚାରିପିଢ଼ି

ଆଧୁନିକ ଜୀବନଶୈଳୀରେ ବନ୍ଧୁତାର ପରିଭାଷା ବଦଳି ଯାଇଥିଲେ ମଧ୍ୟ ଏହାର ମହତ୍ତ୍ୱ ଆଜି ବି ଅତୁଟ ରହିଛି। ଏହାର ଏକ ଜ୍ୱଳନ୍ତ ଗୁଜରାଟର ସୁରଟ ସହରରେ ଦେଖିବାକୁ ମିଳିଛି। ଦୁଇ ବନ୍ଧୁଙ୍କ ପରିବାର ଗୋଟିଏ ଛାତତଳେ ଦୀର୍ଘ ୮୦ ବର୍ଷ ଏକାଠି ବିତାଇ ପ୍ରକୃତ ବନ୍ଧୁତ୍ୱର ପ୍ରମାଣ ଦେଇଛନ୍ତି। ଏହି ବନ୍ଧୁତା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିଲା, ଆଜିବି ଏହି ଦୁଇ ପରିବାରର ଚତୁର୍ଥ ପିଢ଼ି ଏହାକୁ ଯୋଡ଼ି ରଖିଛନ୍ତି। ୧୯୪୦ ମସିହାରେ ସୁରଟର ସାଗରମପୁରା ଅଞ୍ଚଳରେ ରହୁଥିଲେ ଗୁଣବନ୍ତ ଦେଶାଇ ଏବଂ ବିପିନ ଦେଶାଇ। ସ୍କୁଲରେ ପଢ଼ୁଥିବା ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଆରମ୍ଭ ହୋଇଥିଲା। ଉଭୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ଜେଲ ମଧ୍ୟ ଯାଇଥିଲେ। ପୁଣେର ଏକ କୃଷି ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ା ସାରି ଉଭୟ ସୁରଟ ଆସି ଏକାଠି କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବସାୟ ଆରମ୍ଭ କଲେ। ଯେତେ ବାଧାବିଘ୍ନ ଆସିଲେ ବି ଉଭୟଙ୍କ ମନରେ କେବେ ବି ଅଲଗା ହେବା ଚିନ୍ତାଧାରା ଆସି ନ ଥିଲା। ତେବେ ଉଭୟଙ୍କ ପରିବାର ବଢ଼ିବାରୁ ସେମାନେ ଏକ ବଡ଼ ଘରେ ରହିବା ପାଇଁ ସ୍ଥିର କରିଥିଲେ। ଏହାପରେ ଦୁହେଁ ମିଶି 'ମୈତ୍ରୀ' ନାମକ ଡୁପ୍ଲେକ୍ସ ଘର ନିର୍ମାଣ କରିଥିଲେ। ଏଥିରେ ଅଲଗା ଅଲଗା ରୋଷେଇଘର, ଶୟନ କକ୍ଷ ଥିଲା। ହେଲେ ଉଭୟଙ୍କର ଗୋଟିଏ ଡ୍ରଇଂରୁମ୍ ଥିଲା। ଏଇଠି ହିଁ ଦୁଇପରିବାର ସଦସ୍ୟ ଏକତ୍ରିତ ହୋଇ ମିଳିମିଶି ସମୟ ଅତିବାହିତ କରନ୍ତି। ବିପିନଙ୍କ ପୁଅ ଗୌତମ ଦେଶାଇ (୭୦) କୁହନ୍ତି, ଆମ ବାପା ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ସମ୍ପର୍କ ଏତେ ମଜଭୁତ ଥିଲା ଯେ, ଲୋକେ ତାଙ୍କୁ ଭାଇ-ଭାଇ ବୋଲି ଭାବନ୍ତି। ତେବେ ବିପିନ ଓ ଗୁଣବନ୍ତଙ୍କ ଏହି ବନ୍ଧୁତାକୁ ତାଙ୍କ ଅଣନାତି ନାତୁଣୀମାନେ ଏବେ ବି ଅତୁଟ ରଖିଛନ୍ତି। କେବଳ ସେତିକି ନୁହେଁ, ଏହି ଦୁଇ ପରିବାର ମିଳିତ ଭାବେ 'ମୈତ୍ରୀ ଟ୍ରଷ୍ଟ' ସଞ୍ଚାଳନ କରୁଛନ୍ତି। ଗୁଣବନ୍ତ ଏବଂ ବିପିନ ୧୯୯୦ ମସିହାରେ ଗାନ୍ଧୀବାଦୀ ଆଦର୍ଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ସ୍ଥାପନା କରିଥିଲେ। ବିପିନ୍ ୨୦୧୨ ମସିହାରେ ୮୭ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଇଥିବାବେଳେ ଗୁଣବନ୍ତଙ୍କର ୨୦୧୩ ମସିହାରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଉଭୟ ବନ୍ଧୁ ମୃତ୍ୟୁ ପୂର୍ବରୁ ଚିକିତ୍ସା ଗବେଷଣା ପାଇଁ ସେମାନଙ୍କ ଶରୀରକୁ ଦାନ କରିବାକୁ ଏକାଠି ପ୍ରତିଜ୍ଞା କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

### ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷା

## ଏସ୍‌ସିବି ଛାତ୍ର ପୁଶନ୍ ଟପ୍ପର



କଟକ,୨୦।୮ (ସମିସ): ସର୍ବଭାରତୀୟ ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଏସ୍‌ସିବି ମେଡିକାଲ କଲେଜ ଛାତ୍ର ଡାକ୍ତର ପୁଶନ ମହାପାତ୍ର ଟପ୍ପର ହୋଇଛନ୍ତି। ପିଜି ନାମଲେଖା ନିମନ୍ତେ ପ୍ରକ୍ରିୟା ଆଗାମୀ ଦିନରେ ହେବାକୁ ଥିବା ବେଳେ ଦିଲ୍ଲୀ ଯାଇ ଡାକ୍ତରୀ ପାଠପଢ଼ାରେ ଉଚ୍ଚଶିକ୍ଷା ହାସଲ କରିବା ପୁଶନଙ୍କ ଲକ୍ଷ୍ୟ ରହିଛି। କଟକ କାଳିଗଳି ଅଞ୍ଚଳର ଜୟକୃଷ୍ଣ ମହାପାତ୍ର ଏବଂ ରଚିତା ମହାପାତ୍ରଙ୍କ ପୁଅ ପୁଶନ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏଲଆର ଡିଏଭିରୁ ଯୁକ୍ତ ଦୁଇ ପଢ଼ା ଶେଷ କରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଗତଶିକ୍ଷା ବର୍ଷରେ ତାଙ୍କ ଏମବିବିଏସ୍ ପାଠପଢ଼ା ଶେଷ ହୋଇଛି। ଗତବର୍ଷ ଜାନୁୟାରୀରୁ ଚଳିତବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସେ ହାଉସସର୍ଜନ ଭାବେ ଇଣ୍ଟର୍ନସିପ୍ କରୁଥିଲେ। ମାର୍ଚ୍ଚ ପରଠାରୁ ସେ ନିଟ୍ ପିଜି ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ। କଟକ ସହରର କାଳିଗଳି ନିବାସୀ ପୁଶନଙ୍କ ଭଉଣୀ ଡାକ୍ତର ଚେତନା ମହାପାତ୍ର ଏସ୍‌ସିବି ମେଡିକାଲ କଲେଜ ଇଏନଟି ବିଭାଗର ପିଜି ଛାତ୍ରୀ। ଭିଣୋଇ ବିଶ୍ୱଜିତ ବାହାଲ ଏଠାରେ ଭେଷଜ ବିଭାଗର ଡାକ୍ତର ଅଟନ୍ତି।

ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଶନ୍‌ଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ତୁମର ଏହି ସଫଳତା ରାଜ୍ୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଯୁବ ସମାଜ ପାଇଁ ଏକ ପ୍ରେରଣା। ଯିଏ ଯେଉଁ ପରୀକ୍ଷା କିମ୍ବା ସାକ୍ଷାତକାର ପାଇଁ ପ୍ରସ୍ତୁତ ହୁଅନ୍ତୁ ନା କାହିଁକି, ସବୁବେଳେ ନିଜ ଉପରେ, ନିଜ ପରିଶ୍ରମ ଉପରେ ଭରସା ରଖିବା ଉଚିତ। ତୁମ ପରି ମେଧାବୀ, ପରିଶ୍ରମୀ ଓ ଉଦ୍ୟମୀଙ୍କର ସେବା ରାଜ୍ୟ ପାଇଁ ଆବଶ୍ୟକ। ଆଗକୁ ଜଣେ ଭଲ ଡାକ୍ତର ହୋଇ ତୁମେ ରାଜ୍ୟବାସୀଙ୍କ ସେବା କରିବ ବୋଲି ଆଶା କରୁଛି।

ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଶନ୍ ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ଏହି ସଫଳତା ଆମ ରାଜ୍ୟ ପାଇଁ ଗୌରବ। ପୁଶନ୍‌ଙ୍କ ନିଷ୍ଠା ଓ ପରିଶ୍ରମ ଆଶାୟୀ ମେଡିକାଲ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବ। ଏହି ଅବସରରେ ଶ୍ରୀ ପ୍ରଧାନ ପୁଶନ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ପୋଲାଭରମ୍ ପ୍ରକଳ୍ପ ବିବାଦ

### କେନ୍ଦ୍ରୀୟ ଜଳ ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧିଦଳ

## ଦାବି ବିଚାର ନ ହେବା ଯାଏ ଜାରିହେଉ କାର୍ଯ୍ୟବନ୍ଦ ଆଦେଶ

ଭୁବନେଶ୍ୱର,୨୦।୮ (ସମିସ): ଆନ୍ଧ୍ର ପ୍ରଦେଶରେ ପୋଲାଭରମ୍ ପ୍ରକଳ୍ପ ଓଡିଶା ପାଇଁ ବିପଦ ଆଣିବ। ଏକତରଫା ଭାବେ ପ୍ରକଳ୍ପ କ୍ଷମତା ବୃଦ୍ଧି କରାଯାଇଛି। ଓଡ଼ିଶାର ମାଲକାନଗିରି ଜିଲ୍ଲାର କେତେ ଅଞ୍ଚଳ ଜଳାର୍ଣ୍ଣବ ହେବ ତାହାର ଆକଳନ ମଧ୍ୟ କରାଯାଇ ନାହିଁ। ଅପରପକ୍ଷେ କେନ୍ଦ୍ର ସରକାର ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରସଙ୍ଗରେ ବୁଧବାର କେନ୍ଦ୍ରୀୟ ଜଳ ଆୟୋଗ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କୁ ଭେଟି ଉଦବେଗ ଜଣାଇଛି ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ। ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସହ ପ୍ରତିନିଧି ମଣ୍ଡଳୀ୧୦ ସୂତ୍ରୀ ଦାବି ପତ୍ର ମଧ୍ୟ ପ୍ରଦାନ କରିଛି। ପ୍ରକଳ୍ପ କାରଣରୁ ଓଡ଼ିଶାର ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳ ଜଳମଗ୍ନ ହେବ। ତେଣୁ ସ୍ଥାନୀ ଅଞ୍ଚଳର ଆଦିବାସୀ ତଥା ଦୁର୍ବଳ ବର୍ଗଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ତୁରନ୍ତ ଏବଂ ପ୍ରତିକାରମୂଳକ ପଦକ୍ଷେପ ଦାବି କରିଛି ବିଜେଡି।

ପ୍ରତିନିଧି ମଣ୍ଡଳୀର ଯୁକ୍ତି ଅନୁଯାୟୀ ଗତ ଡିସେମ୍ବର ୫ ତାରିଖରେ ବିଜେଡିର ଏକ ଦଳ ସିଡବ୍ଲ୍ୟୁସିଙ୍କୁ ଭେଟି ଏସଂକ୍ରାନ୍ତରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ମାତ୍ର ଏଯାବତ୍ ଆୟୋଗଙ୍କ ପକ୍ଷରୁ ଏହାକୁ ବିଚାରକୁ ନିଆଗଲା ନାହିଁ। ସୁପ୍ରିମକୋର୍ଟ ୨୦୨୨ ମସିହା ସେପ୍ଟେମ୍ବର ୬ ତାରିଖରେ ନିଜ ରାୟରେ ନର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ ପ୍ରକଳ୍ପ ସମ୍ବନ୍ଧୀୟ କେତେକ ବୈଷୟିକ ରିପୋର୍ଟ ଆମ ପାଖରେ ଉପଲବ୍ଧ ଅଛି। ପ୍ରକଳ୍ପର ସମ୍ପ୍ରସାରଣ ଆଧାରରେ ଆଉ କିଛି ରିପୋର୍ଟର ଆବଶ୍ୟକତା ପଡ଼ିପାରେ। ସେହିପରି ପ୍ରକଳ୍ପକୁ ନେଇ ଥିବା ପରୀବେଶ ମଞ୍ଜୁରୀ ଜନିତ ପ୍ରସଙ୍ଗ ଉପରେ ମଧ ଧ୍ୟାନ ଦେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ। ଅତଏବ ଆୟୋଗ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ଡକାଇ ଏକ ବୈଠକ କରିବାର ଆବଶ୍ୟକତା ରହିଛି ବୋଲି ପ୍ରତିନିଧି ଦଳ ଦାବି କରିଛି। ପ୍ରକଳ୍ପର ପଛୁଆ ପାଣି ଯୋଗୁଁ ଏହା



ମାଲକାନଗିରି ଜିଲ୍ଲା ଉପରେ କଣ ପ୍ରଭାବ ପକାଇବ ସେନେଇ ବିଶେଷ ରୂପେ ଅଧ୍ୟୟନ କରିବାକୁ ସିଡବ୍ଲ୍ୟୁସି ଆଶ୍ୱାସନା ଦେଇଥିଲେ ହେଁ କୌଣସି ସକ୍ରିୟ ପଦକ୍ଷେପ କରିନାହିଁ। ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ନିକଟରେ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଯାହା ଓଡ଼ିଶାର ଚିନ୍ତାକୁ ବୃଦ୍ଧି କରିଛି। ଏହା ଆମର ସ୍ଥାନୀୟ ଲୋକଙ୍କ ଜମି, ଜୀବିକା ଓ ସୁରକ୍ଷାକୁ ପ୍ରଭାବିତ କରୁଛି, ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ

■ ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳଜଳମଗ୍ନ କରିବ ପୋଲାଭରମ୍
■ ୧୦ଦାବି ରଖିଲେ ପ୍ରତିନିଧି ମଣ୍ଡଳୀ, ଆକଳନ ହେଉ ପଛୁଆ ଜଳର ପ୍ରଭାବ

ଆଦିବାସୀ ଅଟନ୍ତି। ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା। ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା। ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ,. ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଚି ବୋଲି ଅଭିଯୋଗ କରିଛି ପ୍ରତିନିଧି ମଣ୍ଡଳୀ।

ଏହି ସମସ୍ୟାର ସମାଧାନ ପାଇଁ ବିଜେଡି ପକ୍ଷରୁ ଉଭୟକେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଓ ଜଳ ଆୟୋଗଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରାଯାଇଛି। ସୁପ୍ରିମକୋର୍ଟ ୨୦୨୨ ମସିହାରେ ଦେଇଥିବା ଦୁଇଟି ରାୟକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସଂପୃକ୍ତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପରାମର୍ଶ ପ୍ରକ୍ରିୟା ଆରମ୍ଭ କରାଯାଉ। ଓଡ଼ିଶାର ଦାବି ପୂରଣ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ। ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାସହ ପ୍ରକଳ୍ପ ଯୋଗୁଁ ପଛୁଆ ଜଳର ପ୍ରଭାବ ସମ୍ପର୍କରେ ଅଧ୍ୟୟନ ସହ ମାଲକାନଗିରି ଜିଲ୍ଲାର ଜଳମଗ୍ନ ହେବାକୁ ଥିବା ଅଞ୍ଚଳର ସବିଶେଷ ଅଧ୍ୟୟନ କରାଯାଉ। ଅଧ୍ୟୟନ ବେଳେ ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ସର୍ଭେକୁ ମଧ୍ୟ ବିଚାରକୁ ନିଆଯାଉ।

ଯାହାଦ୍ୱାରା ସେଠାକାର ଜନଜାତିଙ୍କ ଜୀବନ, ଜୀବିକାର ସୁରକ୍ଷା କରାଯାଇପାରିବ। ସେହିପରି ଓଡ଼ିଶା ସରକାରଙ୍କ ସହ ଆଲୋଚନା କରାଯାଇ ସ୍ଥାନୀୟ ଅଞ୍ଚଳରେ ପୁନଃର୍ବାସ ଏବଂ ଥଇଥାନ ନୀତି କାର୍ଯ୍ୟକାରୀ କରିବାକୁ ଦାବି କରିଛି ପ୍ରତିନିଧି ମଣ୍ଡଳୀ। ଏତଦ୍‌ବ୍ୟତୀତ ଜଳମଗ୍ନସ୍ତରର ପୁନଃମୂଲ୍ୟାୟନ କରି ସେହି ଅନୁଯାୟୀ ପୋଲାଭରମ ପ୍ରକଳ୍ପକୁ ସଂଶୋଧନ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶିଙ୍କ ସହ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶର ୩ ସ୍ଥାନରେ ନିର୍ମାଣ ହେବ ଓଡ଼ିଶା ଭବନ

ଭୁବନେଶ୍ୱର,୨୦।୮ (ସମିସ): ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମୀକ୍ଷା

■ ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ହେବ ଓଡ଼ିଶା ଭବନ
■ ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ବେଳେ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ନିଜେ ମୁଖ୍ୟମନ୍ତ୍ରୀ ଏନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯାଉଥିବାରୁ ଏବଂ ହାଇଦରାବାଦ ଓ ସୁରଟରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ବର୍ତ୍ତମାନ ଓଡ଼ିଶା ଭବନରୁ ପୁନଃନିର୍ମାଣ କରାଯାଉଛି। ଏହି ନୂଆ



ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ଜଣାଯାଇଛି ଯେ ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି ଏ+୬ ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କର୍କଟ ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି। ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରି ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ନବୀନଙ୍କ ବିରୋଧରେ ଅପମାନଜନକ, ଅଶାଳୀନ, ମିଥ୍ୟା ଭିଡିଓ ପ୍ରସାରଣ

## ଡିଜିଙ୍କୁ ଚିଠି ଲେଖିଲେ ଅମର

ଭୁବନେଶ୍ୱର,୨୦।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ ଆବାହକ ଡ. ଅମର ପଟ୍ଟନାୟକ। ଏନେଇ ସେ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଲେଖିଥିବା ଚିଠିରେ ଡ. ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ଦେଶର ଜଣେ ପ୍ରତିଷ୍ଠିତ ଅନନ୍ୟ ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆଙ୍କ ଛତା ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓର ବିଷୟବସ୍ତୁ ଗୁଡ଼ିକ କେବଳ ଅତ୍ୟନ୍ତ ମାନହାନୀକାରକ ତଥା ନିନ୍ଦନୀୟ ନୁହେଁ; ବରଂ ଏହା ସ୍ପଷ୍ଟ ଭାବେ ନବୀନ ପଟ୍ଟନାୟକ, ଭି. କେ ପାଣ୍ଡିଆନ ଏବଂ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କ ସାମାଜିକ ପ୍ରତିଷ୍ଠାକୁ ଖରାପ କରିବା ସାଧୁତାକୁ ପ୍ରଶ୍ନ କରିବା ଏବଂ ମାନସିକ ଯନ୍ତ୍ରଣା ଦେବା

■ ତୁରନ୍ତ ଦୋଷୀଙ୍କ ବିରୋଧରେ ମାମଲା ସହ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବି
■ କ୍ୟାପିଟାଲ ଥାନାରେ ଏତଲା ଦେଲା ବିଜେଡି ଆଇଟି ସେଲ୍

ସହ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଡ. ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

ତେଣୁ ଡିଜି ଏହି ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ଫେସବୁକ ଆକାଉଣ୍ଟ 'ଓଡ଼ିଆ ଛାଟ' ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ମେଟା ତୁରନ୍ତ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ଡ. ପଟ୍ଟନାୟକ ଦାବି କରିଛନ୍ତି। ଏପରି ଅପମାନଜନକ ଭିଡିଓକୁ ତୁରନ୍ତ ସାମାଜିକ ଗଣମାଧ୍ୟମରୁ ହଟାଇବା ସହ ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଡ. ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ଆଇଟି ସେଲ୍ ମଧ୍ୟ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ର ବିଜେଡି ନେତା ରକି ଦାସଙ୍କ ସମେତ ଅନ୍ୟ ନେତାମାନେ ଥାନାରେ ଏତଲା ଦେଇଛନ୍ତି। ବିରୋଧୀ ଦଳ ନେତା, ଭିକେ ପାଣ୍ଡିଆନ ଓ ସୁଜାତା ରାଉତଙ୍କ ମାନହାନି କରିବା ଏଆଇ ମାଧ୍ୟମରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଉଛି। ସଂପୃକ୍ତ ଫେସବୁକ ଆଇଡି ପରିଚାଳକଙ୍କ ବିରୋଧ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଏସ୍‌ସିବିରେ ଭର୍ତ୍ତି

କଟକ,୨୦।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ଏସ୍‌ସିବି ସର୍ଜରୀ ବିଭାଗରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଏକ ଅସ୍ତ୍ରୋପଚାର ଆବଶ୍ୟକତା ଥିବା ଡାକ୍ତର କହିଛନ୍ତି। ଶ୍ରୀମତୀ ମାରାଣ୍ଡିଙ୍କୁ କେବିନରେ ରଖାଯାଇଛି। ଚିକିତ୍ସା ନିମନ୍ତେ ୧୦ ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିବା ଅଧୀକ୍ଷକ (ଇନଚାର୍ଜ) ପ୍ରଫେସର ଡାକ୍ତର ଗୌତମ ଶତପଥୀ ସୂଚନା ଦେଇଛନ୍ତି। ସର୍ଜରୀ ବିଭାଗ ପ୍ରଫେସର ଏଲ. ଭି ଗୌରୀଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯିବ। ଆଜି ଶ୍ରୀମତୀ ମାରାଣ୍ଡି ବଡ଼ ମେଡିକାଲରେ ପହଞ୍ଚିବା ପରେ ତାଙ୍କର ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରେ ଗୁରୁବାର ଅସ୍ତ୍ରୋପଚାର ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବ।

## ଲିଜ୍‌ଧାରୀଙ୍କ ନିର୍ମାଣ ଉପରେ ଲିଜ୍‌ଦାତା ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ,୨୦।୮ (ସମିସ): ଲିଜ୍ ସୂତ୍ରରେ ନେଇଥିବା ଜମି ଉପରେ ଲିଜଧାରୀ କରିଥିବା ନିର୍ମାଣର ସେ ହିଁ ପ୍ରକୃତ ମାଲିକ ଅଟନ୍ତି। ଏହାଉପରେ ଲିଜଦାତା କିନ୍ତୁ ନିଜର ମାଲିକାନା ଦାବି କରିପାରିବେ ନାହିଁ ବୋଲି ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଲିଜ୍ ଜମି ଉପରେ ନିର୍ମିତ ଏକ ମୋବାଇଲ୍ ଟାୱାର ସମ୍ପର୍କିତ ବିବାଦକୁ ନେଇ ନିର୍ମଳା ସାହୁଙ୍କ ପକ୍ଷରୁ ରୁଜୁ ଆବେଦନର ବିଚାର କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୧୪ ମେ ୫ ତାରିଖରେ ହୋଇଥିବା ଏକ ଲିଜ୍ ଡିଡ୍ ଅନୁସାରେ ଆବେଦନକାରୀ ମାଲିକ ହୋଇଥିବାରୁ ସମ୍ପୃକ୍ତ ଜମିକୁ ୫ନମ୍ବର ପ୍ରତିପକ୍ଷ ତଥା ଲିଜଧାରୀଙ୍କୁ ଦେଇଥିଲେ। ଲିଜଧାରୀ ଜମି ଉପରେ ଏକ ମୋବାଇଲ୍ ଟାୱାର ନିର୍ମାଣ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଅକାମୀ ହୋଇଗଲା। ୨୦୧୫ ଜୁଲାଇ୧ରେ କେନ୍ଦ୍ରାପଡା ଜିଲ୍ଲାପାଳ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ଲିଜ୍ ଦାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଜିଲ୍ଲାପାଳଙ୍କ ଉକ୍ତ ବିବାଦିତ ଆଦେଶ ଆବେଦନକାରୀଙ୍କ ସ୍ୱାର୍ଥ ଉପରେ ନକାରାତ୍ମକ ପ୍ରଭାବ ପକାଇଛି, ଯାହା ଆଇନଗତ ଭାବରେ ସ୍ଥାୟୀ ନୁହେଁ। ହେଲେ ଲିଜଧାରୀ ସମେତ ବିପରୀତ ପକ୍ଷମାନେ ଜିଲ୍ଲାପାଳଙ୍କ ଆଦେଶକୁ ଯଥାର୍ଥ ଦର୍ଶାଇ ଉକ୍ତ ଆବେଦନକୁ ବିରୋଧ କରିଥିଲେ। ଲିଜ ଅନୁସାରେ ହୋଇଥିବା ନିର୍ମାଣ ଉପରେ ସେ ହିଁ ପ୍ରକୃତ ମାଲିକ ବୋଲି ଅଦାଲତ ବିଭିନ୍ନ ଆଇନର ତର୍ଜମା କରି ମତ ଦେଇଛନ୍ତି। କେନ୍ଦ୍ରାପଡ଼ାର ସିଭିଲ୍ ଜଜ୍ ଅଦାଲତରେ ଏକ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ଏକ ବର୍ଷ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ନ କରିବାକୁ ଚାଲିଛି ସରକାରୀ ଷଡ଼ଯନ୍ତ୍ର

## ଛାତ୍ର କଂଗ୍ରେସର 'କ୍ୟାମ୍ପସ୍ ଚଲୋ' ଅଭିଯାନ ଆରମ୍ଭ



ଭୁବନେଶ୍ୱର,୨୦।୮ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ପଛରେ ଏବିଭିପିର ସଂପୂର୍ଣ୍ଣ ହାତ ରହିଥିବାର ଜଣାପଡ଼ିବା ପରେ ସାରା ଓଡ଼ିଶାର ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ଏବିଭିପି ବଦନାମ ହୋଇଯାଇଛି। କ୍ୟାମ୍ପସ ଭିତରେ ହିଂସା ଏବଂ ଅପରାଧିକ କାର୍ଯ୍ୟ କରିବାପାଇଁ ଏବିଭିପିର ଷଡ଼ଯନ୍ତ୍ରକୁ ଓଡ଼ିଶାର ଛାତ୍ର ସମାଜ, ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନେ ଅନୁଭବ

### କ୍ୟାମ୍ପସରେ ଜୋରଦାର ହେବ ଲଢ଼େଇ

କରିସାରିଛନ୍ତି। ତେଣୁ ଛାତ୍ରଛାତ୍ରୀ ମାନଙ୍କର ସମର୍ଥନ ନ ପାଇବାର ଆଭାସ ପାଇ ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନ ନ କରାଇ ଦେବାପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଛି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

ମଙ୍ଗଳବାର କଂଗ୍ରେସ ଭବନଠାରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ କରଣ ତାମସେତୱାର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଛାତ୍ର କଂଗ୍ରେସ ଲଢ଼େଇ ଜୋରଦାର କରିବ। ଏହି ଅବସରରେ ଆଜି ଛାତ୍ର କଂଗ୍ରେସର 'କ୍ୟାମ୍ପସ ଚଲୋ ଅଭିଯାନ' ର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ଏନଏସୟୁଆଇ (ଛାତ୍ର କଂଗ୍ରେସ)ର କର୍ମକର୍ତ୍ତା ଓ ସଭ୍ୟମାନେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କ୍ୟାମ୍ପସକୁ ଯିବେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ ହେବ। କ୍ୟାମ୍ପସ ଭିତରେ ଅଶାନ୍ତି ଏବଂ ଅପରାଧିକ କାର୍ଯ୍ୟକୁ ପ୍ରତିବାଦ କରାଯିବ। ବିଶେଷକରି ଛାତ୍ରୀମାନଙ୍କର ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ହେଉଥିବା ଦୁର୍ନୀତିର ଦୃଢ଼ ପ୍ରତିବାଦ କରାଯିବ।

ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡୁଛି। ସରକାରୀ ମହା ବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ପଦବୀର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଉତ୍କଟ ଶିକ୍ଷକ ଅଭାବ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ହତାଦର କରାଯାଇ ବେସରକାରୀ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦିଆଯାଉଛି। ଅନ୍ୟପକ୍ଷରେ 'ଭୋଟ ଚୋରୀ' ବିରୋଧରେ ଛାତ୍ର ଛାତ୍ରୀମାନଙ୍କ ସହ ଆଲୋଚନା ହେବ ଏବଂ ନୂଆ ଭୋଟର ମାନଙ୍କୁ ଭୋଟ ଚୋରି ବିଷୟରେ ସଚେତନ କରାଯିବ ବୋଲି ଛାତ୍ର କଂଗ୍ରେସ ସୂଚନା ଦେଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ, ମନୋଜ ବିଶ୍ୱାଳ, ବିଭୁତି ଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଗୋରୁଙ୍କ ଜୀବନ ନେଉଛି ଲମ୍ପି ସ୍କିନ୍

ଭୁବନେଶ୍ୱର, ୨୦।୮ (ସମିସ): ସମ୍ପ୍ରତି ରାଜ୍ୟର ଗୋସମ୍ପଦ ପାଇଁ ଏବେ ଘାତକ ହୋଇଛି ଲମ୍ପି ସ୍କିନ୍(ଚର୍ମ ବିଣ୍ଡି) ରୋଗ। ଏପର୍ଯ୍ୟନ୍ତ ଏହି ରୋଗ ପାଇଁ କୌଣସି ଟିକା ଉପଲବ୍ଧ ହୋଇ ନ ଥିବାରୁ ଗାଇ ଗୋରୁମାନଙ୍କ ନିରାକରଣ କରାଯାଇପାରୁନି। କିଛି ଗୋରୀଙ୍କୁ ଛେଳିଙ୍କ ପାଇଁ ଉଦ୍ଦିଷ୍ଟ ଗୋଟ୍ ପକ୍ସ ଦେଇ ଚିକିତ୍ସିତ କରାଯାଉଥିବାବେଳେ ଆଉ କିଛିଙ୍କୁ କେବଳ ଭିଟାମିନ୍ ଔଷଧ ଦିଆଯାଉଛି। କେତେକାଂଶରେ ଏହା ଫଳପ୍ରଦ ହେଉଥିବାବେଳେ ଅଧିକାଂଶ ଗୋରୁଙ୍କ କ୍ଷେତ୍ରରେ ଏହା କାମ କରୁନଥିବା ଅଭିଯୋଗ ହେଉଛି। ଏହି ରୋଗ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବ୍ୟାପିଛି। ଏବେ ଉପକୂଳ ଓଡ଼ିଶା ସମତେ ପଶ୍ଚିମ ଓଡ଼ିଶାରେ ଗାଇ ଓ ବଳଦମାନଙ୍କ କ୍ଷେତ୍ରରେ ମାତ୍ରାଧିକ ଦେଖାଯାଉଛି। ଗାଁ ଗହଳିରେ ଏବେ ଏହି ରୋଗ ମାତ୍ରାଧିକ ଭାବେ ବ୍ୟାପିବା ଯୋଗୁଁ ଗୋପାଳକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ରାଜ୍ୟରେ ଏବେ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଗୃହପାଳିତ ପଶୁ ଅଛନ୍ତି। ଏମାନଙ୍କ ମଧ୍ୟରେ ଗାଇ ଓ ବଳଦଙ୍କ ସଂଖ୍ୟା ସର୍ବାଧିକ। ତା'ତଳକୁ ଛେଳି, ମେଣ୍ଢା ଆଦି ରହିଛନ୍ତି। ମାତ୍ର ଗାଇଙ୍କ କ୍ଷେତ୍ରରେ ଏବେ ଚର୍ମ ବିଣ୍ଡି ରୋଗ ବହୁ ପରିମାଣରେ ଦେଖାଯାଉଛି। ଏହି ରୋଗ ହେଲେ ପ୍ରଥମେ ଗାଇଙ୍କୁ ଜ୍ୱର ହେବାସହ ଶରୀରରେ ଫୋଟକା ଭଳି ଫୁଲି ଯାଉଛି। ପରେ ଏସବୁ ଫୋଟକା ଫାଟି ଘା' ହେଉଛି। ଛେଳିମାନଙ୍କ ପାଇଁ ବ୍ୟବହାର ହେଉଥିବା ଗୋଟ୍ ପକ୍ସ ଟିକାକୁ ପରୀକ୍ଷାମୂଳକ ଭାବେ ଦିଆଯାଉଥିବାବେଳେ ଏହା ସଠିକ୍ ଭାବେ କାମ କରୁନଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି। ଏହା ଏକ ବାୟୁବାହିତ ଓ ଭୂତାଣୁ ଜନିତ ରୋଗ ଏବଂ ମଶା, ମାଛି, ଡାଆଁସ



ଦ୍ୱାରା ବ୍ୟାପୁଥିବାରୁ କ୍ରମଶଃ ଗୋଟିଏ ଗୁହାଳରୁ ଅନ୍ୟ ଜାଗାକୁ ସହଜରେ ବ୍ୟାପୁଛି। ଯେଉଁ ଗୋରୁମାନଙ୍କଠାରେ ରୋଗ ପ୍ରତିଶୋଧକ ଶକ୍ତି କମ୍ ରହୁଛି, ସେହି ଗୋରୁମାନଙ୍କୁ ଏହି ରୋଗ ବିଶେଷ ଭାବେ ଆକ୍ରାନ୍ତ କରୁଛି। ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଇମାନଙ୍କୁ ପ୍ରଭାବିତ କରୁଛି। ରୋଗରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହେଉଛି। ସେହି ଗଣ୍ଠି ଫାଟି ରକ୍ତ ଝରୁଥିବା ଲକ୍ଷ୍ୟ କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ପଶୁମାନଙ୍କ ପାଟିରୁ ନାଳ ଗଡୁଛି, ଖାଇବା ଛାଡି ଦେଉଛନ୍ତି ଓ ଘୁମାଇବା ସ୍ଥିତି ଦେଖାଯାଉଛି। ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ଦିନ ପରେ ଆକ୍ରାନ୍ତ ଗୋରୁର ମୃତ୍ୟୁ ଘଟୁଛି।

ପ୍ରାଣୀଧନ ଚିକିତ୍ସକଙ୍କ କହିବାନୁସାରେ, ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ପଶୁମାନେ ସପ୍ତାହକ ପରେ ସୁସ୍ଥ

■ ବିପଦରେ ଲକ୍ଷାଧିକ ଗୃହପାଳିତ ପଶୁ
■ ସଂକ୍ରମଣକୁ ନେଇ ଭୟର ବାତାବରଣ

ହୋଇ ଯାଉଛନ୍ତି। ଅର୍ଥାତ୍ ରୋଗ ପ୍ରତିଶେଧକ ଶକ୍ତି ଅଧିକ ଥିବା ଗାଇ ବାଛୁରୀ ଏହି ରୋଗରେ ଆକ୍ରାନ୍ତ ହେଲେ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ରହୁଛି। ଏହି ସମୟରେ ଗୋ-ପାଳକମାନେ ସେମାନଙ୍କ ଗାଈଗୋରୁଙ୍କୁ ଭିଟାମିନ ଯୁକ୍ତ ଖାଦ୍ୟ ଦେବାକୁ ସେ ପରାମର୍ଶ ଦେଉଛନ୍ତି। ଏତଦବ୍ୟତୀତ ଯେଉଁଠି ଡାକ୍ତର ପହଞ୍ଚିବାରେ ବିଳମ୍ବ ହେଉଛି, ହଳଦୀ ଓ ଲିମ୍ବପତ୍ରକୁ ଆକ୍ରାନ୍ତ ଗୋରୁମାନଙ୍କ ଚର୍ମରେ ଲେପନ କରିବାକୁ ପରାମର୍ଶ ଦିଆଯାଉଛି।

### ବିଦ୍ୟାଳୟ ଶିକ୍ଷା ଯୋଜନାର ସମୀକ୍ଷାକଲେ ଜିଲ୍ଲାପାଳ

# ଜିଲ୍ଲାରେ ସ୍କୁଲ୍ ଛାଡ଼ିଥିବା ୬୨୧୭ ଛାତ୍ରଛାତ୍ରୀ ଚିହ୍ନଟ



ଖୋର୍ଦ୍ଧା,୨୦।୮ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର 'ଆସ ସ୍କୁଲ ଯିବା' ଯୋଜନାର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଏଥିସହିତ ବିଦ୍ୟାଳୟ ଶିକ୍ଷା ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ଜିଲ୍ଲାପାଳ। ଖର୍ଚ୍ଚ ବିନିଯୋଗ ପ୍ରମାଣପତ୍ର, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ଆପତ୍ତି ଅଭିଯୋଗ ସମାଧାନ, ସ୍ୱୟଂ ସହାୟିକା ଗୋଷ୍ଠୀ ଏଚ୍‌ଏସ୍‌ଟି ବିଦ୍ୟାଳୟରେ ନିଯୁକ୍ତି କରି ଜଗିବା ଓ ପହରା କାର୍ଯ୍ୟ, ପିଏମ୍‌ଶ୍ରୀ ବିଦ୍ୟାଳୟଗୁଡ଼ିକରେ ସିଭିଲ୍ କାର୍ଯ୍ୟ ଓ ଭିତ୍ତିଭୂମିର ଅଗ୍ରଗତି, "ଆସ ସ୍କୁଲ ଯିବା' ଅଭିଯାନର ସ୍ଥିତି ତଥା ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଆଦି ଶୈକ୍ଷିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ସମୀକ୍ଷା କରିଥିଲେ। ୟୁଡାଇଜ୍, ଏଚ୍‌ଏସ୍‌ଟି, ରାଇଜ୍ ଆଦି ବିଭିନ୍ନ ଅଗ୍ରଣୀ ଶିକ୍ଷା ଯୋଜନାଗୁଡ଼ିକୁ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ, ବାଲୁଗାଁ ଓ ବାଣପୁର ବିଜ୍ଞପିତ ଅଞ୍ଚଳ ପରିଷଦ ଓ ସମସ୍ତ ୧୦ଟି ବ୍ଲକ୍‌ର ୧୬ଟି ଉଚ୍ଚ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟ, ଖେଳପଡ଼ିଆ, କ୍ରୀଡ଼ା, ସୌନ୍ଦର୍ଯ୍ୟତା, ଏଲ୍‌ଇଡି, ଲାଇଟ୍, ସେଲ୍ଫି ପଏଣ୍ଟ, ସାଇନ୍ ବୋର୍ଡ ତଥା ସାଇନେଜ୍ ଆଦି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ପୂର୍ବ ବୈଠକର ନିଷ୍ପତ୍ତି ଓ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ତଥ୍ୟ ଉପସ୍ଥାପନ କରିଥିଲେ। ଶ୍ରୀମତୀ ରାୟ କହିଥିଲେ, ଜିଲ୍ଲାରେ ବିଦ୍ୟାଳୟ ଛାଡ଼ିଥିବା ୬୨୧୭ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେଥିରେ ୬ରୁ ୧୪ ବର୍ଷର ୧୬୭୧ ଜଣ, ୧୫ରୁ ୧୬ ବର୍ଷ ୧୯୯୯ ଜଣ, ୧୭ରୁ ୧୮ ବର୍ଷର ୨୫୪୭ ଅଛନ୍ତି। ବର୍ତ୍ତମାନ ସ୍କୁଲ ଛାଡ଼ିଥିବା ଉକ୍ତ ୬ରୁ ୧୪ ବର୍ଷର ୩୫୯ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଇଛି। ୧୫ରୁ ୧୮ ବର୍ଷର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୦୦ ଜଣ ଏବଂ ୧୫ରୁ ୧୮ ବର୍ଷର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୬ ଜଣଙ୍କୁ ଆତ୍ମନିଯୁକ୍ତି କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାରେ ଭର୍ତ୍ତି କରାଯାଇଛି।


ତେବେ ରାଇଜ୍ ଶିକ୍ଷା କାର୍ଯ୍ୟକ୍ରମରେ ୨୦୨୬ ବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ ପାଇଁ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ସ୍କୁଲରୁ ଏ-୧ ଗ୍ରେଡ୍‌ରେ ନିଶ୍ଚିତ ଭାବେ ଜଣେ ପିଲାର ଉନ୍ନତିରେ ବୃଦ୍ଧି ନିମନ୍ତେ କ୍ରମାନ୍ୱୟରେ ଶିକ୍ଷକ ଓ ଅଭିଭାବକ ଆଲୋଚନା କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୮ ବର୍ଷରୁ ତଦୁର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ନିଃଶୁଳ୍କ ତାଲିମ ଓ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଦେବା ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ ନାୟକ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ସୁବାସ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କ ସମେତ ସମସ୍ତ ବ୍ଲକ୍‌ର ବିଡିଓ, ସିଡିପିଓ, ସିଆର୍‌ସିସି, ବିଆର୍‌ସିସି, ସମସ୍ତ ପଲିଟେକ୍‌ନିକ୍ ଅନୁଷ୍ଠାନର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ● ପର୍ଯ୍ୟଟକଙ୍କ ଗାଡ଼ିକୁ ବିଡିଓ ଅଟକାଇବା ଘଟଣା

## ଅଭିଯୋଗ କଲେନି ବିଡିଓ; ନିଜ ଆଡୁ ମାମଲା ରୁଜୁକଲା ପୁଲିସ

ଗୋପ,୨୦।୮ (ସମିସ): ମଙ୍ଗଳବାର ଛତିଶଗଡ଼ ଅଞ୍ଚଳରୁ କିଛି ପର୍ଯ୍ୟଟକ କୋଣାର୍କ ପରିଦର୍ଶନ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବାବେଳେ ଗୋପ ବିଡିଓ ଛବିରାଣୀ ସାହୁଙ୍କ ଗାଡ଼ିକୁ ସେମାନେ ଓଭରଟେକ୍ କରିଥିଲେ। ଏଥିରେ ବିଡିଓ ଶ୍ରୀମତୀ ସାହୁ ରାଗିଯାଇ ପର୍ଯ୍ୟଟକଙ୍କ ଗାଡ଼ିକୁ ଅଟକାଇବା ସହ ଗାଳିଗୁଲଜ କରି ପୁଲିସକୁ ଖବର ଦେଇଥିଲେ। ପରେ ଘଟଣାସ୍ଥଳରେ ଗୋପ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ପର୍ଯ୍ୟଟକମାନଙ୍କୁ ଅଟକ ରଖିଥିଲା। ଏ ଘଟଣାରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରି ଗାଡ଼ିକୁ ଅଟକ ରଖିଥିବା ଜଣାପଡ଼ିଛି। ବେପରୁଆ ଗାଡ଼ି ଚାଳନା କରିଥିବା ପର୍ଯ୍ୟଟକଙ୍କ ସମ୍ପର୍କରେ ବିଡିଓ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ପୁଲିସ ବିଡିଓଙ୍କ ଦୋଷକୁ ଲୁଚାଇବାକୁ ଯାଇ ବିଡିଓଙ୍କ ନାମ ଗୋପନ ରଖି ବିଶେଷ ସୂତ୍ରରୁ ସୂଚନା ପାଇଥିବା ଏସ୍‌ଆଇ ବୁଦ୍ଧରାୟ ମାଝୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଯଦି ବିଡିଓ ବେପରୁଆ ଓ ମଦ୍ୟପାନ କରି ଗାଡ଼ିଚାଳନା କରୁଥିବା ପର୍ଯ୍ୟଟକଙ୍କ ଗାଡ଼ି ଅଟକାଇଲେ ଏବଂ ପୁଲିସକୁ ଖବର ଦେଲେ, ତେବେ କ'ଣ ପାଇଁ ଅଭିଯୋଗ କଲେନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ବିଡିଓଙ୍କଠାରୁ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପୁଲିସ ଅଭିଯୋଗ ପତ୍ରରେ ବିଡିଓଙ୍କଠାରୁ ସୂଚନା ପାଇଥିବା କାହିଁକି ଉଲ୍ଲେଖ କଲାନି ତାହା ତଦନ୍ତସାପେକ୍ଷ। ଏହି ଘଟଣା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ; ବିଦ୍ୟାଳୟକୁ ଫେରିଲେ ହନୁମାନ



କଣାସ,୨୦।୮ (ସମିସ): କଣାସ ବ୍ଲକ୍ ଗଡ଼ବଡ଼ପୁଟ ଗ୍ରାମ ପଞ୍ଚାୟତର ମା' କାମେଶ୍ୱରୀ ମାରୁତି ନାଟ୍ୟ ପରିଷଦ ବାଦଲପୁରର ହନୁମାନ ଯିବେ ବିଦ୍ୟାଳୟକୁ ପାଠପଢ଼ି। ରାମଲୀଳା ବାଜା ବାଜିଲେ ତାଙ୍କ ଅଭିନୟରେ ବିମୁଗ୍ଧ ହୋଇଯାଆନ୍ତି ଦର୍ଶକ। ୧୭ ବର୍ଷର ବାଳକ ତଥା ହନୁମାନ ଅଭିନେତା ଜ୍ୟୋତିପ୍ରକାଶ ଖଟାଇଙ୍କ କାନ୍ଧରେ ବସ୍ତାନି ବଦଳରେ ପରିବାରର ବୋଝ ଯୋଗୁଁ ମରିଯାଇଥିଲା ପାଠପଢ଼ିବାର ନିଶା। ବହୁ ବୁଝାସୁଝା କରିବା ପରେ ବୁଧବାର ଜ୍ୟୋତି ଦଶମ ଶ୍ରେଣୀରେ ପରୀକ୍ଷା ଦେବା ପାଇଁ ନାମ ଲେଖାଇଛନ୍ତି।

ବାପାଙ୍କ ମୃତ୍ୟୁ ପରେ ବହୁ କଷ୍ଟରେ ମାଆ ଜ୍ୟୋତିପ୍ରକାଶ ଓ ତାଙ୍କ ଭଉଣୀଙ୍କୁ ପାଠ ପଢ଼ାଇଥିଲେ। ଅର୍ଥାଭାବ ଯୋଗୁଁ ଦଶମ ଶ୍ରେଣୀରେ ଜ୍ୟୋତିଙ୍କର ପାଠରେ ଡୋରି ବନ୍ଧା ହୋଇଥିଲା। ପାଠପଢ଼ି ଭବିଷ୍ୟତରେ ପରିବାରକୁ ସୁଦୃଢ଼ କରିବାକୁ ଆଶା ରଖିଥିବା ଜ୍ୟୋତିପ୍ରକାଶ ପାଠ ଛାଡ଼ି ଯୋଗଦେଲେ ରାମଲୀଳା ଦଳରେ। ମୁହଁରେ ପାଉଡର ବୋଳି ଦର୍ଶକଙ୍କ ମନ ଜିଣିଲେ। କିନ୍ତୁ ଗତ ଶିକ୍ଷା ବର୍ଷରେ ଡ୍ରପ୍ ଆଉଟ୍‌ରେ ନାମ ଥିବା ଜାଣି ବାରଦା ବାଦଲପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଜ୍ୟୋତିଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ବାରମ୍ବାର ପ୍ରଚେଷ୍ଟା କରିଥିଲେ ମଧ୍ୟ ସେ କୌଣସିମତେ ରାଜି ହୋଇ ନ ଥିଲା। ମୁହଁରେ ରଙ୍ଗ ବୋଳିଥିବାରୁ ପାଠ ଆଉ ସମ୍ଭବ ନୁହେଁ ବୋଲି କଥାକୁ ଏଡ଼ାଇ ଯାଉଥିବା ଜ୍ୟୋତି ବୁଧବାର ୧୦ମ ଶ୍ରେଣୀ ପରୀକ୍ଷା ଦେବାପାଇଁ ନାମ ଲେଖାଇଛନ୍ତି କଣାସ ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ ରାଜ୍ୟ ମୁକ୍ତ ବିଦ୍ୟାଳୟରେ। ତାଙ୍କ ମନରେ ପାଠ ପ୍ରତି ପୁନଶ୍ଚ ଆଗ୍ରହର ପ୍ରେରଣା ସାଜିଛନ୍ତି ତାଙ୍କ ସାନ ଭଉଣୀ ୧୦ମ ଶ୍ରେଣୀର ଛାତ୍ରୀ କାବେରୀ। କଣାସ ବ୍ଲକ୍ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର ଓ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀଙ୍କ ଉପସ୍ଥିତିରେ ଜ୍ୟୋତିପ୍ରକାଶ ଶିକ୍ଷା ସ୍ରୋତକୁ ଫେରି ଆସିଥିବାରୁ ଶିକ୍ଷାପ୍ରେମୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି।

## ୩ୟ ଦିନରେ ଅଧ୍ୟାପକଙ୍କ ଆନ୍ଦୋଳନ; ଶିକ୍ଷାଦାନରେ ବ୍ୟାଘାତ

ଗମ୍ଭାରୀପଦା,୨୦।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଖଣ୍ଡ ସଂଯୋଜକ ଶଶିଭୂଷଣ ମୁଦୁଲିଙ୍କ ନେତୃତ୍ୱରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକ/କର୍ମଚାରୀମାନେ ଗତ ୧୭ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳରେ ନିଜକୁ ସାମିଲ୍ କରି "ଅନୁଦାନ ଆମର ଅଧିକାର' ପ୍ଲାକାର୍ଡ ଧରି ଧାରଣାରେ ବସିଛନ୍ତି। ଫଳରେ ମହାବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ସରକାର ତୁରନ୍ତ ଆନ୍ଦୋଳନକୁ ପ୍ରତ୍ୟାହାର କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଡ. କବିତା ତିଆଡ଼ି, ମନୋଜ କାଣ୍ଡି, ଅଭିମନ୍ୟୁ ରାଉତ, ଅଳକାନନ୍ଦା ନାୟକ, ମହେଶ୍ୱର ରାଉତ, ଶୁଚିସ୍ମିତା କର, ସଞ୍ଜୟ କାଣ୍ଡି, ଗୌତମ ଦାସ ପ୍ରମୁଖଙ୍କ ସମେତ ମଙ୍ଗଳା ମହାବିଦ୍ୟାଳୟର ସମସ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ବସିରହିଛନ୍ତି।

## କୁକୁଡ଼ା ଚାଷ ଓ ବ୍ୟାବସାୟିକ ଅଭିବୃଦ୍ଧି ନିମନ୍ତେ କର୍ମଶାଳା



ପିପିଲି,୨୦।୮ (ସମିସ): ସମବାୟ ସମିତି ମାଧ୍ୟମରେ କୁକୁଡ଼ା ପାଳନ ଓ ବ୍ୟାବସାୟିକ ଅଭିବୃଦ୍ଧି ନିମନ୍ତେ ପିପିଲି ନିକଟ ଶୁଆବରେଇ ଗ୍ରାମରେ କୁକୁଡ଼ା ଚାଷୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମରେ ଥିବା ସୁବର୍ଣ୍ଣେଶ୍ୱରୀ ପ୍ରାଥମିକ କୁକୁଟ ସମବାୟ ସମିତି ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓପୋଲ୍‌ଫେଡ୍ ସଭାପତି ଭୋଳେଶ୍ୱର ସ୍ୱାଇଁ, ଅତିରିକ୍ତ ନିର୍ଦ୍ଦେଶିକା ଡ. ଦୀପ୍ତି ମହାପାତ୍ର ଯୋଗଦେଇ ଓପୋଲ୍‌ଫେଡ୍‌ର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସମସ୍ତ କୁକୁଡ଼ା ଚାଷୀଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେବା ସହ ଉକ୍ତ ସମବାୟ ମାଧ୍ୟମରେ ଅଧିକରୁ ଅଧିକ ଚାଷୀ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓପୋଲ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ଗିରିଧର ଭୋଇ, ସାଧାରଣ ପରିଚାଳକ ଭକ୍ତହରି ମଲ୍ଲିକ, ପୁରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ ଚନ୍ଦ୍ର ବେହେରା, ପିପିଲି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ ରଞ୍ଜନ ମିଶ୍ର, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେନାପତି, ପୂର୍ବତନ ପିପିଲି ବ୍ଲକ୍ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଓପୋଲ୍‌ଫେଡ୍ ସହବନ୍ଧିତ ଉକ୍ତ ସମବାୟ ସମିତି ମାଧ୍ୟମରେ କୁକୁଡ଼ା ଚାଷୀମାନଙ୍କୁ ମିଳୁଥିବା ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଓପୋଲ୍‌ଫେଡ୍ ମାର୍କେଟିଂ ମ୍ୟାନେଜର ତାରିଣୀ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ଉକ୍ତ ସମବାୟର ସଦସ୍ୟ ସଦସ୍ୟା ଓ ଶତାଧିକ କୁକୁଡ଼ା ଚାଷୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଫଳ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣେଶ୍ୱରୀ ପ୍ରାଥମିକ କୁକୁଟ ସମବାୟର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା ରଶ୍ମିତା ପଶ୍ଚିମ କବାଟ ଧନ୍ୟବାଦ ଦେଇଥିଲେ।

## ନାଚୁଣୀ ଯାତ୍ରୀ ବିଶ୍ରାମାଗାର ସମ୍ମୁଖ ପାଲଟିଛି ଡମ୍ପିଂୟାର୍ଡ



ଚିଲିକା,୨୦।୮ (ସମିସ): ସ୍ୱଚ୍ଛ ଭାରତ ମିଶନ ଡକରାକୁ ବେଖାତିର୍ କରି ନାଚୁଣୀ ଗ୍ରାମ ପଞ୍ଚାୟତ ଅଧୀନ ନାଚୁଣୀ ବଜାର କେନ୍ଦ୍ରସ୍ଥଳରେ ତଥା ନାଚୁଣୀ ଗୋଦାବରୀଶ ହାଇସ୍କୁଲ ପ୍ରାଚୀର ପାର୍ଶ୍ୱରେ ଥିବା ଅବ୍ୟବହୃତ ଯାତ୍ରୀନିବାସ ଗୃହ ସମ୍ମୁଖ ଏବେ ଡମ୍ପିଂୟାର୍ଡ ପାଲଟି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ୧୬ ନମ୍ବର ଜାତୀୟରାଜପଥ ପ୍ରଶସ୍ତୀକରଣ ଫଳରେ ପୂର୍ବରୁ ନାଚୁଣୀ ବଜାର ଦେଇ ଯାଇଥିବା ଏହି ରାଜପଥ ୫ ନମ୍ବର ଭାବେ ପରିଚିତ ଥିଲା। ଫଳରେ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାତାୟାତ କରୁଥିବା ଯାତ୍ରୀମାନଙ୍କର ବିଶ୍ରାମ ପାଇଁ ଏହି ବିଶ୍ରାମାଗାରଟି ପ୍ରତିଷ୍ଠିତ ହୋଇଥିଲା। ମାତ୍ର ସମ୍ପ୍ରତି ଏହି ପରିତ୍ୟକ୍ତ ଯାତ୍ରୀନିବାସଟି ଅବ୍ୟବହୃତ ହୋଇ ପଡ଼ିଥିବାବେଳେ ଏହା ସମ୍ମୁଖ ଭାଗରେ ବଜାରର ଯାବତୀୟ ଅଳିଆ ଆବର୍ଜନା ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଅଞ୍ଚଳର ପରିମଳ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି।

## ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ମୂଲ୍ୟବୋଧଭିତ୍ତିକ ସମାବେଶ

ନିରାକାରପୁର,୨୦।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୋକୁଳାନନ୍ଦ ସାହିତ୍ୟ ସଂସଦ ପକ୍ଷରୁ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ମୂଲ୍ୟବୋଧଭିତ୍ତିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ଦିବ୍ୟସିଂହ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ମୁଖ୍ୟ ଅତିଥି ଭାବେ ସନାତନ ମଲ୍ଲିକ (ଅତିରିକ୍ତ ତହସିଲ୍‌ଦାର, ଟାଙ୍ଗୀ), ମୁଖ୍ୟବକ୍ତା ଭାବେ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକ, ରଣଜିତ ଜଗଦେବ, ସମିତିସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ, କବୟିତ୍ରୀ ନିରୂପମା ମହାପାତ୍ର, କମଳ ଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଦୀପ୍ତିରଞ୍ଜନ ପାଇକରାୟ, ଚନ୍ଦ୍ର ମୋହନ ପଟ୍ଟନାୟକ ଓ ବିଭୂକଲ୍ୟାଣ ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ନିମାପଡ଼ା,୨୦।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ସରକାରୀ ଅନୁଦାନ ପରିସରଭୁକ୍ତ ହେବା ପାଇଁ ଗତ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସଂଘର ମହାବିଦ୍ୟାଳୟ ସଂଯୋଜକ ଅଧ୍ୟାପକ ସ୍ୱୟଂ ବିକାଶ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଥିବା ଆନ୍ଦୋଳନରେ ୨୦୦୮ ପରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଛନ୍ତି। ଯେପର୍ଯ୍ୟନ୍ତ ସରକାର ନୂତନ ଅନୁଦାନ ନୀତି ଘୋଷଣା କରିନାହାନ୍ତି ସେପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲିବ ବୋଲି ସଂଘର ସଂଯୋଜକ ଅଧ୍ୟାପକ ଜୀବନ ଦାଶ ପ୍ରକାଶ କରିଛନ୍ତି।

## ଶିକ୍ଷକ ପ୍ରଶିକ୍ଷିକାଙ୍କ ଶ୍ରେଣୀ ଶିକ୍ଷାଦାନ ଯାଞ୍ଚ

ଡେଲାଙ୍ଗ,୨୦।୮ (ସମିସ): ପୁରୀ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ପ୍ରୀତି ପ୍ରତିମା ସ୍ୱାଗତିକା ପାଲ୍ ବୁଧବାର ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଦର୍ଶନ କରି କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଛନ୍ତି। ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଓ ରୋଜାଲିନ୍ ମହାରଣାଙ୍କୁ ଶିଶୁବାଟିକା ପିଲାମାନଙ୍କୁ ଓ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ବହୁଶ୍ରେଣୀୟ ଶିକ୍ଷାଦାନ, ଉପଯୁକ୍ତ ଶିକ୍ଷଣ କୌଶଳ ଓ ଶିକ୍ଷଣ ସାମଗ୍ରୀର ବ୍ୟବହାର ଉପରେ ମଧ୍ୟ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ଶିକ୍ଷୟିତ୍ରୀଙ୍କ ଉତ୍ତମ ଶ୍ରେଣୀ ପରିଚାଳନା, ଶୃଙ୍ଖଳା ଓ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଖାଇ ସେ ସନ୍ତୋଷଜନକ ଟିପ୍ପଣୀ ଦେଇଛନ୍ତି। ପରିଦର୍ଶନ ସମୟରେ ସିଆର୍‌ସିସି ଲୋକନାଥ ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ଆଉ କ'ଣ କଲେ ଶିକ୍ଷଣ ଆହୁରି ଅଧିକ ଆକର୍ଷଣୀୟ ହୋଇପାରିବ ସେ ସମ୍ବନ୍ଧୀୟ ଯଥାଯଥ ସୂଚନା ମଧ୍ୟ ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ଗତ ସପ୍ତାହରେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ବିଇଓ ଶତ୍ରୁଘ୍ନ ବେହେରା ବିଦ୍ୟାଳୟର ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ତୋଷବ୍ୟକ୍ତ କରି ସୁନ୍ଦର ପରାମର୍ଶ କରିଥିଲେ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ନିରାକାରପୁର/କଣାସ,୨୦।୮ (ସମିସ): କଣାସ ବ୍ଲକ୍ ଦିବ୍ୟସିଂହପୁର ପଞ୍ଚାୟତର ପନାଖିରି ଗ୍ରାମର ସମାଜସେବୀ ନବଘନ ପରିଡ଼ାଙ୍କ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ ସ୍ମୃତିଚାରଣ ସଭା ନିରାକାରପୁରସ୍ଥିତ ନିଜ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସଞ୍ଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଶଙ୍କର୍ଷଣ ପ୍ରଧାନ, ଅଞ୍ଚଳର ବହୁ ବୁଦ୍ଧିଜୀବୀ, କବି, ସାହିତ୍ୟିକ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। କୃତିତ୍ୱ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ନବଘନ ପରିଡ଼ା ସ୍ମୃତି ସଂସଦ ତରଫରୁ ଜ୍ୟେଷ୍ଠପୁତ୍ର ରଜନୀକାନ୍ତ ପରିଡ଼ା ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂଯୋଜନା କରିଥିଲେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପାଟ୍ଟଶାଣୀ।

## ବଳଙ୍ଗା ମହାବିଦ୍ୟାଳୟର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ବଳଙ୍ଗା,୨୦।୮ (ସମିସ): ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ବଳଙ୍ଗା ଥାନା ଅନ୍ତର୍ଗତ ନିମାପଡ଼ା ବ୍ଲକ୍ ଅଧୀନ ଶାଇଁସଶାସନ ଓ ବଳଙ୍ଗା ମହାବିଦ୍ୟାଳୟର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ସହ ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପ୍ରଥମେ ବଳଙ୍ଗା ମହାବିଦ୍ୟାଳୟରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଓ ବଳଙ୍ଗା ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନୂତନ ଗୃହ ଉଦ୍‌ଘାଟନ ହୋଇଥିବାବେଳେ ଶାଇଁସଶାସନ ପଞ୍ଚାୟତର ସୁବିଧା କେନ୍ଦ୍ର ୧୦ ଲକ୍ଷ ଟଙ୍କାର ଓ ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଗୃହ ୩୦ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପରେ ଶାଇଁସଶାସନଠାରେ ଏକ ସଭା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ଅଧ୍ୟକ୍ଷ ପ୍ରଭାତ ସାହୁ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ବଳଙ୍ଗା ମଣ୍ଡଳ ସଭାପତି ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଯଚିନ୍ଦ୍ର କୁମାର ସ୍ୱାଇଁ, ଅଞ୍ଜଳି ପ୍ରଧାନ, ସାଂସଦ ପ୍ରତିନିଧି ମିନଲତା ମହାନ୍ତି, ଅର୍ଜୁନ ବରାଳ, ପ୍ରସନ୍ନ ଦାଶ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୭ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଓ ଶୀତଳଭଣ୍ଡାରର ଶିଳାନ୍ୟାସ



ନିମାପଡ଼ା,୨୦।୮ (ସମିସ): ବୁଧବାର ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୭ଟି ବିଦ୍ୟାଳୟର ଅତିରିକ୍ତ ନୂତନ ଶ୍ରେଣୀଗୃହ ଏବଂ ରାଜ୍ୟର ପ୍ରଥମ ଘରୋଇ ଶୀତଳ ଭଣ୍ଡାରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉକ୍ତ ବ୍ଲକ୍ ଅନ୍ତର୍ଗତ ବୁଧେଇ ପ୍ରାଥମିକ ବିଦ୍ୟାଳୟ, କୋପିନ୍ଦ ପାଟୋଳି ଗାଁ ପ୍ରାଥମିକ ବିଦ୍ୟାଳୟ, ନହନ୍ତରା ପ୍ରାଥମିକ ବିଦ୍ୟାଳୟ, ଏକମକୋଣା ପ୍ରାଥମିକ ବିଦ୍ୟାଳୟ, ସଲଙ୍ଗ ପ୍ରାଥମିକ ବିଦ୍ୟାଳୟ, କୋହ୍ଲଣା ପ୍ରାଥମିକ ବିଦ୍ୟାଳୟ, କୁରୁକୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ନୂତନ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୧ ଲକ୍ଷ ୮୨ ହଜାର ଟଙ୍କା ଲେଖାଏଁ ବ୍ୟୟବରାଦ କରାଯାଇଛି। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, କନିଷ୍ଠ ଯନ୍ତ୍ରୀ ସ୍ଥିତିପ୍ରଜ୍ଞା ପଣ୍ଡା, ବିଇଓ କୈଳାଶ ଚନ୍ଦ୍ର ପାଢ଼ୀ, ଏବିଇଓ ସୁଦର୍ଶନ ଭୋଇ, ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବିଜେପି ନେତା ଯତୀନ୍ଦ୍ର ସ୍ୱାଇଁ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସମିତିସଭ୍ୟା ବେବିନା ଜେନା, ପଞ୍ଚାୟତ ବିଜେପି ସଭାପତି ଧନଞ୍ଜୟ ମହାପାତ୍ର, ସନ୍ତୋଷ ପରିଡ଼ା, ଦିଲ୍ଲୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସ୍କିମ୍ ଘୋଷଣା ଆଧାରରେ ଓଡ଼ିଶାରେ ସର୍ବପ୍ରଥମ ଘରୋଇ ଶୀତଳଭଣ୍ଡାର ନିମାପଡ଼ାଠାରେ ଶିଳାନ୍ୟାସ ହୋଇଛି। ୯କୋଟି ୧୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ 'ବରାଳ' ନାମକ ଏହି ଘରୋଇ ଶୀତଳଭଣ୍ଡାର ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏହି ଶୀତଳଭଣ୍ଡାର ନିର୍ମାଣ ପାଇଁ ରାଜ୍ୟ ସରକାର ୬୦ ପ୍ରତିଶତ ସବ୍‌ସିଡି ଯୋଗାଇଦେବେ। ଏଥିରେ ମୋଟ୍ ୭ଟି ଚାମ୍ବର ରହିବ। ପ୍ରତି ଚାମ୍ବରରେ ୪ ଲକ୍ଷ କେଜି ଅର୍ଥାତ ୭ଟି ଚାମ୍ବରରେ ୨୮୪୦ ମେଟ୍ରିକ୍ ଟନ୍ ଖାଦ୍ୟସଶ୍ୟ ରଖିହେବ। ଏହି ଶୀତଳଭଣ୍ଡାର ନିର୍ମାଣ ଯୋଗୁଁ ଏ ଅଞ୍ଚଳର ଚାଷୀ ଉପକୃତ ହେବେ। ୧ ବର୍ଷ ମଧ୍ୟରେ ଏହା ପୂର୍ଣ୍ଣାଙ୍ଗ କରିବାକୁ ଶ୍ରୀମତୀ ପରିଡ଼ା କହିଛନ୍ତି। ବଳଙ୍ଗାରେ ଖୁବ୍‌ଶୀଘ୍ର ଏକ ଶୀତଳଭଣ୍ଡାର ନିର୍ମାଣ କରାଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

ପଞ୍ଚାୟତରେ ଚାଷୀମାନଙ୍କ ଆଗ୍ରହ ଥିଲେ ଚାହିଁଲେ ୧୦ରୁ ଅଧିକ ଚାଷୀ ଏକାଠି ହୋଇ ସୋଲାର କ୍ଷୁଦ୍ର ଶୀତଳଭଣ୍ଡାର ନିର୍ମାଣ କରିପାରିବେ। ଏଥିପାଇଁ ସରକାରଙ୍କ ପକ୍ଷରୁ ସବ୍‌ସିଡି ଯୋଗାଇ ଦିଆଯାଉଛି। ମହିଳାଙ୍କ ନାଁରେ ଶୀତଳଭଣ୍ଡାର ପାଇଁ ଆବେଦନ କଲେ ସରକାର ୬୦ ପ୍ରତିଶତ ସବ୍‌ସିଡି ଯୋଗାଇ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ଶୀତଳଭଣ୍ଡାର ଶୀଳାନ୍ୟାସ ଉତ୍ସବରେ ଘରୋଇ ଶୀତଳଭଣ୍ଡାର ପ୍ରୋପାଇଟର ସୋନାଲୀ ବରାଳ, ବିଷ୍ଣୁ ଚରଣ ବରାଳ, ଡେପୁଟି ଡାଇରେକ୍ଟର ମଞ୍ଜୁଳା ତ୍ରିପାଠୀ, ନିମାପଡ଼ା ଉଦ୍ୟାନ ବିଭାଗର ଅଧିକାରିଣୀ ଶୁଭଶ୍ରୀ କର, ମଡର୍ଣ୍ଣ ରେଫ୍ରିଜେରେସନ ଆଣ୍ଡ ଇଞ୍ଜିନିୟରିଂ କୋ. ଲିମିଟେଡ୍‌ର ନିର୍ଦ୍ଦେଶକ ଅମନପ୍ରୀତ ସିଂହ, ଇଂ. ସିମ୍ରନ୍‌ଜିତ୍ ସିଂହ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କର ପରିଚାଳନା କରିଥିଲେ।

୨୦/୮/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୦,୦୭୪/- ସୁନା: ୦୦.୦୩୦ ଗ୍ରାମ୍ ରୁପା: ୦୭.୩୦୦ ଗ୍ରାମ୍



### ସଂସ୍କୃତ ଦିବସ ସମାରୋହ ଉଦ୍‌ଯାପିତ

## ସଂସ୍କୃତର ଉନ୍ନତିରେ ମଣିଷ ସମାଜର ଉନ୍ନତି

ପୁରୀ,୨୦।୮ (ସମିସ): ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଡ. ହରିପ୍ରିୟା ଦାଶ ସଭାପତିତ୍ୱ କରି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାରେ ରହିଥିବା ଜ୍ଞାନ ଭଣ୍ଡାର ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ପ୍ରଫେସର ସୂର୍ଯ୍ୟମଣି ରଥ ନିଜର ପୂର୍ବ ଅନୁଭୂତିକୁ ସ୍ମରଣ କରି ବର୍ତ୍ତମାନ ମହାବିଦ୍ୟାଳୟର ଉନ୍ନତି ଦିଗରେ ଆଗେଇଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବରେ ପ୍ରଫେସର ଗୌରପ୍ରିୟା ଦାଶ ସଂସ୍କୃତରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଦିନେ ସମାଜରେ ଅଳଙ୍କାର ବା ସୌନ୍ଦର୍ଯ୍ୟ ରୂପେ ସ୍ଥାନ ପାଇବେ ବୋଲି କହିଥିଲେ। ସମାଜସେବୀ ଡ. ରାଧେଶ୍ୟାମ ରଥ ସଂସ୍କୃତର ଉନ୍ନତିରେ ମଣିଷ ସମାଜର ଉନ୍ନତି ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପକ ଡ. ରବିଶଙ୍କର ମିଶ୍ର ବେଦପାଠ କରିବା ସହିତ କାର୍ଯ୍ୟକ୍ରମରେ ହୋଇଥିବା ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପିକା ଡ. ମୀନାରାଣୀ ସାହୁ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. ସୁସ୍ମନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଭିଜିତ୍ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ଅଧ୍ୟାପିକା ଡ. ସସ୍ମିତା ମେକାପ, ଅଧ୍ୟାପିକା ଜ୍ୟୋତିସ୍ମିଗ୍ଧା ସାହୁ, ଅଧ୍ୟାପିକା ବବ୍‌ଲି ମେହେର, ବିସ୍ମିତା ମିଶ୍ର, ଡ. ସଂଘମିତ୍ରା ସ୍ୱାଇଁ, ସୌମିତ୍ରୀ ଦାଶ, ଡ. ଅଭିଜିତ୍ ରାୟ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ବାଙ୍ଗୁରିଗାଁ,୨୦।୮ (ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମ ପଞ୍ଚାୟତ ଛୋଟିପଡ଼ା ଗ୍ରାମର ରମେଶ ମଲ୍ଲ (୪୮)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ବର୍ଷା ଅଭାବରୁ ନିଜ ଚାଷ ଜମିରେ ପାଣି ମଡ଼ାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଛି। ସଠିକ୍ ପରିମାଣରେ ବର୍ଷା ନ ହେବା ଫଳରେ ଚାଷୀମାନେ ନିରୁପାୟ ହୋଇ ଘରଠାରୁ ବହୁତ ଦୂରରେ ଥିବା ଜମିକୁ ବିପଦସଂକୁଳ ଅବସ୍ଥାରେ ତାର ଟାଣି ପାଣି ପମ୍ପ ଦ୍ୱାରା ପାଣି ମଡ଼ାଉଛନ୍ତି। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଦ୍ୱାରା ନିକଟରେ ବହୁ ଚାଷୀଙ୍କର ଜୀବନ ଅକାଳରେ ଚାଲି ଯାଉଥିବାର ଦେଖାଯାଉଛି। ଏଥିପ୍ରତି ସରକାରଙ୍କ ନିଘା ନାହିଁ। ଜନସଚେତନତାର ଆବଶ୍ୟକ ରହିଥିବାରୁ ସରକାର ତଥା ପ୍ରଶାସନ ସଜାଗ ରହିଲେ ବହୁ ଗରିବ ଚାଷୀଙ୍କର ଜୀବନ ରକ୍ଷା ପାଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ୧୧ ଦିନରେ ଅମଲା ସଂଘର ଆନ୍ଦୋଳନ; କାର୍ଯ୍ୟ ବାଧାପ୍ରାପ୍ତ

ବ୍ରହ୍ମଗିରି,୨୦।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲାସ୍ତରୀୟ କାର୍ଯ୍ୟ ବନ୍ଦ ଡକରା ଓ ମୂଳ ଦରମା ଲେବୁଲ ୯ ତଥା ପଦବୀ ପୂନର୍ଗଠନ ଦାବି କରି ଗତ ୧୧ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ନେଇଥିବାରୁ ରାଜ୍ୟବ୍ୟାପୀ ଅନେକ ପ୍ରଭାବ ପଡ଼ିଥିବା ଜଣାପଡ଼ିଛି। ସେହିପରି ପୁରୀ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲା ସଂଘର କାର୍ଯ୍ୟକର୍ତ୍ତାମାନେ ଦୀର୍ଘ ୧୧ ଦିନ ହେଲା ବସିଛନ୍ତି। ଜିଲ୍ଲାରେ ଥିବ ବିଭିନ୍ନ ବ୍ଲକ୍, ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ କାର୍ଯ୍ୟ ନ କରିବାରୁ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ସାଧାରଣତଃ ବ୍ରହ୍ମଗିରି ତହସିଲ୍ ମାଧମରେ ୧୧ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବନ୍ଦ ରହିଛି। ସେଥିପାଇଁ ସାଧାରଣ ଜନତା ଓ ଛାତ୍ରଛାତ୍ରୀଙ୍କର ବିଭିନ୍ନ ଜରୁରୀ ସାର୍ଟିଫିକେଟ୍ ହସ୍ତଗତ ହୋଇପାରୁ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ତେବେ ସରକାର ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସାଧାରଣ ଜନତାଙ୍କୁ କିପରି ସୁବିଧାରେ ଯୋଗାଇଦେଇ ପାରିବେ ସେଥିପ୍ରତି ବିଚାରକୁ ନେଇ ଯଥାଶୀଘ୍ର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

# ପ୍ରଲମ୍ବାସୁରକୁ ବଧକଲେ ବଡ଼ଠାକୁର

ପୁରୀ,୨୦।୮ (ସମିସ): ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବ୍ରଜ ମଣ୍ଡଳରେ ଲୀଳା କରୁଥିଲେ। କଂସ ତାଙ୍କୁ ମାରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ବକାସୁର, ଅର୍ଘାସୁର, ଧେନୁକାସୁରଙ୍କୁ କୃଷ୍ଣ ଓ ବଳରାମ ବଧ କରିଥିଲେ। ତେଣୁ କୃଷ୍ଣ ବଳରାମଙ୍କୁ ମାରିବା ପାଇଁ କଂସ

### ଆଜି କୃଷ୍ଣ-ବଳରାମ ବେଶ

ମହାରାଜ ମାୟାବି ପ୍ରଲମ୍ବାସୁରକୁ ପ୍ରେରଣ କରିଥିଲେ। ପ୍ରଲମ୍ବା ଗୋପାଳ ବାଳକ ବେଶରେ ଗୋପପୁରକୁ ଆସି ବାଳୁତ ଶ୍ରୀକୃଷ୍ଣ, ବାଳରାମଙ୍କ ସହିତ କ୍ରୀଡ଼ା କରିଥିଲେ। କ୍ରୀଡ଼ାରେ ସର୍ତ୍ତ ରହିଥିଲା ଯିଏ ହାରିବ ସିଏ ବିଜେତାଙ୍କୁ ତା' କାନ୍ଧରେ ବସାଇ ଗାଁ ଶେଷରେ ଥିବା ଭାଣ୍ଡିରବଟ (ବରଗଛ) ପର୍ଯ୍ୟନ୍ତ ବୁଲାଇବ। ଆରମ୍ଭ ହେଲା ବଳରାମ ଓ ବାଳକ ପ୍ରଲମ୍ବାଙ୍କ ମଧ୍ୟରେ ବଳ କଷାକଷି। କିନ୍ତୁ ମାୟାବି ପ୍ରଲମ୍ବା ଜାଣିଶୁଣି ବଳରାମଙ୍କଠାରୁ ହାରିଯାଇଥିଲା। ସର୍ତ୍ତ ଅନୁଯାୟୀ, ବିଜେତା



ବଳରାମ ପ୍ରଲମ୍ବା କାନ୍ଧରେ ବସି ଗାଁ ବୁଲିଥିଲେ। ଏହି ସମୟରେ ପ୍ରଲମ୍ବା ବାଳକ ବେଶ ପରିତ୍ୟାଗ କରି ଅସୁର ବେଶରେ ଆକାଶମାର୍ଗକୁ ଗତି କରିଥିଲା। ବଳରାମ ପ୍ରଲମ୍ବାର ମାୟା ଜାଣିପାରି ମୁଷ୍ଟି ପ୍ରହାର କରି ଆକାଶ ମାର୍ଗରୁ ପ୍ରଲମ୍ବାକୁ ଖସାଇ ଦେଇଥିଲେ। ଭୂଇଁରେ ପଡ଼ି ପ୍ରଲମ୍ବାର ମୃତ୍ୟୁ ହୋଇଥିଲା। ଏହି ସ୍ମୃତିକୁ ବହନ କରି ଶ୍ରୀମନ୍ଦିର ରତ୍ନବେଦୀରେ ବିଜେ ଠାକୁରଙ୍କ ପ୍ରଲମ୍ବାସୁର ବଧ ବେଶ ଅନୁଷ୍ଠିତ ହେଉଛି।

ବୁଧବାର ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଏହି ନୀତି ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନଧୂପ ପରେ ବଡ଼ବାଡ଼ରେ ପ୍ରଲମ୍ବାସୁର ବଧ ବେଶ ହୋଇଥିଲା। ପ୍ରଲମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ଦୁଇଗୋଡ଼ ସ୍ଥାପନ କରି ବସିଥିଲେ। ଗୋଟିଏ ଭୂଜ ପ୍ରଲମ୍ବା କାନ୍ଧ ଉପରେ ଏବଂ ଅନ୍ୟଟି ବାହୁ ଉପରେ ରହିଥିଲା। ବାମ ହସ୍ତରେ ବଡ଼ଠାକୁର ଶୋଲରେ ନିର୍ମିତ ପଦ୍ମ ଏବଂ ଦକ୍ଷିଣ ହସ୍ତରେ ଅମୃତଲଡୁ ଧାରଣ କରିଥା'ନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିଥା'ନ୍ତି। ତାଙ୍କ ବାମହାତରେ ଅମୃତ ଲଡୁ ଏବଂ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥା'ନ୍ତି। ମଙ୍ଗଳବାର ମହାପ୍ରଭୁଙ୍କ କୃଷ୍ଣ-ବଳରାମ ବେଶ ଅନୁଷ୍ଠିତ ହେବ।

### ପ୍ରଲମ୍ବାସୁର ବଧ ଲୀଳା

ସନ୍ଧ୍ୟାଧୂପ ପରେ ରାମକୃଷ୍ଣ ଦକ୍ଷିଣୀଘରୁ ମହାଜନଙ୍କ ହାତରେ ରତ୍ନବେଦୀକୁ ବିଜେ ହୋଇଥିଲେ। ପୂର୍ବରୁ ଠାକୁରଙ୍କୁ ଲାଗି ହୋଇଥିବା ଆଜ୍ଞାମାଳ ଚଳନ୍ତି ପ୍ରତିମା ରାମକୃଷ୍ଣଙ୍କୁ ଲାଗି



କରାଇ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଲମ୍ବାସୁର ଜଗମୋହନକୁ ଯାଇଥିଲେ। ସେଠାରେ ସାଥୀରେ ଆସିଥିବା ରାମକୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଲମ୍ବାସୁର ସହିତ ଯୁଦ୍ଧ କରିଥିଲେ। ସେଠାରେ ପ୍ରଲମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଥିଲା।

## ବଡ଼ଦାଣ୍ଡରେ ଇସ୍କନ ଭକ୍ତଙ୍କ ପୁସ୍ତକ ବିକ୍ରିକୁ ନେଇ ଉଦ୍‌ବେଗ



ପୁରୀ,୨୦।୮ (ସମିସ): ବଡ଼ଦାଣ୍ଡରୁ ଉଠା ବ୍ୟବସାୟୀଙ୍କୁ ହଟାଇ ଦିଆଯାଇଛି। ଭକ୍ତଙ୍କ ସୁବିଧା ଏବଂ ଯାତାୟାତଙ୍କୁ ସୁଗମ କରିବା ଲକ୍ଷ୍ୟରେ ମେଡିକାଲ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ କୌଣସି ଉଠା ଦୋକାନୀଙ୍କୁ ବସାଯାଉ ନାହିଁ। ଅନ୍ୟପକ୍ଷରେ ଏହାକୁ ବିରୋଧ କରି ବଡ଼ଦାଣ୍ଡ ଉଠା ବ୍ୟବସାୟୀମାନେ ବର୍ଷେରୁ ଅଧିକ ହେବ ଧାରଣାରେ ବସିଛନ୍ତି। ସେମାନଙ୍କ କଥା ଶୁଣାଯାଉ ନ ଥିବାବେଳେ ଏବେ ବିଚିତ୍ର ଦୃଶ୍ୟ ସାମ୍ନାକୁ ଆସିଛି। ମଙ୍ଗଳବାର ସନ୍ଧ୍ୟାରେ ବଡ଼ଦାଣ୍ଡରେ ବହି ବିକ୍ରି ପସରା ମେଲିଥିଲେ ଇସ୍କନ ଭକ୍ତ। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଯୁବ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା। ସେ କହିଛନ୍ତି, ସରକାର ବଡ଼ଦାଣ୍ଡରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କଲେ। ସେମାନେ ତାଙ୍କ ହକ୍ ପାଇଁ ଆନ୍ଦୋଳନ ଚଳାଇଛନ୍ତି। ତାଙ୍କ ଦୁଃଖ ପ୍ରଶାସନ ଶୁଣୁ ନ ଥିବାବେଳେ ସେମାନେ ପରିବାର ପ୍ରତିପୋଷଣ ପାଇଁ ହଇରାଣ ହେଉଛନ୍ତି। କିନ୍ତୁ ବଡ଼ଦାଣ୍ଡରେ ଏବେ ବେପାର ପସରା ମେଲାଇଲେଣି ଇସ୍କନ ଭକ୍ତ। ବିଶେଷକରି ବିଦେଶୀ ଭକ୍ତଙ୍କୁ ଆଗକୁ ଛାଡ଼ି ଇସ୍କନ ବଡ଼ଦାଣ୍ଡରେ ତା'ର ଉପସ୍ଥିତ ଜାହିର କରୁଛି ବୋଲି ସ୍ୱାଧୀନ କହିଛନ୍ତି। ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ଏହା ବିରୋଧରେ ଅନ୍ୟମାନେ ସ୍ୱର ଉଠାଇବା ଲାଗି କହିଛନ୍ତି।

## ଶବର ସମାଜ ଓ ସଂସ୍କୃତିର ବିକାଶ ଦାବି

ପୁରୀ,୨୦।୮ (ସମିସ): ସ୍ଥାନୀୟ ପୌର ସଦନଠାରେ ରାଜ୍ୟସ୍ତରୀୟ ଶବର ସମାଜ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ ଜିଲ୍ଲାର ଶବର ଯୋଗଦେଇଥିଲେ। ସଭା ପୂର୍ବରୁ ଶବର ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରା କରିଥିଲେ। ସେମାନେ ଶୋଭାଯାତ୍ରାରେ ଆସି ଟାଉନ୍ ହଲ୍ ପରିସରରେ ପହଞ୍ଚିଥିଲେ। ଆୟୋଜିତ ଚିନ୍ତନ ଶିବିରରେ ଯୋଗଦେଇଥିବା ଅତିଥିମାନେ କହିଥିଲେ, ପ୍ରାଚୀନ ଜନଜାତି ଶବରମାନେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ତଥା ଦାୟାଦ। ଶ୍ରୀଜଗନ୍ନାଥ ଆଦିବାସୀ ଶବରମାନଙ୍କ ଦେବତା। ଶ୍ରୀଜଗନ୍ନାଥ ସଂସ୍କୃତି ଶବର ସଂସ୍କୃତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶବର ସମାଜ ଓ ଶବର ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା




ଦରକାର। ରାଜ୍ୟରେ ଶବର ଉନ୍ନୟନ ପରିଷଦ ଗଠନ, ପ୍ରତି ବ୍ଲକ୍‌ସ୍ତରରେ ଶବର ସାଂସ୍କୃତିକ ଗୃହ ନିର୍ମାଣ ଓ ପୁରୀରେ ଶବର ସମାଜ ପାଇଁ ନୀଳମାଧବ ଓ ବିଶ୍ୱାବସୁଙ୍କ ନାମରେ ଧର୍ମଶାଳା ନିର୍ମାଣ ପାଇଁ ସଭାରେ ଦାବି ଉଠିଥିଲା।

ନିକଟରେ ରାଜ୍ୟ ସରକାର ଶବର ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେଇଛନ୍ତି। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ପ୍ରତିଷ୍ଠା ଓ ନିଯୁକ୍ତି କ୍ଷେତ୍ରରେ ଶବରମାନେ ଏବେ ବି ଅବହେଳିତ। ବିଶେଷକରି ଓଡ଼ିଶାର ପୁରୀ, ଖୋର୍ଦ୍ଧା, କଟକ ଓ ନୟାଗଡ଼ ଜିଲ୍ଲାରେ ଶବରମାନେ ନିଶ୍ଚିହ୍ନ ହେବାକୁ ବସିଲେଣି। ହିନ୍ଦୁ ଉତ୍ତରାଧିକାରୀ ସ୍ୱତ୍ତ୍ୱ ନିୟମ ୫ ଧାରାରେ ଉତ୍ତରାଧିକାରୀ ସ୍ୱତ୍ତ୍ୱରେ ନିର୍ଭରଯୋଗ୍ୟ ଝିଅମାନଙ୍କର ସମ୍ପତ୍ତି ଉପରେ ହକ୍ ଦାବିର ପୂର୍ବ ଅଧିନିୟମକ ପୁନଃସ୍ଥାପନ, ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ମାନ୍ୟତା, ପୁରୀ ମଧ୍ୟଭାଗରେ ଅବସ୍ଥିତ ଛକକୁ ବିଶ୍ୱାବସୁଙ୍କ ନାମରେ ନାମିତ କରାଯିବା ସହ ପ୍ରତିମୂର୍ତ୍ତି ସ୍ଥାପନ ଆଦି ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରାଚୀନ ମହାକାବ୍ୟ ରାମାୟଣ, ମହାଭାରତ ଓ ପୁରାଣ ପ୍ରଭୃତିରେ ଶବର ଜନଜାତିର ଐତିହ୍ୟ, ଗୌରବ ଓ ପରମ୍ପରାର ବର୍ଣ୍ଣନା ରହିଛି। ସରକାରୀ ପ୍ରୋତ୍ସାହନ ଓ ଇଚ୍ଛାଶକ୍ତିର ଅଭାବ କାରଣରୁ ଏହି ପ୍ରାଚୀନ ଜନଜାତି ଶବର ସମାଜର ଭାଷା, ଧର୍ମ, ସଂସ୍କୃତି, ଐତିହ୍ୟ, ପରମ୍ପରା, ରୀତିନୀତି ଓ ଚଳଣି ଲୋପ୍ ପାଇବାକୁ ବସିଥିବାରୁ ସମସ୍ତେ ଶିବିରରେ ସଂକଳ୍ପ ନେଇଥିଲେ। ଶବର ସମାଜକୁ ଏକତ୍ରିତ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ପ୍ରାଚୀନ ଜନଜାତି ଶବର ସମ୍ପ୍ରଦାୟର ଯୁବତୀମାନେ ପାରମ୍ପରିକ ପୋଷାକ ପରିଧାନ କରି ନୃତ୍ୟ ପରିବେଷଣ କରିଥିଲେ। ବିଶେଷକରି ପଶ୍ଚିମ ଓଡ଼ିଶାରୁ ଆସିଥିବା ଏହି ଶବର ଯୁବତୀଙ୍କ ନୃତ୍ୟ ବେଶ୍ ମନଲୋଭା ହୋଇଥିଲା। ରାଜ୍ୟ ଶବର ସମାଜ ଅଧ୍ୟକ୍ଷ ବିଦ୍ୟାଧର ଦେହୁରୀ, ସଂଯୋଜକ ସତ୍ୟନାରାୟଣ ଭୋଇ, ପୁରୀ ଜିଲ୍ଲା ଶବର ସମାଜ ନୋ ପ୍ରତାପ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଶିବିର ବେଶ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।

### ଚାରିନଳା ଗଣେଶ ପୂଜା

## ଗାଁର ଛୋଟ ପିଲା ଗଢୁଛନ୍ତି ବଡ଼ ମୂର୍ତ୍ତି

ପୁରୀ,୨୦।୮ (ସମିସ): ଆସୁଛି ଗଣେଶ ପୂଜା। ବିଘ୍ନ ବିନାଶକଙ୍କୁ ଆରାଧନା ପାଇଁ ସବୁଆଡ଼େ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ପୁରପଲ୍ଲୀରେ ପୂଜା ପାଇବେ ଅଗ୍ରପୂଜ୍ୟ। ପୁଣି କ୍ଲବ୍‌ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନରେ ମଧ୍ୟ ହେବ ଗଣେଶ ପୂଜା। କେହି କେହି ମୂର୍ତ୍ତି କିଣିଆଣିବାକୁ ଯୋଜନା କରିଥିବାବେଳେ ଆଉ କେତେକ ସ୍ଥାନରେ ନିଜେ ମୂର୍ତ୍ତି ତିଆରି କରୁଛନ୍ତି। ବିଶେଷକରି କ୍ଲବ୍ ଏବଂ ସାହିରେ ଅନୁଷ୍ଠିତ ହେବାକୁ ଥିବା ପୂଜା ପାଇଁ ସେମାନେ ନିଜେ ହିଁ ମୂର୍ତ୍ତି ଗଢ଼ିଥା'ନ୍ତି। ବିଭିନ୍ନ ସ୍ଥାନରେ କାରିଗରକୁ ଡାକି ମୂର୍ତ୍ତି ଗଢ଼ାଯାଉଥିବା ବେଳେ ପୁରୀ ସଦର ବ୍ଲକ୍ ଚାରିନଳାରେ କିନ୍ତୁ ପୂଜା ଅତ୍ୟନ୍ତ ନିଆରା। ଏଠାରେ ଗାଁର ଛୋଟ ପିଲାମାନେ ମିଶି ପ୍ରତିବର୍ଷ ବିରାଟ ଗଣେଶ ମୂର୍ତ୍ତି ତିଆରି କରିଥା'ନ୍ତି। ଏବର୍ଷ ମଧ୍ୟ ମୂର୍ତ୍ତି ନିର୍ମାଣ ଜୋର୍‌ସୋରରେ ଆଗେଇ ଚାଲିଛି।

ଆସନ୍ତା ୨୭ ତାରିଖରେ ପବିତ୍ର ଗଣେଶ ପୂଜା। ବିଭିନ୍ନ ପୂଜା କମିଟି ସହ ସଂଘ, ଅନୁଷ୍ଠାନ ପକ୍ଷରୁ ପୂଜା ପାଇଁ ପ୍ରସ୍ତୁତି ଚାଲିଛି। ପୁରୀ ସଦର ବ୍ଲକ୍ କାଶୀହରିପୁର ପଞ୍ଚାୟତ ଅନ୍ତର୍ଗତ ଚାରିନଳା ଅଞ୍ଚଳର ଛୋଟ ପିଲାମାନେ ମିଶି ଏକ ବିରାଟ ଗଣେଶ ମୂର୍ତ୍ତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏହି ଗାଁର ଗଣେଶ ପୂଜା ଅତ୍ୟନ୍ତ ନିଆରା। ବିନା କୌଣସି ପ୍ରଶିକ୍ଷଣରେ ଗାଁର ପିଲାମାନେ ମିଶି ପ୍ରତିବର୍ଷ ନିଜେ ବଡ଼ ଗଣେଶ ମୂର୍ତ୍ତି ତିଆରି କରିଥା'ନ୍ତି। ଚାରିନଳା ବାସିନ୍ଦା ବସନ୍ତ କୁମାର ପଣ୍ଡା କୁହନ୍ତି, ଗାଁର ଶିବୁନା ସ୍ୱାଇଁ ନିଜ ଗୁରୁଙ୍କ ସହ ଆସାମ ଯାଇଥିବାବେଳେ ସେଠାରୁ ଫାଇବର ଗଗେଶ ମୂର୍ତ୍ତି ଡିଜାଇନ୍ ଶିଖି ଆସିଥିଲେ। ଅଠରନଳାରେ ମୂର୍ତ୍ତି ନିର୍ମାଣର କୌଶଳ ଶିଖିଥିଲେ। ବିନା କୌଣସି ପାରିଶ୍ରମିକ କିମ୍ବା ପ୍ରଶିକ୍ଷଣରେ ଶିବୁନା ଗାଁର ଅନ୍ୟ ଛୋଟ ଛୋଟ ପିଲାଙ୍କ ସହ ମିଶି ୫ ବର୍ଷ ହେବ ଏଭଳି ବିରାଟ ଗଣେଶ ମୂର୍ତ୍ତି ନିର୍ମାଣ କରିଆସୁଛନ୍ତି। ଗାଁରେ ଥିବା ମା' ବସନ୍ତେଇ କ୍ଲବ୍‌ର ସଦସ୍ୟ ପୂଜା ଆୟୋଜନରେ ସହଯୋଗ କରିଥା'ନ୍ତି। କ୍ଲବ୍‌ରେ ୮୦ ଜଣ ସଦସ୍ୟ ରହିଥିବାବେଳେ ପୁରୁଖା ସଦସ୍ୟମାନେ ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ସପ୍ତାହବ୍ୟାପୀ ହେଉଥିବା ଗଣେଶ ପୂଜା ଆୟୋଜନରେ ସମସ୍ତ ପ୍ରକାର ସହଯୋଗ ରଖିଥା'ନ୍ତି। ଛୋଟ ପିଲାମାନେ ଏକତ୍ର ମିଶି ଏଭଳି ଗଣେଶ ପୂଜା କରି ଗାଁରେ ଭାଇଚାରା ସୃଷ୍ଟି ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରି ଆସୁଛନ୍ତି। ସେମାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।



### ଜିୟର ସ୍ୱାମୀ ମଠରେ ଅମୃତ କଥା ପ୍ରବଚନ

## 'ଆତ୍ମାର ଜ୍ଞାନ ତପସ୍ୟା ଦ୍ୱାରା ପ୍ରାପ୍ତ ହୁଏ ନାହିଁ'

ପୁରୀ,୨୦।୮ (ସମିସ): ଜିୟର ସ୍ୱାମୀ ମଠରେ ଅନୁଷ୍ଠିତ ହୋଇଛି ଅମୃତ କଥା ପ୍ରବଚନ। ଏଥିରେ କଥା ବ୍ୟାସ ଅନନ୍ତ ବିଭୂଷିତ ଜଗଦ୍‌ଗୁରୁ ଶ୍ରୀ ଶ୍ରୀ ୧୦୦୮ ସ୍ୱାମୀ ଶ୍ରୀ ରଙ୍ଗନାଥାଚାର୍ଯ୍ୟ ମହାରାଜ ପୀଠାଧିପତି ଶ୍ରୀ ରାମାନୁଜ କୋଟ ଉଜ୍ଜୟିନୀ, ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ସପ୍ତାହ ପାଠ କରିବା ସମୟରେ କହିଥିଲେ, ଯଦି ତୁମେ ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ ଚାହୁଁଛ ତେବେ ତୁମର ଚିନ୍ତା ଛାଡ଼ି ଭାବନା କର। କେବେବି କୌଣସି ସନ୍ଥଙ୍କ ପାଖକୁ ଯାଅ ନାହିଁ ଏବଂ ଗୃହସ୍ଥ ଜୀବନ ବିଷୟରେ ଆଲୋଚନା କରନାହିଁ। ଆତ୍ମାର ଜ୍ଞାନ କେବେ ତପସ୍ୟା ଦ୍ୱାରା ପ୍ରାପ୍ତ ହୁଏ ନାହିଁ। ଆତ୍ମା କେବଳ ଚିନ୍ତନର ବିଷୟ। ଯଦି କେହି ଥରେ ଗୋବିନ୍ଦଙ୍କ ନାମ ଜପ କରନ୍ତି, ସେ ସ୍ୱପ୍ନରେ ମଧ୍ୟ ଯମରାଜ ପୁରୀକୁ ଦେଖନ୍ତି ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ପ୍ରଭୁଙ୍କୁ ସ୍ମରଣ କରାଯିବା ଉଚିତ୍। ଗାଈ ହେଉଛନ୍ତି ଜଗତର ମାତା। ଯଦି ଗୋଟିଏ ଗାଈର ସେବା କର ତେବେ ୩୩ କୋଟି ଦେବତାଙ୍କ ସେବା କରିବାର ପୁଣ୍ୟ ମିଳିବ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ ନିଜ ଦେଶରେ ଗାଈକୁ ସୁରକ୍ଷା ମିଳିପାରୁ ନାହିଁ।

ଏହି ଭାଗବତ ଜ୍ଞାନଯଜ୍ଞ ଅବସରରେ ବେଦ ପାଠଶାଳାର ଶିକ୍ଷକ ଏବଂ ଛାତ୍ରମାନଙ୍କୁ



### ଈଶ୍ୱରଙ୍କୁ ପାଇବା ପାଇଁ ଚିନ୍ତା ଛାଡ଼ି ଚିନ୍ତନ କର

ଦେବୋତ୍ତର ବିଭାଗର କମିଶନର ଲଲାଟେନ୍ଦୁ ଜେନା ମଠର ଯୁବରାଜ ସୁଦର୍ଶନ ରାମାନୁଜ ଦାସଙ୍କ ନେତୃତ୍ୱରେ ଅଙ୍ଗବସ୍ତ୍ର ଏବଂ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ। ମଠର ଶିକ୍ଷକମାନେ ଲଲାଟେନ୍ଦୁ ଜେନାଙ୍କୁ ବୈଦିକ ମନ୍ତ୍ର ମଧ୍ୟରେ ଅଙ୍ଗବସ୍ତ୍ର ଏବଂ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଭାବେ ଶ୍ରୀ ଶ୍ରୀ ୧୦୦୮ ସ୍ୱାମୀ ଇନ୍ଦିରା ରମଣାଚାର୍ଯ୍ୟ ପୀଠାଧୀଶ୍ୱର ଶ୍ରୀଜିୟର ସ୍ୱାମୀ ମଠ ପୁରୀ ଏବଂ ପୀଠାଧୀଶ୍ୱର ନୌମିଷ ନାଥ ଭଗବାନ ରାମାନୁଜ କୋଟ, ଅଷ୍ଟମ ଭୂ-ବୈକୁଣ୍ଠ ନୌମିଷରଣ୍ୟ ପରମପୂଜ୍ୟ ଜଗତ୍‌ଗୁରୁ ୧୦୦୮ ସ୍ୱାମୀ ଶ୍ରୀ ନାରାୟଣାଚାର୍ଯ୍ୟ ଅଯୋଧ୍ୟା ଧାମ, ସ୍ୱାମୀ ମାଧବ ପ୍ରପନ୍ନାଚାର୍ଯ୍ୟ ଯୁବରାଜ ରାମାନୁଜ କୋଟ ଅବନ୍ତିକା ପୀଠ, ଡ. ବିଜୟ ନାରାୟଣ ମହନ୍ତ କଟକୀ ମଠ, ସ୍ୱାମୀ ନାରାୟଣାଚାର୍ଯ୍ୟ ରାମାନୁଜ ଦାସ ଉତ୍ତରପାର୍ଶ୍ୱ ମଠ, ସ୍ୱାମୀ ରାମପୁକାର ରାମାନୁଜ ଦାସ ଗୟା, ରାମକୃଷ୍ଣ ଭବନ ପୁରୋହିତ ଶ୍ରୀ ଜୀ ସ୍ୱାମୀ ପୁରୀ, ସ୍ୱାମୀ ରାମ ପ୍ରପନ୍ନାଚାର୍ଯ୍ୟ ମୁଖ୍ୟ ପୂଜାରୀ ନୈମିଷନାଥ ଭଗବାନ ରାମ ନାରାୟଣ ଶାସ୍ତ୍ରୀ ରାମାନୁଜ ଦାସ, ସମ୍ପାଦକ ରାମାନୁଜ, ବୃନ୍ଦାବନ ରାମ ଆଧାର ଗୌତମ ରାମାନୁଜ ଦାସ କଟନୀ ସୁଦର୍ଶନ ଶାସ୍ତ୍ରୀ, ଶ୍ରବଣ ଗନ୍ଧର୍ବ କମଲ ଜୀ ରାଓ, ସୁରେଶ ଜୀ ରାଓ, ଆଶିଷ ବୈଦିକ, ଚିତ୍ତରଞ୍ଜନ ଶୁକ୍ଳା, ପୁନିତ ତିୱାରୀ, କିଶୋରୀ ରାମାନୁଜ ଦାସ ଜୀ ନାରାୟଣୀ ରାମାନୁଜ ଦାସୀ, ସନ୍ଧ୍ୟା ରାମାନୁଜ ଦାସୀ, ଶ୍ରଦ୍ଧା ରାମାନୁଜ ଦାସୀ, ଧର୍ମାଚାର୍ଯ୍ୟ ଓମ୍ ପ୍ରକାଶ ପାଣ୍ଡେଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ଥିଲେ।

## ଓଆର୍‌ଭି ଆକ୍ଟ କାର୍ଯ୍ୟକାରୀ ଦାବି କଲା କଂଗ୍ରେସ

### ପଦକ୍ଷେପ ନ ନେଲେ ଆଇନ ଅମାନ୍ୟ ଆନ୍ଦୋଳନ ଚେତାବନୀ

ପୁରୀ,୨୦।୮ (ସମିସ): ଓଡ଼ିଶାରେ ଓଆର୍‌ଭି ଆକ୍ଟ ଅର୍ଥାତ୍ ଓଡ଼ିଶା ପଦବୀ ଏବଂ ସେବାରେ ଖାଲି ପଦବୀ ସଂରକ୍ଷଣ (ଅନୁସୂଚିତ ଜାତି ଓ ଜନଜାତି ପାଇଁ) ଆଇନ ୧୯୭୫ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏହି ନିୟମର ରୁଲ୍ ୩ ଅନୁଯାୟୀ ରାଜ୍ୟର ଥିବା ବିଭିନ୍ନ ବିଭାଗରେ ପ୍ରତିବର୍ଷ ରୋଷ୍ଟର ବାହାରିବା କଥା। ଏହି ରୋଷ୍ଟର ଅନୁଯାୟୀ କେଉଁ ବିଭାଗରେ କେତେ ପଦବୀ ଅଛି, ସେହି ପଦବୀ ମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ପାଇଁ କେତୋଟି ପଦବୀ ରହିଛି ତାହା ସ୍ପଷ୍ଟ କରାଯିବା କଥା। କିନ୍ତୁ ତାହା ହେଉନାହିଁ। ସୂଚନା ଅଧିକାର ଆଇନ ଅନୁଯାୟୀ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଥିବା କହିଛନ୍ତି ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ। ବୁଧବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମଲ୍ଲିକ କହିଥିଲେ ଯେ କେବଳ ଏତିକି ନୁହେଁ ଓଆର୍‌ଭି ଆଇ ଧାରା ୧୫ ଅନୁଯାୟୀ ଓଡ଼ିଶା ବିଧାନସଭାର ଯେଉଁ ତଦାରଖ କମିଟି ହେବା କଥା ତାହା ମଧ୍ୟ ଦୀର୍ଘ ବର୍ଷ ହେଲା ହୋଇନାହିଁ। ସେହିପରି ୯୩ତମ ସମ୍ବିଧାନ ସଂଶୋଧନକୁ ରାଜ୍ୟ ସରକାର ଆଇନରେ ପରିଣତ କଲେ ଦୁର୍ବଳ ବର୍ଗର ଲକ୍ଷାଧିକ ଛାତ୍ରଛାତ୍ରୀ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ସଂରକ୍ଷଣ ପାଇ ଶିକ୍ଷାଲାଭ ସୁଯୋଗ ପାଇପାରନ୍ତେ। କିନ୍ତୁ ଓଡ଼ିଶା



ସରକାର ଦୁର୍ବଳ ବର୍ଗ ଯଥା- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କର ତଥା କଂଗ୍ରେସ ଦଳର ଦୀର୍ଘ ଦିନର ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଯଦି ସରକାର ଖୁବ୍‌ଶୀଘ୍ର ଏ ଦିଗରେ ସବିଶେଷ ପଦକ୍ଷେପ ଗ୍ରହଣ ନ କରନ୍ତି ରାଜ୍ୟ କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ତଥା ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ କରିବ ବୋଲି ଶ୍ରୀ ମଲ୍ଲିକ କହିଥିଲେ।

ଅନ୍ୟପକ୍ଷରେ ଏହି ଅବସରରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ପିସିସି ଅନୁସୂଚିତ ଜାତି ପ୍ରକୋଷ୍ଠର ଅଧ୍ୟକ୍ଷ ଶ୍ରୀ ମଲ୍ଲିକ ରାଜୀବ ଗାନ୍ଧୀଙ୍କ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ରାଜନୈତିକ ନିଷ୍ପତ୍ତି ଯଥା- ଗ୍ରାମାଞ୍ଚଳ ଉନ୍ନତି ପାଇଁ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା କିପରି ସେ ପ୍ରଚଳନ କରିଥିଲେ ତାହା ଉପରେ ଅବତାରଣା ରଖିଥିଲେ। ସେହିପରି ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ରାଜୀବ ଗାନ୍ଧୀ ସମର୍ଥ ହୋଇଥିଲେ ବୋଲି ସେ କହିବା ସହ ରାଜୀବ ଗାନ୍ଧୀଙ୍କ ଜୀବନ ବେଶ୍ ଲମ୍ବା ନ ଥିଲା। କିନ୍ତୁ ସେ ଆଜି ସମସ୍ତଙ୍କ ପାଖରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଜୀବନ ଲମ୍ବା ନୁହେଁ, ମହାନ ହେବା ଉଚିତ୍ ଏହା ରାଜୀବ ଗାନ୍ଧୀଙ୍କ ଜୀବନ ଶିକ୍ଷା ଦେଇଛି ବୋଲି ଶ୍ରୀ ମଲ୍ଲିକ କହିଥିଲେ। ଅନ୍ୟ ବକ୍ତାମାନେ ରାଜୀବ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଉଲ୍ଲେଖନୀୟ ଟିପ୍ପଣୀ ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ସରସ୍ୱତୀ ପାତ୍ର, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ସୀତାକାନ୍ତ ମହାନ୍ତି, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, କାଳୀପ୍ରସାଦ ନାୟକ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ଜିବେଶ ଚନ୍ଦ୍ର ରଥ, ଅମିୟ ମହାପାତ୍ର, ମିଟୁ ସାମନ୍ତରାୟ, ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଜଣେ ବ୍ୟକ୍ତିର ପଡ଼ୋଶୀ ବେରୋଜଗାର ହେଲେ 'ପାରିପାର୍ଶ୍ୱିକ-ସ୍ଥାଣୁତା' ସୃଷ୍ଟି ହୁଏ, ନିଜେ ସେହି ପରିସ୍ଥିତିରେ ପଡ଼ିଲେ ତା' ପାଇଁ ଅବସାଦ ଜନ୍ମ ନିଏ।
-ଏଚ୍ ଏସ୍ ଟ୍ରୁମ୍ୟାନ୍

ସକାଳ
THE SAKALA

## ଚାପରେ ନେତାନ୍ୟାହୁ

ରୁଷ – ୟୁକ୍ରେନ ଯୁଦ୍ଧ ଓ ଗାଜାପଟିରେ ଇସ୍ରାଏଲର ନରସଂହାର ରୋକିବା ସକାଶେ ଯେଉଁ ପ୍ରୟାସ ଚାଲିଛି ତାହାର ପୃଷ୍ଠଭାଗରେ ଅଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ହାସଲର ମହତ ଆକାଂକ୍ଷା। ତେଣିକି ସେ ଯୁଦ୍ଧ ବିରତି ହେଉ ବା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା। ଏଠାରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେରିକାର ପ୍ରତ୍ୟକ୍ଷ ସାମରିକ ସାହାଯ୍ୟ ବିନା ନା ୟୁକ୍ରେନ ନା ଇସ୍ରାଏଲ ଅଧିକ ଦିନ ଯୁଦ୍ଧ ଜାରି ରଖିବା ସମ୍ଭବ ନୁହେଁ। ଏକଥା ସତ ଯେ ଟ୍ରମ୍ପଙ୍କ ଆଶୀର୍ବାଦ ବିନା ଏହି ଦୁଇଟି ଯୁଦ୍ଧ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ୨୨ ମାସ ଧରି ଇସ୍ରାଏଲ ଚଳାଇଥିବା ହମାସ ବିରୋଧୀ ନରସଂହାର ଏବଂ ଯୁଦ୍ଧର ଭୟଙ୍କର ତାଡ଼ନାରେ ମରିଯାଉଥିବା ଜନଜୀବନକୁ ସୁରକ୍ଷା ଦେବା ସକାଶେ ବିଶ୍ୱ ଜନମତ ସୃଷ୍ଟି ହୋଇଛି। ଗୋଟିଏ ପକ୍ଷରେ କ୍ଷମତାରେ ତିଷ୍ଠି ରହିବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯୁଦ୍ଧକୁ ଲମ୍ବା ସମୟ ଧରି ଜାରି ରଖିବାକୁ ଚାହୁଁଥିବା ବେଳେ ଇସ୍ରାଏଲରେ ଗାଜା ଯୁଦ୍ଧର ପରିସମାପ୍ତି ଦାବି କରି ପ୍ରତିବାଦର ସ୍ୱର ଦିନକୁ ଦିନ ଶାଣିତ ହେବାର ଲାଗିଛି। ଅନ୍ୟପକ୍ଷରେ ଆମେରିକାର ଯେଉଁ ୟୁରୋପୀୟ ମିତ୍ର ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଓ ସାହାଯ୍ୟ ଯୋଗାଇ ଆସୁଥିଲେ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ସପକ୍ଷରେ ଇଂଲଣ୍ଡ ଓ ଫ୍ରାନ୍ସ ସ୍ପଷ୍ଟ ମତ ଦେଇଥିବା ବେଳେ ଜର୍ମାନୀର ଚାନସେଲର ଇସ୍ରାଏଲକୁ ସାମରିକ ସହାୟତା ଯୋଗାଣ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ରୁଷ ଓ ଚୀନର ଭୂମିକା ନେଇ ନେତାନ୍ୟାହୁ ଚିନ୍ତା ପ୍ରକଟ କରିଛନ୍ତି।

ଆମେରିକା ପ୍ରୋତ୍ସାହନରେ ମିଶରର ରାଜଧାନୀ କାଇରୋରେ କାତାର ଉପସ୍ଥିତିରେ ଆରମ୍ଭ ହୋଇଥିବା ଯୁଦ୍ଧ ବିରତି ଆଲୋଚନାରେ ହମାସ ପ୍ରତିନିଧି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିକ୍ରିୟା ଶୂନ୍ୟ ଅବସ୍ଥାରେ ଇସ୍ରାଏଲ ପରିସ୍ଥିତି ଉପରେ ନଜର ରଖିଛି। ଖୁବ୍‌ଶୀଘ୍ର ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ୱିଟକଫ କାଇରୋରେ ଆସି ପହଞ୍ଚିଥିବାର ଖବର ମିଳିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏହି ପ୍ରସ୍ତାବିତ ଅସ୍ତ୍ରବିରତି ପ୍ରତି ଟ୍ରମ୍ପଙ୍କ ସମର୍ଥନ ରହିଛି। ଗାଜାପଟିରେ ଉପୁଜିଥିବା ମାନବୀୟ ସଙ୍କଟର ଜରୁରୀ ଅବସାନ ପାଇଁ ପଡୁଥିବା ଚାପକୁ ଆମେରିକା ଆଉ ବେଶୀଦିନ ପ୍ରତିରୋଧ କରିବା ସମ୍ଭବ ନୁହେଁ। ଏହି ୨୨ ମାସ ଧରି ଚାଲିଥିବା ଯୁଦ୍ଧରେ ମହିଳା ଓ ଶିଶୁଙ୍କ ସମେତ ୬୫ ହଜାର ଲୋକଙ୍କ ଗାଜାପଟିରେ ମୃତ୍ୟୁ ଘଟିଥିବା ବେଳେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆନ୍ତର୍ଜାତିକ ସମୁଦାୟ ପକ୍ଷରୁ ଆସୁଥିବା ରିଲିଫ ଖାଦ୍ୟ ସାମଗ୍ରୀ ଓ ଔଷଧପତ୍ରର ଗତିରୋଧ କରାଯାଇଥିବାରୁ ଭୟଙ୍କର କ୍ଷୁଧା ନିପୀଡ଼ନର ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ପ୍ରସ୍ତାବିତ ଯୁଦ୍ଧ ବିରତି ସର୍ତ୍ତ ଅନୁଯାୟୀ ୬୦ ଦିନ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ବିନା ସଂଶୋଧନରେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିଛି। ପ୍ରଥମ ପର୍ଯ୍ୟାୟରେ ୧୦ ଇସ୍ରାଏଲ ବନ୍ଧକ ଓ କିଛି ମୃତଦେହ ପ୍ରଦାନ ସପକ୍ଷରେ ମତବ୍ୟକ୍ତ ପ୍ରକାଶ ପାଇଛି। ୨୦୨୩ ଅକ୍ଟୋବରରେ ହମାସ ୨୫୧ ପଣବନ୍ଦୀଙ୍କ ଅଟକ ରଖିବା ଘଟଣାରେ ଗାଜାପଟି ଦଖଲ ଉଦ୍ୟମ ଆରମ୍ଭ କରିଥିଲା ଇସ୍ରାଏଲ। ସମାନଙ୍କ ମଧ୍ୟରୁ ୨୭ ମୃତକଙ୍କ ସହ ୪୯ ଜଣ ଏବେ ମଧ୍ୟ ଗାଜାରେ ଅଟକ ଅଛନ୍ତି। ଏହା ଅବଶ୍ୟ ଇସ୍ରାଏଲ ସାମରିକ ବାହିନୀର ଦାବି। ଏଥିରୁ ସ୍ପଷ୍ଟ ଯେ ପଣବନ୍ଦୀଙ୍କ ମଧ୍ୟରୁ କେତେ ଜୀବିତ ଓ ମୃତ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଇସ୍ରାଏଲ ପାଇଁ ବନ୍ଦୀଙ୍କ ମୁକ୍ତି ଏକ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତଙ୍କୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇଛି ଜିହାଦୀ ସଂଗଠନ। ସମସ୍ୟାର ସାମାଧାନର ଏକ ବୃହତ୍ତର ଦିଗ ଉପରେ ଆପୋସ ଆଲୋଚନାର ପଥ ପରିଷ୍କାର ହେବା ଉଚିତ। ମିଶର ଓ କାତାରର ଏହି ପ୍ରସ୍ତାବ ପ୍ରତି ହମାସର ସବୁଗୋଷ୍ଠୀ ସମର୍ଥନ ଓ ସହଯୋଗ କରୁଥିବାର ସ୍ପଷ୍ଟ ସୂଚନା ମିଳିଛି।

କାଇରୋ କଥାବାର୍ତ୍ତା ଆରମ୍ଭର ପ୍ରାୟ ଏକ ସପ୍ତାହ ପୂର୍ବରୁ ଇସ୍ରାଏଲ କ୍ୟାବିନେଟର ନିରପତ୍ତା କମିଟି ବୈଠକର ଗାଜାସିଟି ଓ ନିକଟସ୍ଥ ଶରଣାର୍ଥୀ ଶିବିର ଉପରେ ବ୍ୟାପକ ଆକ୍ରମଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିନ୍ତୁ ତେଲ୍ ଆଭିଭ୍, ଜେରୁଜେଲମ ଓ ଅନ୍ୟାନ୍ୟ ସହରରେ ଗାଜାଯୁଦ୍ଧ ବନ୍ଦ ଦାବିରେ ରବିବାର ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଯୁଦ୍ଧ ବଦଳରେ ପଣବନ୍ଦୀଙ୍କ ମୁକ୍ତି ପାଇଁ ହମାସ ସହ ଆପୋସ ଆଲୋଚନାରେ ଉପନୀତ ହେବାକୁ ନେତାନ୍ୟାହୁ ସରକାରଙ୍କ ଉପରେ ସେମାନେ ଚାପ ପ୍ରୟୋଗ କରିଛନ୍ତି। କ୍ୟାବିନେଟ ନିରାପତ୍ତା କମିଟି ନିଷ୍ପତ୍ତିର ତୀବ୍ର ବିରୋଧ କରିଛନ୍ତି ଏହି ବିକ୍ଷୋଭକାରୀ। ତେଲଆଭିଭ୍‌ର ପଣବନ୍ଦୀ ଛକରେ ବନ୍ଧକଙ୍କ ଫଟୋଚିତ୍ର ଉପରେ ଜାତୀୟ ପତାକା ଘୋଡ଼ାଇ ରଖାଯାଇଛି। ଏହି ଯୁଦ୍ଧ ଘନଘଟା ମଧ୍ୟରେ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଛି ଏହି ଛକ। ସେମାନେ ଟାୟାରରେ ନିଆଁଜାଳି ପ୍ରତିବାଦ କରୁଥିବା ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅବଶ୍ୟ ପୁଲିସ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଗିରଫ କରିଛି। କିନ୍ତୁ ନେତାନ୍ୟାହୁ କହିଛନ୍ତି ଯେ ଏହି ପ୍ରତିବାଦ ଓ ଆନ୍ଦୋଳନ ହାମାସଙ୍କୁ ସାହସ ଯୋଗଇବ। ପଣବନ୍ଦୀଙ୍କ ମୁକ୍ତି ଅଧିକରୁ ଅଧିକ ବିଳମ୍ବିତ ହେବ। ଏତେ ବାଦ ବିବାଦ ମଧ୍ୟରେ ଇସ୍ରାଏଲ ବାହିନୀ ଦିନକୁ ଦିନ ଯୁଦ୍ଧ ସକାଶେ ନିରୁତ୍ସାହିତ ହୋଇଛନ୍ତି। ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ସରକାରୀ ଚାପର ବଶବର୍ତ୍ତୀ ହୋଇ ଯୁଦ୍ଧରେ ଲିପ୍ତ ଅଛନ୍ତି।

ଇସ୍ରାଏଲ ଏଥିମଧ୍ୟରେ ଇରାନ ସମର୍ଥନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ୟେମେନ୍ ସହରର ରାଜଧାନୀ ସାନା ସହରରେ ଅବସ୍ଥାନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ ଗାଜା ଯୁଦ୍ଧବେଳେ ହାଉଥି ଇସ୍ରାଏଲ ଉପରେ ଘନ ଘନ ଆକ୍ରମଣ କରିଥିଲା। ଇରାନର ସହଯୋଗୀ ହୋଇଥିବାରୁ ଦୁଇ ପରସ୍ପର ବିରୋଧୀଙ୍କ ମଧ୍ୟରେ କ୍ରମାଗତ ଛକାପଞ୍ଝା ଲାଗି ରହିଥିଲା। ଏହି ଅତର୍କିତ ଆକ୍ରମଣରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି ସତ କିନ୍ତୁ ପାଲଟା ପଦକ୍ଷେପ ସ୍ୱରୂପ ୭୦ କ୍ଷେପଣାସ୍ତ୍ର ମାଡ ସାଙ୍ଗକୁ ୨୨ ଡ୍ରୋନରୁ ହାଉଥିବ ମଧ୍ୟ କିଛି କମ ବିପର୍ଯ୍ୟୟ ଘଟାଇନାହିଁ।

ୱିଟକଫ କାଇରୋରେ ପହଞ୍ଚିବା ପରେ ଯୁଦ୍ଧ ବିରାମ ଆଲୋଚନା ଗତି ନେବ ବୋଲି ଆଶା କରାଯାଇଛି। ଇସ୍ରାଏଲ ମଧ୍ୟ ଏହି ପ୍ରକ୍ରିୟାରୁ ଦୂରେଇ ରହିବା ସମ୍ଭବ ହେବ ନାହିଁ। ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ଇସ୍ରାଏଲର ଭୂମିକା ଯେ ମୁଖ୍ୟ ପ୍ରତିବନ୍ଧକ ତାହାକୁ ଆଖିବୁଜା ସମର୍ଥନ ଦେଇଥିବା ୟୁରୋପୀୟ ରାଷ୍ଟ୍ର ବୁଝିବାକୁ ଆରମ୍ଭ କଲେଣି। ପାଲେଷ୍ଟାଇନ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ପଥ ପରିଷ୍କାର କରିବାକୁ କୂଟନୈତିକ ସ୍ତରରେ ଆରମ୍ଭ ହୋଇଥିବା ଉଦ୍ୟମ ପଛରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଇସ୍ରାଏଲ। ଗାଜାପଟି ଆକ୍ରମଣ ପଛରେ ଥିବା ନେତାନ୍ୟାହୁଙ୍କ ଅହଂକାର ଓ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟକଳାପ କ୍ରମେ ସ୍ପଷ୍ଟ ହେବାରେ ଲାଗିଛି। ବିଶେଷ କରି କ୍ରୂରତା ଓ ନୃଶଂସତାର ଶେଷସୀମାରେ ପହଞ୍ଚିଥିବା ଇହୁଦୀ ଲବିର ପ୍ରାଧାନ୍ୟ ବୃଦ୍ଧି ପାଇଁ ପାଶ୍ଚାତ୍ୟ ଶକ୍ତି ମଧ୍ୟପ୍ରାଚ୍ୟରେ ଏତେ ବିପୁଳ ଅର୍ଥ ବିପର୍ଯ୍ୟୟ କରିବାର କୌଣସି ଯଥାର୍ଥତା ନାହିଁ। ●

## ବହିଃପ୍ରକୃତିର ଆହ୍ୱାନ ଓ ଅନ୍ତଃପ୍ରକୃତିର ସମ୍ବେଦନ

ମନୋରଞ୍ଜନ ମହାନ୍ତି

ଏକ ରେଳ ଦୁର୍ଘଟଣା ପରେ ରେଳ ଧାରଣାରୁ ଉଦ୍ଧାର କରାଯାଇଥିବା ଏକ ନୋଟବୁକ୍‌ରେ ଦେଖିବାକୁ ମିଳିଥିଲା ଅନେକ କବିତା- ପ୍ରେମର, ବିଷାଦର, ଗୋଟେ ସମ୍ପର୍କର ଉତ୍ଥାନ ଆଉ ପତନର। କବିତାଗୁଡ଼ିକ ସହିତ ଥିଲା ଲାଲ୍, ନୀଳ, ସବୁଜ, ବାଇଗିଣୀ ରଙ୍ଗରେ ଅଙ୍କା ହୋଇଥିବା ଅନେକ ଚିତ୍ର। କବିଙ୍କର ନାଁ ଲେଖା ନ ଥିଲା। କବି ଜୀବିତ କି ନୁହଁ ଜଣାପଡୁ ନ ଥିଲା। ବଙ୍ଗଳା ଭାଷାରେ ଲିଖିତ ସେଥିମଧ୍ୟରୁ ଏକ କବିତାର ଓଡ଼ିଆ ମର୍ମାନୁବାଦ ହେଉଛି - 'ଛୋଟ ଛୋଟ ବାଦଲ ବର୍ଷା ସୃଷ୍ଟି କରେ, ଛୋଟ ଛୋଟ କାହାଣୀ ପ୍ରେମ ସୃଷ୍ଟି କରେ।' ଏପରି ଏକ ସମ୍ବାଦ ଜାତୀୟ ଖବରକାଗଜରେ ପଢ଼ିଲା ପରେ ପାଠକମାନଙ୍କ ମନକୁ ଆସୁଛି ସବୁଯୁଗରେ କବିମାନଙ୍କ ଭାବ-ଆବେଗର କଥା, ମଣିଷର ବହିଃପ୍ରକୃତିରେ ବାଦଲରୁ ବର୍ଷା, ଅନ୍ତଃପ୍ରକୃତିରେ କାହାଣୀରୁ ପ୍ରେମର କଥା।

ଭାରତର ମହାନ୍ ଲେଖକ କାଳିଦାସଙ୍କ ରଚିତ 'ମେଘଦୂତମ୍'ରେ ରହିଛି ମୌସୁମୀ, ହରିଣ, ମୀନ-ଚରିତ୍ର, ବାଦଲ-ଦୂତର ବର୍ଣ୍ଣନା। କାଳିଦାସଙ୍କୁ ସେଥିପାଇଁ ପ୍ରଥମ ପରିବେଶକର୍ମୀ ଭାବରେ ବିଚାର କରାଯାଇପାରେ। 'ସେଣ୍ଟ: ଏ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ଫ୍ରାଗ୍ରାନ୍ସ' ପୁସ୍ତକର ରଚୟିତା ପ୍ରାଣୀବିଜ୍ଞାନୀ ଏଲିସ୍ ଭର୍ଣ୍ଣନ୍ ପର୍ଲଷ୍ଟାଇନ୍‌ଙ୍କ ମତରେ ପଶ୍ଚିମ ଆମେରିକାରେ ମରୁଭୂମିରେ ବର୍ଷା ହେଲେ ଗୋଟେ ବାସ୍ନା ଖେଳିଯାଏ। ୱିଲିୟମ୍ ସେକ୍ସପିୟର୍ ବହିଃ-ପ୍ରକୃତି ଦ୍ୱାରା ଗଭୀର ପ୍ରଭାବିତ ହୋଇଥିଲେ। ଯେଉଁ ପ୍ରକୃତିର ତୋଫାନ, ଶୀତର କାହାଣୀ, ଫୋନିକ୍ସ ପକ୍ଷୀ, କବୁତର ପକ୍ଷୀ, ରମଣୀୟ ସ୍ଥଳ ଇତ୍ୟାଦି ଲଣ୍ଡନର ଥିଏଟର୍‌ରେ ସ୍ଥାନ ପାଇଥିଲା। ଯଦିଓ ସେ ଲାଭେଣ୍ଡର୍, କାର୍ନେସନ୍, ଥାଇମ୍ ଇତ୍ୟାଦି ସମ୍ପର୍କରେ ଲେଖିଥିଲେ, ତଥାପି ଗୋଲାପ ଥିଲା ତାଙ୍କର ସବୁଠାରୁ ପ୍ରିୟ ଫୁଲ। ଦୃଢ଼ତାପୂର୍ବକ ସେ ଲେଖିଥିଲେ, 'ସବୁ ଫୁଲ ମଧ୍ୟରେ, ମୁଁ ଭାବୁଛି, ଗୋଲାପ ହେଉଛି ଶ୍ରେଷ୍ଠ।' ବିଂଶ ଶତାବ୍ଦୀର ଚିତ୍ରକାର ଫ୍ରିଡ଼ା କାହ୍‌ଲୋ ଜଣେ ମୌଳିକ କଳାକାର ଥିଲେ, ଯିଏ ମାନଦଣ୍ଡଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ବହିଃପ୍ରକୃତି ସହିତ କଳାର ଗଭୀର ସମ୍ବନ୍ଧକୁ ବଜାୟ ରଖିଥିଲେ। ନିଜର ପରିଚୟକୁ ଗୁରୁତ୍ୱ ଦେବା ଲାଗି ମେକ୍ସିକୋରେ ତାଙ୍କ ବଗିଚାକୁ ଦେଶୀ ବନସ୍ପତିରେ ଭରି ସଜାଇଥିଲେ। ନିଜ ପଗଡ଼ିରେ ବୋଗେନ୍‌ଭିଲିଆ, ଲେଣ୍ଟାନା ଫୁଲ ଖୋସିବା ସହିତ ବନସ୍ପତି, ଫଳର ଚିତ୍ର ଆଙ୍କିଥିଲେ, ଯେଉଁଥିପାଇଁ ମୁଣ୍ଡ ଚାରିପଟେ ପତଙ୍ଗମାନେ ଗୁଂଜନ କରୁଥିଲେ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର୍ ଫିଓନା ଷ୍ଟାଫୋର୍ଡ କହନ୍ତି, ବହିଃପ୍ରକୃତି ମାନବ ବିଚାରକୁ ପ୍ରଭାବିତ କରେ। ଆଇଜାକ୍ ନିଉଟନ୍‌ଙ୍କଠାରୁ ଷ୍ଟିଭ୍ ଜବ୍ସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ପ୍ରେରିତ ଓ ଉତ୍ସାହିତ କରିଛି। ୱିଲିୟମ୍ ୱାର୍ଡ୍ସୱାର୍ଥ, ରବର୍ଟ୍ ବର୍ଣ୍ଣ୍ସ୍‌ଙ୍କ ଭଳି ଲେଖକମାନଙ୍କ ଲେଖାରେ ତାଙ୍କର ଖୁବ୍ ରୁଚି। ତାଙ୍କ ମତରେ ଯେଉଁ ସଂସ୍କୃତିଗୁଡ଼ିକ ଲିଖିତ ଶବ୍ଦ ଉପରେ ବିଶେଷ ନିର୍ଭର କରୁ ନ ଥିଲା, ସେଥିରେ ଗଛ, ପର୍ବତ, ନଦୀ ଭଳି ପ୍ରାକୃତିକ ବିଶେଷତା ବା ବୈଶିଷ୍ଟ୍ୟ ଲୋକମାନଙ୍କୁ ସ୍ଥାନ, ସ୍ଥିତି, ଅବସ୍ଥିତି ବୁଝିବାରେ ସାହାଯ୍ୟ କରିବା ପାଇଁ ଅତ୍ୟାବଶ୍ୟକ, ଅନିବାର୍ଯ୍ୟ ଥିଲା। ଲୋକଙ୍କ ଜୀବନକୁ ପ୍ରାକୃତିକ ଘଟଣାଗୁଡ଼ିକ ଗୋଟେ ନିର୍ଦ୍ଦିଷ୍ଟ ରୂପ, ଆକୃତି, ଆକାର ଦାନ କରିଥାଏ। ଯେଉଁ ବ୍ୟକ୍ତି ସମୁଦ୍ର କୂଳରେ ବା ପାହାଡ଼ରେ ବା ନଗରର ଏକ ପାର୍କ ନିକଟରେ ବାସ କରନ୍ତି, ତାଙ୍କର ବିଚିତ୍ର ପ୍ରାକୃତିକ ବିଶେଷତା ବା ଲକ୍ଷଣ ସହିତ ସଂଯୁକ୍ତ ବିଭିନ୍ନ ସ୍ମୃତି ନିଶ୍ଚୟ ରହିଥାଏ।

ପାଶ୍ଚାତ୍ୟ ସଂସ୍କୃତିରେ ଆପଲ୍ ବା ସେଓ ହେଉଛି ଏକ ମୂଳଭୂତ ପ୍ରତୀକ। ବାଇବେଲ୍‌ରେ ଏଡେନ୍ ବଗିଚାରେ ଅଛି ଗୋଟେ ଜ୍ଞାନବୃକ୍ଷ, ଯାହାକୁ କଳା ଓ ସାହିତ୍ୟରେ ଆପଲ୍ ବୋଲି ବୁଝାଯାଏ। ଆମେ ମଧ୍ୟ ଏହାକୁ ଗ୍ରୀକ୍ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ପୁରାଣ କଥାରେ ପାଉ। ଯା'ର ମଧ୍ୟ ଆଧୁନିକ ପ୍ରାସଙ୍ଗିକତା ରହିଛି। ଆଜି ଯେତେବେଳେ କେହି ଜଣେ କହନ୍ତି, 'ଆପଲ୍', ଆମେ ଆଇଫୋନ୍ସ କଥା ଭାବୁ। ଷ୍ଟିଭ୍ ଜବ୍ସ ତାଙ୍କ ଅଭିନବ କମ୍ପାନୀର ପ୍ରତୀକ ଭାବରେ ଏହାକୁ ବାଛିଥିଲେ। ସେ ପ୍ରଭାବିତ ହୋଇଥିଲେ ବୈଜ୍ଞାନିକ ଆଇଜାକ୍ ନିଉଟନ୍‌ଙ୍କ ଦ୍ୱାରା, ଯିଏ ସପ୍ତଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ନିୟମଗୁଡ଼ିକର ଅବଧାରଣା କରିଥିଲେ ଗୋଟେ ଆପଲ୍ ଗଛ ତଳେ ବସିଥିବା ସମୟରେ। ସେ ଦେଖିଲେ ଗୋଟେ ଫଳ ତଳେ ପଡ଼ିଯାଉଛି ଓ ଆଶ୍ଚର୍ଯ୍ୟ ହେଲେ କାହିଁକି ଆପଲ୍‌ଟି ସିଧା ଭୂମି ଉପରେ ପଡୁଛି। ଏହିପରି ଭାବରେ ଆପଲ୍‌ଟି ହେଲା ବୈଜ୍ଞାନିକ ଚିନ୍ତନର ଗୋଟେ ପ୍ରତୀକ ଏବଂ ପରବର୍ତ୍ତୀ ସମୟରେ ବିଏଟଲ୍ସ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତୀକ ଚିହ୍ନ ସହିତ ସଂଯୁକ୍ତ। ବିଏଟଲ୍ ଗୋଷ୍ଠୀ (ପଲ୍ ମ୍ୟାକ୍‌କାର୍ଟନେ, ଜର୍ଜ୍ ହ୍ୟାରିସନ୍, ରିଙ୍ଗୋ ଷ୍ଟାର୍, ଜନ୍ ଲେନନ୍ ପ୍ରମୁଖ) ପ୍ରତିଷ୍ଠା କଲେ ଆପଲ୍ କର୍ପ୍ସ, ଷ୍ଟିଭ୍ ଜବ୍ସ ପ୍ରତିଷ୍ଠା କଲେ ଆପଲ୍ କମ୍ପ୍ୟୁଟରସ୍।

ବହିଃପ୍ରକୃତିର ଫୁଲଫଳ କେବଳ ନୁହଁ, ପଶୁପକ୍ଷୀମାନେ ମଧ୍ୟ ମଣିଷର ଚୈତନ୍ୟକୁ ପ୍ରଭାବିତ କରନ୍ତି, ମଣିଷକୁ ଭାବବିଭୋର କରନ୍ତି। ମଣିଷ ଓ ପଶୁପକ୍ଷୀ ପରସ୍ପରର ଭାବକୁ ବୁଝିବି ପାରନ୍ତି। ଗୋଟିଏ ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ। କାଟ୍ୟା ଓସ୍‌ବର୍ଣ୍ଣ ଡଗ୍‌ଲାସ୍ ଓ ତାଙ୍କ ପରିବାର ପୋଲାଣ୍ଡରୁ ତାମିଲନାଡୁକୁ ଆସିଥିଲେ। ସମସ୍ତେ ହୋଇଥିଲେ ତିରୁଭନ୍ନମଲାଇରେ ରମଣ ମହର୍ଷିଙ୍କ ଭକ୍ତ। କାଟ୍ୟା ସେଠି ବାଲ୍ୟକାଳ ଅତିବାହିତ କଲେ, ବିଦେଶ ଗଲେ, ଶିକ୍ଷା ସମାପ୍ତ କଲେ, ହଲିଉଡ୍‌ରେ ଅଭିନୟ କଲେ। ପରବର୍ତ୍ତୀ ସମୟରେ ଭାରତକୁ ଫେରିଆସିଲେ, ଯେହେତୁ ସେ ଅରୁଣାଚଳର ସନ୍ଥ ରମଣ ମହର୍ଷିଙ୍କ ବିନା ଜୀବନ କଳ୍ପନା କରିପାରୁନଥିଲେ। ସୌମ୍ୟ, ନିରବ, ଉପଚାରାତ୍ମକ ଓ ଅନିର୍ଣ୍ଣାୟକ ଉପସ୍ଥିତି ବଳରେ ରମଣ ମହର୍ଷି ଅନେକଙ୍କ ଜୀବନକୁ ପ୍ରଭାବିତ କରିଥିଲେ। ମହର୍ଷି କେବେ ଧର୍ମ, ଈଶ୍ୱର ଇତ୍ୟାଦି ସମ୍ପର୍କରେ କହୁନଥିଲେ, ତାଙ୍କ ଦୃଷ୍ଟିରେ ଭରି ରହିଥିଲା ଶ୍ରଦ୍ଧା ଓ କରୁଣାର ଭାବ, ଯେଉଁଥିପାଇଁ ଆଶ୍ରମ ଭିତର ଓ ବାହାରର ପଶୁପକ୍ଷୀମାନେ ତାଙ୍କ ନିକଟକୁ ଆସୁଥିଲେ ଦର୍ଶନ ପାଇଁ ବା କିଛି ପ୍ରଦର୍ଶନ ପାଇଁ। କାଟ୍ୟା କହନ୍ତି, ଥରେ ଗୋଟିଏ ମୟୂର ମହର୍ଷି ରହୁଥିବା କୋଠରି ଭିତରକୁ ଆସି ଉଜ୍ଜ୍ୱଳ ରଙ୍ଗ ପୁଚ୍ଛ ମେଲି କିଛି ସମୟ ପାଇଁ ସୁନ୍ଦର ଭାବରେ ନାଚିଲା ଏବଂ ସନ୍ଥଙ୍କ ଆଖିକୁ ଚାହିଁଲା। ମହର୍ଷି ତାକୁ କହିଲେ, 'ଖୁବ୍ ସୁନ୍ଦର ଥିଲା ନାଚଟି, ତୁମକୁ ଧନ୍ୟବାଦ'। ତା'ପରେ ମୟୂରଟି କୋଠରିରୁ ପ୍ରସ୍ଥାନ କଲା। ମାଙ୍କଡ଼ମାନେ ବେଳେବେଳେ ଆସୁଥିଲେ ସେମାନଙ୍କ ନବଜାତ ଶିଶୁମାନଙ୍କୁ ମହର୍ଷିଙ୍କୁ ଦେଖାଇବା ପାଇଁ। ଥରେ ଖବର ଆସିଲା ଜାଲ ବସାଇ ମାଙ୍କଡ଼ମାନଙ୍କୁ ଧରିବାବାଲା ଆସୁଛନ୍ତି। କିଛି ମାଙ୍କଡ଼ ମହର୍ଷିଙ୍କ ନିକଟକୁ ଆସିଲେ। ମହର୍ଷି ସେମାନଙ୍କୁ ସତର୍କ କରାଇ କହିଲେ, 'ଶୁଣ, ଏପରି ଏକ ଖବର ଆସିଛି। ତେଣୁ ତୁମେ ଯଦି ମାଙ୍କଡ଼ ଧରାଳିଙ୍କଠାରୁ ବଞ୍ଚିବା ପାଇଁ ଇଚ୍ଛା କରୁଛ ତେବେ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ପଳାଇଯାଅ'। ଖୁବ୍ ଶୀଘ୍ର ମାଙ୍କଡ଼ଧରାଳିମାନେ ତିରୁଭନ୍ନ ମଲାଇରେ ପହଞ୍ଚିଲେ। କିନ୍ତୁ ସମଗ୍ର ଅଞ୍ଚଳରେ ଗୋଟିଏ ହେଲେ ମାଙ୍କଡ଼ ନଦେଖି ବିସ୍ମିତ ହୋଇଥିଲେ। କିଛିଦିନ ପରେ ମାଙ୍କଡ଼ମାନେ ଆଶ୍ରମ ଓ ତା'ର ପରିବେଶକୁ ଫେରିଆସିଲେ। ଏ କ'ଣ ଗୋଟେ ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ? ମହର୍ଷି ବିଶେଷ କଥା ନକହି ଖୁବ୍ ପ୍ରଭାବୀ ଢଙ୍ଗରେ ମଣିଷ ସମେତ ସମସ୍ତ ପ୍ରାଣୀଙ୍କ ସହିତ ଭାବ ବିନିମୟ କରିପାରୁଥିଲେ। ତାହା ଥିଲା ପ୍ରେମ, ଅନୁରାଗଶୀଳ ଶକ୍ତି, ଯାହାକୁ ସେ ଧାରଣ କରିଥିଲେ, ରକ୍ଷାତ୍ମକ, ଅନେକ ସମୟରେ ବିନୋଦପୂର୍ଣ୍ଣ, ସରସ, ବିଦଗ୍ଧ, ପରିହାସଯୁକ୍ତ, ଶ୍ରଦ୍ଧା ଓ ସେବା ଭାବରେ ପୂର୍ଣ୍ଣ।

ଲେଖକ, କଳାକାର, ପ୍ରକୃତିବାଦୀ ବୁଲ୍‌ବୁଲ୍ ଶର୍ମାଙ୍କ ଲିଖିତ ପୁସ୍ତକ 'ବିଟୁଇନ୍ ହେଭେନ୍ ଆଣ୍ଡ ଆର୍ଥ: ରାଇଟିଂ ଅନ୍ ଦି ଇଣ୍ଡିଆନ୍ ହିଲ୍ସ' ପ୍ରକାଶ ପାଇଛି, ଯାହାର ଅନ୍ତଃସ୍ୱର ହେଉଛି ବହିଃପ୍ରକୃତିର ଆହ୍ୱାନ ଓ ମଣିଷର ଅନ୍ତଃପ୍ରକୃତିର ପ୍ରତିକ୍ରିୟା। ବୁଲ୍‌ବୁଲ୍ ଶର୍ମାଙ୍କ ବାଲ୍ୟକାଳ ଅତିବାହିତ ହୋଇଥିଲା ତତ୍କାଳୀନ ଛୋଟିଆ ସହର ଭିଲାଇର ବଣ, ପାହାଡ଼, ଝରଣା ଭରା ପ୍ରକୃତିର କୋଳରେ। ସେଦିନର ସ୍ମୃତିଗୁଡ଼ିକ ତାଙ୍କ ମନ ଭିତରେ ଗଭୀର ହୋଇଥିଲା। ଯେତେବେଳେ ସେ ଚିତ୍ର ଆଙ୍କିବା ଆରମ୍ଭ କଲେ, ସେହି ଦୃଶ୍ୟଗୁଡ଼ିକୁ ଚିତ୍ରଣ କରିବାକୁ ଇଚ୍ଛା କଲେ। ପରବର୍ତ୍ତୀ ସମୟରେ ସେ ଇଚ୍ଛା କଲେ ସମାନ ଧରଣର ଅନୁଭୂତିଗୁଡ଼ିକୁ ତାଙ୍କର ପିଲାମାନେ ଉପଭୋଗ କରନ୍ତୁ। କିନ୍ତୁ ୧୯୭୦ ଦଶକର ଶେଷାର୍ଦ୍ଧରେ ଭାରତୀୟ ଶିଶୁମାନଙ୍କ ପାଇଁ ସେପରି କୌଣସି ବହି ନ ଥିଲା ଯାହା ସେମାନଙ୍କୁ ଆମ ବନସ୍ପତି, ପଶୁ, ପକ୍ଷୀଙ୍କ ସମ୍ପର୍କରେ କହିପାରିବ। ତେଣୁ ବୁଲ୍‌ବୁଲ୍ ଶର୍ମା ଭାରତୀୟ ପକ୍ଷୀମାନଙ୍କ ସମ୍ପର୍କରେ ସଚିତ୍ର ପୁସ୍ତକଟେ ରଚନା କଲେ। ସେ କହନ୍ତି ଯେ ବହିଃପ୍ରକୃତିର ସୁରଭି ଓ ସୁନ୍ଦରତା ସବୁ ସମୟରେ ତାଙ୍କ ଅନ୍ତଃକରଣକୁ ଆମୋଦିତ, ଆଲୋଡ଼ିତ କରେ।

ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ସ୍ୱରଚିତ 'ଶ୍ରୀରାମଚରିତ ମାନସ'ରେ ବର୍ଷାଋତୁର ଯେଉଁ ବର୍ଣ୍ଣନା ଦେଇଛନ୍ତି, ସେଥିରେ ବହିଃପ୍ରକୃତି ଓ ମଣିଷର ଅନ୍ତଃପ୍ରକୃତିର ସମାନ୍ତରାଳ ଚିତ୍ର ପ୍ରକଟ ହୋଇଛି। ଆଜି ସମୟର ଆବଶ୍ୟକତା ହେଉଛି, ମଣିଷ ତା'ର ଅନ୍ତଃପ୍ରକୃତିକୁ ସ୍ୱଚ୍ଛ, ସୁନ୍ଦର, ସଂଯତ କରୁ। ବହିଃପ୍ରକୃତିକୁ ସୁରକ୍ଷିତ କରୁ। ତା'ର ଅନ୍ତଃପ୍ରକୃତି ବହିଃପ୍ରକୃତି ଦ୍ୱାରା ପ୍ରେରିତ ହେଉ। ବହିଃପ୍ରକୃତିର ଋତୁଚକ୍ର, ଫୁଲ, ଫଳ, ପଶୁ, ପକ୍ଷୀ, ଅନ୍ୟାନ୍ୟ ସକଳ ଉପାଦାନ ମଣିଷର ଅନ୍ତଃପ୍ରକୃତିର ଉତ୍ତରଣରେ ସହାୟକ ହେଉ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ବିକାଶରେ ଗବେଷଣାର ଭୂମିକା

ଡ.ପ୍ରସନ୍ନ କୁମାର ଗନ୍ତାୟତ



ଗବେଷଣା ଏକ ନୂତନ ଜ୍ଞାନର ସୃଷ୍ଟି କରିଥାଏ କିମ୍ବା ବିଦ୍ୟମାନ ଜ୍ଞାନର ସୃଜନଶୀଳ ଉପାୟରେ ବ୍ୟବହାର କରିବାରେ ସହାୟକ ହୁଏ। ଏହାଦ୍ୱାରା ନୂତନ ଧାରଣା ଓ ବୁଝାମଣା ସୃଷ୍ଟି ହୋଇପାରେ। ଏଥିରେ ପୂର୍ବ ଗବେଷଣାର ସଂଶ୍ଳେଷଣ ଓ ବିଶ୍ଳେଷଣ ଅନ୍ତର୍ଭୁକ୍ତ ହୋଇପାରେ। ରାଜ୍ୟ କିମ୍ବା ଜିଲ୍ଲାର ବୈଷୟିକ ସଫଳତା ହେଉ କିମ୍ବା ବୈଜ୍ଞାନିକ ସଫଳତା, ଗବେଷଣା ମାନବିକତାକୁ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ।

ଗବେଷଣା ପ୍ରଗତିକୁ ଆଗେଇ ଆଣେ, ଜ୍ଞାନକୁ ବିସ୍ତାର କରେ ଏବଂ ବିଶ୍ୱ ବିଷୟରେ ଆମର ବୁଝାମଣାକୁ ଉନ୍ନତ କରେ। ଏହା ଆମକୁ ଭଲ ନିଷ୍ପତ୍ତି ନେବାରେ, ସମସ୍ୟାର ସମାଧାନ କରିବାରେ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରିବାରେ ସାହାଯ୍ୟ କରେ। ତେବେ ବିଜ୍ଞାନ, ଔଷଧ ବ୍ୟବସାୟ ଏବଂ ଅନ୍ୟାନ୍ୟ କ୍ଷେତ୍ରର ଉନ୍ନତି ପାଇଁ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମାଜିକ ଅସମାନତାକୁ ଦୂର କରି ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ଏବଂ ଉପେକ୍ଷିତ ସମ୍ପ୍ରଦାୟର ଜୀବନକୁ ଉନ୍ନତ କରିବା ପାଇଁ ଗବେଷଣାକୁ ବ୍ୟବହାର କରାଯାଇପାରିବ। ସଠିକତା ହେଉଛି ଗବେଷଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ। ଗବେଷଣା ବିଶ୍ଳେଷଣାତ୍ମକ ଏବଂ ସମସ୍ତ ଉପଲବ୍ଧ ତଥ୍ୟ ବ୍ୟବହାର କରେ, ଯାହାଦ୍ୱାରା ଅନୁମାନରେ କୌଣସି ଅସ୍ପଷ୍ଟତା ନ ଥାଏ। ଆଉ ପ୍ରତ୍ୟେକ ପ୍ରଶ୍ନ ସୃଷ୍ଟି କରିବା ସହ ଏକ ନୂତନ ପାଠ ସୃଷ୍ଟି କରେ।

ଶିକ୍ଷାଗତ ଗବେଷଣା ଦ୍ୱାରା ହିଁ ବିକାଶର ଧାରାକୁ ବୁଝିହୁଏ। ଗବେଷଣା ହିଁ ଆମକୁ ସାମାଜିକ ସମସ୍ୟା ବୁଝିବାରେ ବ୍ୟକ୍ତି ବା ସମ୍ପ୍ରଦାୟର ଜୀବନକୁ ଉନ୍ନତି କରିବାରେ ସାହାଯ୍ୟ କରିପାରିବ। ସରକାର, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେବା ପାଇଁ ଗବେଷଣା ଏକ ବୈଜ୍ଞାନିକ ଆଧାର ପ୍ରଦାନ କରେ। ତେଣୁ ଗବେଷଣା ହିଁ ଅଭିବୃଦ୍ଧିର ରାସ୍ତା ଖୋଲିଥାଏ। ଗବେଷଣା ହେଉଛି ପ୍ରଯୁକ୍ତି ବିଦ୍ୟାର ଉନ୍ନତିର ମୂଳଦୁଆ, ଯାହା ନୂତନ ଉପକରଣ ଉତ୍ପାଦନ ଏବଂ ପ୍ରକ୍ରିୟା ବିକାଶ ଆଡ଼କୁ ନେଇଥାଏ। ଏହା ଆମକୁ ରୋଗ ପାଇଁ ନୂତନ ଚିକିତ୍ସା ବିକାଶ କରିବା, ସ୍ଥାୟୀ ଶକ୍ତି ସମାଧାନ ସୃଷ୍ଟି କରିବା ଏବଂ କୃଷି ପଦ୍ଧତିରେ ଉନ୍ନତି ଆଣିବା ଭଳି ଜଟିଳ ସମସ୍ୟାର ମୁକାବିଲା କରିବାକୁ ସକ୍ଷମ କରିଥାଏ। ଗବେଷଣା ଦ୍ୱାରା ନୂତନ ଶିଳ୍ପ ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟ ହେଇଥାଏ। ସ୍ୱାସ୍ଥ୍ୟ ସେବାରେ ଗବେଷଣା ଜୀବନ ରକ୍ଷାକାରୀ ଚିକିତ୍ସା, ଉନ୍ନତ ରୋଗ ନିର୍ଣ୍ଣୟ ଉପକରଣ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ।

ଏତଦ୍‌ବ୍ୟତୀତ ଗବେଷଣା ଏକ ନିଯୁକ୍ତି ସୃଷ୍ଟିକର୍ତ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜିଲ୍ଲାର ବିକାଶ ସହ ଜଡ଼ିତ ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାରେ ଗବେଷଣା ସାହାଯ୍ୟ କରିଥାଏ। 'ବିକାଶ ରାଜ୍ୟ ଜିଲ୍ଲା' ଏକ ଶବ୍ଦ, ଯାହା ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଯେଉଁଥିରେ ସରକାର ଓ ଅନ୍ୟାନ୍ୟ ସଂଗଠନ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଉପରେ ଧ୍ୟାନ ଦେଇ ଥା'ନ୍ତି। ଗବେଷଣା ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରଗୁଡ଼ିକୁ ସୂଚିତ କରିପାରେ, ଯେଉଁଠାରେ ନିର୍ଦ୍ଦିଷ୍ଟ ବିକାଶ କେନ୍ଦ୍ର ଅନ୍ତର୍ଭୁକ୍ତ। ଯାହାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଅଭିବୃଦ୍ଧି ଓ ଉନ୍ନତିକୁ ପ୍ରୋତ୍ସାହିତ କରେ। ବ୍ୟବସାୟ ଓ ଶିଳ୍ପର ପରିଚାଳନା ଏବଂ ବ୍ୟବସ୍ଥାପନା ସମସ୍ୟାର ଯତ୍ନ ନେବାରେ ଗବେଷଣାର ଅସାଧାରଣ କେନ୍ଦ୍ରୀକରଣ ଅଛି। ବିକାଶ ଯୋଜନା ହେଉଛି ଏକ ଦୃଷ୍ଟିକୁ ବ୍ୟାଖ୍ୟା କରିବା, ଲକ୍ଷ୍ୟ ସ୍ଥିର କରିବା ଏବଂ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର କିମ୍ବା ସଂଗଠନ ପାଇଁ ଇଚ୍ଛାକୃତ ଫଳାଫଳ ହାସଲ କରିବା ପାଇଁ ରଣନୀତି ବର୍ଣ୍ଣନା କରିବା। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ଳେଷଣ କରିବା, ସୁଯୋଗର ଚିହ୍ନଟ କରିବା ଏବଂ ଯୋଜନା ପ୍ରସ୍ତୁତି କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ, ଯାହା ଗବେଷଣା ବିନା ଅଧୁରା। ଏତଦ୍‌ବ୍ୟତୀତ ଯୋଜନା ପ୍ରସ୍ତୁତ ଦ୍ୱାରା ଜିଲ୍ଲା ଜନସଂଖ୍ୟାର ସାମଗ୍ରିକ ଉନ୍ନତି ପାଇଁ ମୂଲ୍ୟାଙ୍କନ କରାଯାଇପାରେ।

ଆଗାମୀ ଦିନରେ ବୁଦ୍ଧିଜୀବୀ ଆଉ ଯୁବପିଢ଼ି କିପରି ଆଗକୁ ଆସିବେ, ଆଉ ଓଡ଼ିଶା ଗଠନ ସଙ୍କଳ୍ପକୁ ଗବେଷଣାର ମାଧ୍ୟମରେ ଆହୁରି ତ୍ୱରାନ୍ୱିତ କରିବେ ତାହା ହିଁ ମୂଳଲକ୍ଷ୍ୟ ରହିବ। ●

(ପୂର୍ବତନ ଅଧ୍ୟକ୍ଷ, ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ)
ରାୟଗଡ଼, ମୋ: ୮୨୪୯୪୨୫୫୫୧

## କବି ବ୍ରଜମୋହନ ପଣ୍ଡାଙ୍କ ତୀର୍ଥାଟନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ସାହିତ୍ୟ ସରିତ୍**

ସାରସ୍ୱତ ପତ୍ରାବଳୀ ଯେ ହୋଇପାରେ କବିତ୍ୱର ଶ୍ରେଷ୍ଠ କୀର୍ତ୍ତି ଏକଥା ବଳିଷ୍ଠ ଭାବରେ ପ୍ରତିପାଦିତ ହୋଇଛି କବି ବ୍ରଜମୋହନ ପଣ୍ଡାଙ୍କ କ୍ଷେତ୍ରରେ। ୧୯୦୯ ମସିହାରେ କଟକସ୍ଥ ସତୀ ଚଉରାଠାରେ ରାଧାନାଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଓ ସମାଧି ପ୍ରତିଷ୍ଠା ସଭାରେ ଉପସ୍ଥିତ କବି, ଲେଖକ, ସୁଧୀ ସଜ୍ଜନଙ୍କ ମଧ୍ୟରେ ଯେଉଁ ପ୍ରସଙ୍ଗ ହେଲା ଆଲୋଚିତ, ତାହା ହିଁ ତରୁଣ ବ୍ରଜମୋହନ ପଣ୍ଡାଙ୍କ ହୃଦୟକୁ ତୀବ୍ର ଭାବରେ ଆଲୋଡ଼ିତ କରିଦେଲା। ଓଡ଼ିଶାର ସାରସ୍ୱତ ଜଗତରେ ରାଧାନାଥଙ୍କ ଉତ୍ତରାଧିକାରୀ କିଏ? ଏହାର ଉତ୍ତରରେ ସମବେତ ସୁଧୀମଣ୍ଡଳୀଙ୍କ କଣ୍ଠରେ ଯେଉଁ ଶବ୍ଦଟି କମ୍ପନ ଖେଳାଇ ଦେଇଥିଲା ତାହା ହେଲା: 'ଗଙ୍ଗାଧର'। ବ୍ରଜମୋହନଙ୍କ ଚେତନାରେ ଘଟିଗଲା ସେହିକ୍ଷଣି ଏକ ନୂତନ ସୂର୍ଯ୍ୟୋଦୟ। ସମ୍ବଲପୁରର କବି ହୋଇପାରନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକ କବିବରଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ! ଏକଥା ସେ କଳ୍ପନା କରିପାରି ନଥିଲେ ଯେ ଜନ୍ମଭୂମି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲିଠାରେ ଭୂମିଷ୍ଠ ଗଙ୍ଗାଧରଙ୍କ ଐଶ୍ୱରିକ ପ୍ରତିଭା ରାଧାନାଥଙ୍କୁ କରିଦେଇଥିଲା ଚକିତ। ସେହିଦିନ ହିଁ ସେ ଗଙ୍ଗାଧରଙ୍କୁ ନୂତନ ଭାବରେ କରନ୍ତି ଆବିଷ୍କାର। ଆଉ ଆବେଗସ୍ପନ୍ଦିତ ଅନ୍ତରରେ ଲେଖନ୍ତି ତାଙ୍କର ପ୍ରଥମ ପତ୍ର। ଯେତେବେଳେ ଜାଣିପାରନ୍ତି ଯେ, ନିଜ ରଚିତ କାବ୍ୟ କବିତା ପ୍ରକାଶ କରିବା ପରି ଆର୍ଥିକ ସ୍ୱଚ୍ଛଳତା ଗଙ୍ଗାଧରଙ୍କ ନାହିଁ, ସେତେବେଳେ ଆନ୍ତରିକ ଆଗ୍ରହ ପ୍ରକଟ କରନ୍ତି ସେସବୁ ନିଜେ ପ୍ରକାଶ କରିଦେବା ପାଇଁ।

ଲରମ୍ଭା ଗ୍ରାମରେ ଆବିର୍ଭୂତ ବ୍ରଜମୋହନ ଥିଲେ ଅମାପ ଭୂସମ୍ପଦର ଉତ୍ତରାଧିକାରୀ। ବ୍ରଜମୋହନଙ୍କ ତରୁଣ ଅନ୍ତରରେ ସେତେବେଳେ କବିତା ତୋଳୁଥିଲା ନବ ନବ ଝଙ୍କାର। ସ୍ୱରଚିତ କବିତା ସେ ପଠାଉଥିଲେ ଗଙ୍ଗାଧରଙ୍କ ନିକଟକୁ। ଗଙ୍ଗାଧର ତାହା ପାଠ କରି ବ୍ରଜମୋହନଙ୍କୁ ସର୍ବଦା ଶୁଣାଇଛନ୍ତି ଉତ୍ସାହର ବାଣୀ। ବ୍ରଜମୋହନଙ୍କ କବିତା ସମଗ୍ର ସଂକଳିତ ହୋଇ ରହିଛି 'ଯୌବନଗାଥା' ନାମକ ବୃହତ ଗ୍ରନ୍ଥଟିରେ। ସ୍ୱଦେଶାନୁରାଗ, ପ୍ରକୃତି ପ୍ରୀତି ଓ ପ୍ରେମାନୁରାଗର ଉଦବେଳନ ତାହାର ପ୍ରତିଟି ପୃଷ୍ଠାକୁ ପ୍ରଦାନ କରିଛି ତାରୁଣ୍ୟର ସୁକୋମଳ ଦ୍ୟୁତି। କବିତା ରଚନାରେ ବ୍ରଜମୋହନଙ୍କ ପ୍ରତିଭା ଯେପରି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟବୋଧ ବହନ କରି ପରିସ୍ଫୁଟିତ ହୋଇଛି, ତାହା ନିଶ୍ଚୟ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ମହତ ଅବଦାନ। ତାଙ୍କ କବି-ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ସନ୍ତୋଷଜନକ ନୁହେଁ।

ଯାହାଙ୍କ ହୃଦୟ କବିତ୍ୱର କମନୀୟତାରେ ସ୍ନିଗ୍ଧ, ସିଏ ଗଦ୍ୟ ଲେଖନ୍ତୁ ବା ପଦ୍ୟ, ସିଏ ରାସ୍ତା ଉପରେ ପାଦ ପକାଇ ଚାଲିଯାଉଥା'ନ୍ତୁ ବା ସୁନୀଳ ଆକାଶକୁ ରହନ୍ତୁ ଅନାଇ, ସର୍ବତ୍ର ସେହି ସମାନ ସୌକୁମାର୍ଯ୍ୟ ହୋଇଯାଏ ସୁବିକଶିତ। ବ୍ରଜମୋହନ ସ୍ୱକୀୟ ପ୍ରତିଭାଦୀପ୍ତ କବିତା ସର୍ଜନା ପାଇଁ ଯେତିକି ଆଦୃତି ଲାଭ କରିଛନ୍ତି, ତା' ଠାରୁ କାହିଁ କେତେଗୁଣରେ ଅଧିକ ସୁଖ୍ୟାତି ଲାଭ କରିଛନ୍ତି ଗଙ୍ଗାଧରଙ୍କ ସହିତ ସାରସ୍ୱତ ସମ୍ବନ୍ଧରେ ଆବଦ୍ଧ ହୋଇ। ନିଜ ଚିଠି ସବୁରେ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ସେ ଯେଉଁ ଭକ୍ତିପୂତ ଶ୍ରଦ୍ଧାର ସଜଳ ଧାରା ପ୍ରବାହିତ କରିଦେଇଛନ୍ତି, ସେଥିରେ ତାଙ୍କ କବିତ୍ୱ ହୋଇଯାଇଛି ସାର୍ଥକତା ବିମଣ୍ଡିତ। ବ୍ରଜମୋହନ ବିଗଳିତ ଭାବ ନେଇ ଲେଖିଲେ ଦିନେ ଆତ୍ମୋପଲବ୍ଧିର ମର୍ମସ୍ପର୍ଶୀ ଭାଷା। ତା୨୬.୧୧.୧୯୧୯ର ପତ୍ରରେ ଉଲ୍ଲିଖିତ ସେଇ ଶବ୍ଦ କେତୋଟି ତାଙ୍କ ପତ୍ରାବଳୀର ଶ୍ରେଷ୍ଠ ବାକ୍ୟ। - 'ଲୋକେ ତୀର୍ଥାଟନ କରନ୍ତି, ମାତ୍ର ମୁଁ ଆପଣଙ୍କୁ ତୀର୍ଥ ଜ୍ଞାନ କରେ। ସେହି ତୀର୍ଥରେ ମୋର ନିବାସ ସ୍ଥାପନ କରି କିପରି ନିଜକୁ ପବିତ୍ର ଓ ଚରିତାର୍ଥ କରନ୍ତି, ଏହି ମାତ୍ର ଅନ୍ତର୍ଗତ ବାସନା।'

ବ୍ରଜମୋହନ ପଣ୍ଡାଙ୍କ ଶ୍ରେଷ୍ଠ ସାହିତ୍ୟକୃତି କ'ଣ ବୋଲି ଯଦି ପ୍ରଶ୍ନ କରାଯାଏ ତାହାର ଯଥାର୍ଥ ଉତ୍ତର ହେଉଛି ଏହି ପତ୍ରାବଳୀ। ପତ୍ର-ସାହିତ୍ୟ ହେଉଛି ରମ୍ୟରଚନାର ଏକ ଉଚ୍ଚକୋଟୀର କଳାତ୍ମକ ରୂପ। ଅନ୍ତରଙ୍ଗ ଭାବ ସମ୍ପର୍କର ଏପରି ସାରସ୍ୱତ ପତ୍ରାବଳୀ ବ୍ରଜମୋହନଙ୍କ ଶିଳ୍ପୀ ଜୀବନର ଯେ ନିଶ୍ଚିତ ଭାବେ ଉପଯୁକ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ୱତନ୍ତ୍ର ପରିଚିତି, ଏହା ପ୍ରଶ୍ନାତୀତ। ଗଙ୍ଗାଧର ଥିଲେ ଗଙ୍ଗାଧାରା ପରି ସୁନିର୍ମଳ। ବ୍ରଜମୋହନ ପତ୍ର ଲେଖିବା ବେଳେ ଗଙ୍ଗାଧରଙ୍କୁ 'ପ୍ରିୟତମ ମହୋଦୟ' ବୋଲି ସମ୍ବୋଧନ କରି ଚିଠି ଲେଖିସାରି 'ଭବଦୀୟ ମମତାବଦ୍ଧ ବ୍ରଜମୋହନ' ବୋଲି ଲେଖିବା ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତରେ ସେ କରୁଥିଲେ ଗଙ୍ଗାସ୍ନାନ। ଆଜି ଗଙ୍ଗାଧର-ବ୍ରଜମୋହନଙ୍କ ମଧ୍ୟରେ ହୋଇଥିବା ସେଇ ପତ୍ରାଳାପ ଯେଉଁମାନେ ପାଠ କରିବେ ଏକାଗ୍ର ଚିତ୍ତରେ, ସେମାନଙ୍କ ଆତ୍ମିକ ଉତ୍ତରଣ ଘଟିଯାଇପାରିବ ସୁନିଶ୍ଚିତ ଭାବରେ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଓଳାଶୁଣି ପୀଠରେ ବରିଷ୍ଠ ନେତାଙ୍କ ବର୍ଷାଦିନିଆ ବଣଭୋଜି

ଭୁବନେଶ୍ୱର,୨୦।୮ (ସମିସ): ବୁଧବାର ମାହାଙ୍ଗା ନିର୍ବାଚନମଣ୍ଡଳୀ ଲଳିତଗିରିସ୍ଥିତ ମହାପୁରୁଷ ଅରକ୍ଷିତ ଦାସଙ୍କ ପୀଠରେ ବିଜେଡିରୁ ବହିଷ୍କୃତ ଓ ବିଜେଡି ତ୍ୟାଗ କରିଥିବା କିଛି ନେତାଙ୍କ ବଣଭୋଜି ଓ ବନ୍ଧୁମିଳନକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ଏହି ବୈଠକ ରାଜ୍ୟ ରାଜନୀତିରେ ନୂତନ ରାଜନୈତିକ ସମୀକରଣ ସୃଷ୍ଟି କରିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ବଣଭୋଜି ସାଧାରଣତଃ ଶୀତଦିନେ ହେଉଥିବାବେଳେ ନେତାମାନଙ୍କ ବର୍ଷାଦିନିଆ ବଣଭୋଜିକୁ ଅନେକ ରାଜନୀତି ସହ ଯୋଡୁଛନ୍ତି। ଡ. ପ୍ରସନ୍ନ ପାଟଶାଣୀ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅମର କୁମାର ଶତପଥୀ, ରବି ପାଣି, ରବି ସାମଲ, ଆଶିଷ ସାହୁଙ୍କ ପରି ନେତାମାନେ ଏଥିରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଡ. ପାଟଶାଣୀ କହିଛନ୍ତି ଯେ ଏହା ଗୋଟିଏ ବନ୍ଧୁମିଳନ ଉତ୍ସବ। ଏକ ପବିତ୍ର ଧର୍ମସ୍ଥାନରେ ଆମେ ସମସ୍ତେ ଏକାଠି ହୋଇ ମହାପୁରୁଷଙ୍କ ସାନିଧ୍ୟ ଲାଭ କରିବା ସହ ସକରାତ୍ମକ ଚିନ୍ତନ କରାଯାଇଥିଲା। ଅପରପକ୍ଷରେ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହା କୌଣସି ରାଜନୈତିକ ଉଦ୍ଦେଶ୍ୟରେ ହୋଇନାହିଁ; ଏହା କେବଳ ଏକ ବନ୍ଧୁ ମିଳନ। ବିଭିନ୍ନ ରାଜନୈତିକ ସମୀକ୍ଷକ ଏହାକୁ ଭିନ୍ନ ଢଙ୍ଗରେ ଦେଖିପାରନ୍ତି। ଅମର କୁମାର ଶତପଥି କହିଛନ୍ତି ସନ୍ଥ ଅରକ୍ଷିତ ଦାସଙ୍କ ପୀଠ ଏକ ସମନ୍ୱୟର ପୀଠ। ଏଠି ବହୁ ନେତା ଏକାଠି ହୁଅନ୍ତି। ଏକାଧିକ ରାଜନୈତିକ ବ୍ୟକ୍ତି ଏକାଠି ହେଲେ ସ୍ୱଭାବତଃ ରାଜନୈତିକ ଚର୍ଚ୍ଚା ହୁଏ। ରାଜନୀତିରେ କୋଉ ସମୟରେ କଣ ନିର୍ଯ୍ୟାସ ଆସିବ ସେହି ସମୟରେ ସମୟ ଉପଯୋଗୀ ପଦକ୍ଷେପ ନିଆଯିବ। ଓଡିଶାରେ ଯେଉଁ ପରିବର୍ତ୍ତନ ହେଲା ତାହା ସାଧାରଣ ଲୋକଙ୍କ ପାଇଁ କୌଣସି ଉଦ୍ଦେଶ୍ୟ ସାଧିତ ହେଉନାହିଁ ବୋଲି ସେ କହିଛନ୍ତି ।



## ୬ ମାସରେ ଖାଉଟି ବିବାଦ ସମାଧାନ ଆୟୋଗଗୁଡ଼ିକର ଖାଲି ପଦ ପୂରଣ କର: ହାଇକୋର୍ଟ

କଟକ,୨୦।୮ (ସମିସ): ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ସମେତ ଜିଲ୍ଲା ଖାଉଟି ଅଦାଲତଗୁଡ଼ିକରେ ଖାଲି ପଡ଼ିଥିବା ସଦସ୍ୟ ଓ ଷ୍ଟେନୋଗ୍ରାଫର ଭଳି ଅତି ଆବଶ୍ୟକ ପଦଗୁଡିକୁ ୬ ମାସ ମଧ୍ୟରେ ପୂରଣ କରିବା ପାଇଁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେନାଲି ସ୍ୱାଇଁଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଖାଉଟି ଅଦାଲତଗୁଡିକରେ ପଦଗୁଡିକ ଖାଲି ହେବାର ଅବ୍ୟବହିତ ପୂର୍ବରୁ ନିଯୁକ୍ତି ପ୍ରଦାନ କରିବା ପାଇଁ ସରକାର ଯତ୍ନବାନ ହେବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଓଡିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗରେ ଷ୍ଟେନୋଗ୍ରାଫର ଓ ଅନ୍ୟାନ୍ୟ ପଦ ପଦ ଖାଲି ପଡିଥିବାରୁ ଆୟୋଗରେ ମାମଲାଗୁଡିକର ଶୁଣାଣି ହୋଇପାରୁ ନଥିବା ତଥା ଅଚଳାବସ୍ଥା ସୃଷ୍ଟି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ଆବେଦନକାରୀଙ୍କ ସପକ୍ଷରେ ଜିଲ୍ଲା ଖାଉଟି ଅଦାଲତ ଦେଇଥିବା ଏକ ରାୟକୁ ଭାରତୀୟ ଜୀବନ ବୀମା କମ୍ପାନୀ ପକ୍ଷରୁ ରାଜ୍ୟ ଖାଉଟି ଅଦାଲତରେ ଚାଲେଞ୍ଜ କରାଯାଇଥିଲା। ଏହି ମାମଲାରେ ଗତ ୨୦୨୪ଜୁଲାଇ୧୯ରୁ ରାୟ ସଂରକ୍ଷିତ ରହିଥିଲେ ସୁଦ୍ଧା ପ୍ରକାଶ ନପାଇବାରୁ ଆବେଦନକାରୀ ନିଜ ଓକିଲଙ୍କ ଜରିଆରେ ସୂଚନାଧିକାର ଆଇନରେ ତଥ୍ୟ ମାଗିଥିଲେ। ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗରେ ଷ୍ଟେନୋଗ୍ରାଫର ଓ ଅନ୍ୟ କେତେକ ପଦ ଖାଲି ପଡିଥିବା ହେତୁ ଅଦାଲତରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ନେଇ ଆବେଦନକାରୀ ଜାଣିବାକୁ ପାଇଥିଲେ। ଏହି ଅଦାଲତ ସମେତ ଜିଲ୍ଲା ଖାଉଟି ଅଦାଲତଗୁଡିକରେ ଷ୍ଟେନୋଗ୍ରାଫର ପଦ ସହ ବିଚାର ବିଭାଗୀୟ ସଦସ୍ୟ ପଦ ପୂରଣ, ଭିଡିଓ କନଫରେନ୍ସିଂ ଜରିଆରେ ମାମଲା ଶୁଣାଣି ପୁନଃକାର୍ଯ୍ୟକ୍ଷମ କରିବା ପାଇଁ ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

## ‘ଏତଲା ପଞ୍ଜୀକରଣରେ ନିର୍ଦ୍ଦେଶ ପ୍ରଦାନ ପାଇଁ ମାମଲା ଗ୍ରହଣୀୟ ନୁହେଁ’

କଟକ,୨୦।୮ (ସମିସ): ମାଜିଷ୍ଟ୍ରେଟଙ୍କ ନିକଟରେ ଅଭିଯୋଗ ନ କରି ପୁଲିସକୁ ଏତଲା ପଞ୍ଜୀକରଣ କରିବାକୁ ବାଧ୍ୟ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଜାରି କରିପାରିବେ ନାହିଁ। ଏଥିସହ ଏଭଳି କ୍ଷେତ୍ରରେ ଅଦାଲତଙ୍କ ନିର୍ଦ୍ଦେଶ ପ୍ରଦାନ ପାଇଁ ହୋଇଥିବା ମାମଲା ଗ୍ରହଣୀୟ ନୁହେଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ପୁଲିସକୁ ଏତଲା ପଞ୍ଜୀକରଣ ପାଇଁ ଆଦେଶନାମା ଜାରି କରିବା ପାଇଁ ଏକ ରିଟ୍ ପିଟିସନ୍ ସେପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ନାହିଁ, ଯେପର୍ଯ୍ୟନ୍ତ ଏଫଆଇଆର ପଞ୍ଜୀକରଣ ନ ହେବା ସମ୍ପର୍କରେ ଅଭିଯୋଗ ସମ୍ପୃକ୍ତ କ୍ଷେତ୍ରୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କରାଯାଇ ନଥାଏ। ଡି. ପାତ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ଦାଶ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଲଳିତା କୁମାରୀ ବନାମ ୟୁପି ସରକାର (୨୦୧୩) ମାମଲାର ରାୟ ସିଆରପିସି ଓ ବିଏନଏସଏସର ବିଭିନ୍ନ ଧାରା ଅନୁଯାୟୀ ପ୍ରତିକାର ବିନା ଏତଲା ପଞ୍ଜୀକରଣ ପାଇଁ ଆଦେଶନାମା ପାଇବାର ଅଧିକାର ସହିତ ଜଡିତ ନୁହେଁ। ଏଣୁ ପୁଲିସକୁ ଏଫଆଇଆର ପଞ୍ଜୀକରଣ କରିବାକୁ ଆଦେଶ ପ୍ରଦାନ କରିବାକୁ ହୋଇଥିବା ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏଥିସହ ଆବେଦନକାରୀଙ୍କୁ ତାଙ୍କ ଅଭିଯୋଗର ସମାଧାନ ପାଇଁ କ୍ଷେତ୍ରାଧିକାରୀ ମାଜିଷ୍ଟ୍ରେଟଙ୍କ ନିକଟରେ ଅଭିଯୋଗ କରିବାକୁ କହିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ହିଂସାତ୍ମକ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଥିଲା। ଅଭିଯୋଗର ପ୍ରତିବାଦରେ ଆବେଦନକାରୀ ପୁଲିସ ଦ୍ୱାରା ଅତ୍ୟାଚାର କରାଯାଇଥିବା ଅଭିଯୋଗ ମଧ୍ୟ କରିଥିଲେ। ଏପରି ଅଭିଯୋଗକୁ ବିନିକା ଥାନାରେ ଏଫଆଇଆର ଭାବରେ ପଞ୍ଜିକୃତ କରାଯାଇ ନଥିଲା। ଏଣୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଲ୍ ଚିରି ଫିଙ୍ଗିଲେ...

କରିବା ଲାଗି ସରକାର ପ୍ରୟାସ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟ କେତେକ ବିରୋଧୀ ସାଂସଦ କହିଥିଲେ ଯେ ସରକାର ଦେଶକୁ ପୁଲିସ ରାଷ୍ଟ୍ର କରିବାକୁ ଚକ୍ରାନ୍ତ ଚଳାଇଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କୁ ଟାର୍ଗେଟ କରି କଂଗ୍ରେସ ସାଂସଦ ବେଣୁଗୋପାଳଙ୍କର ଗୋଟିଏ ପ୍ରଶ୍ନକୁ ନେଇ ପରିସ୍ଥିତି ବିଗିଡ଼ି ଯାଇଥିଲା। ବିଲକୁ ବିରୋଧ କରି ବେଣୁଗୋପାଳ କହିଲେ, ‘ମୁଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଗୋଟିଏ ପ୍ରଶ୍ନ ପଚାରିପାରିବି କି? ଶାହ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ସେ ନୈତିକତା ରକ୍ଷା କରିଥିଲେ କି?’ ଏହାର ଜବାବ ଦେବାକୁ ଯାଇ ଶାହ କହିଥିଲେ, ‘ମୋ ବିରୋଧରେ ମିଥ୍ୟା ମକଦ୍ଦମା କରାଯାଇଥିଲା। ଏହାସତ୍ତ୍ୱେ ନୈତିକତା ଦୃଷ୍ଟିରୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲି। କେବଳ ଏତିକି ନୁହେଁ, ମାମଲାରେ ଦୋଷମୁକ୍ତ ନହେବା ପର୍ଯ୍ୟନ୍ତ ମୁଁ କୌଣସି ସାମ୍ବିଧାନିକ ପଦବୀ ଗ୍ରହଣ କରିନଥିଲି। ଗିରଫ ହେବା ପୂର୍ବରୁ ମୁଁ ଇସ୍ତଫା ଦେଇଥିଲି। ଗିରଫ ପରେ ବି ସାମ୍ବିଧାନିକ ପଦବୀକୁ ଯାବୁଡ଼ି ଧରିବା ଭଳି ଲଜ୍ଜାଜନକ କାମ ଆମେ କରିପାରିବା ନାହିଁ।’

ଏହାପରେ ହଙ୍ଗାମା ତୀବ୍ର ହୋଇଥିଲା। ଟିଏମ୍‌ସିର ଅନେକ ସାଂସଦ ଗୃହର ମଧ୍ୟଭାଗକୁ ଯାଇ ପାଟିତୁଣ୍ଡ କରିଥିଲେ। ସାଂସଦ କଲ୍ୟାଣ ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଡ଼କୁ ଯାଉଥିବାର ଦେଖାଯାଇଥିଲା। ଦଳର କିଛି ମହିଳା ସାଂସଦ ମଧ୍ୟ ଗୃହର ମଧ୍ୟଭାଗକୁ ଆସିଥିଲେ। ସେମାନଙ୍କର ମୁକାବିଲା ଲାଗି ବିଜେପିର କେତେକ ମନ୍ତ୍ରୀ ଓ ସାଂସଦ ମଧ୍ୟ ଆଗକୁ ଆସିଥିଲେ। ସେଠାରେ ସେମାନେ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଧରି ହଟ୍ଟଗୋଳ ଜାରି ରହିବାରୁ ଗୃହର ମାର୍ଶାଲ ଅମିତ ଶାହଙ୍କୁ ସୁରକ୍ଷା ଦେବାକୁ ଯାଇ ତାଙ୍କୁ ଘେରି ରହିଥିଲେ। ଏହି ସମୟରେ ଅମିତ ଶାହ ତିନିଟି ଯାକ ବିଲ୍ ଆଗତ କରିଥିଲେ।

ଜେଲରେ ରହିବାର ୩୦ ଦିନ ପରେ ମନ୍ତ୍ରୀ ପଦ ସମାପ୍ତ କରିବା ଲାଗି ଯେଉଁ ବିଲ୍ ଆଗତ କରାଯାଇଛି, ସେଗୁଡ଼ିକ ହେଲା - ସମ୍ବିଧାନ ସଂଶୋଧନ (୧୩୦ତମ) ବିଲ୍ ୨୦୨୫, କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ ୨୦୨୫ ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ ୨୦୨୫। ୫ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ପ୍ରାବଧାନ ଥିବା ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ପଦ ୩୧ତମ ଦିନରେ ସମାପ୍ତ ହୋଇଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏବଂ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ସେମାନଙ୍କ ପଦରୁ ଇସ୍ତଫା ଦେଇନଥିଲେ।

### ସୁସ୍ଥ ହୋଇ ଫେରିଲେ...

ଅନ୍ୟପକ୍ଷରେ ଶୁଭକାମନା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କଂଗ୍ରେସ ସଭାପତି ଖଡ୍‌ଗେଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ନବୀନ ଦୁଇଟି ଭିନ୍ନ ଭିନ୍ନ ପୋଷ୍ଟରେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଗତ ଜୁନ ମାସରେ ମଧ୍ୟ ଯେତେବେଳେ ନବୀନ ନିଜର ସର୍ଭିକାଲ ଆଥ୍ରାଇଟିସ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ କୋକିଳାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ, ସେତେବେଳେ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନବୀନଙ୍କ ଉତ୍ତମ ଯତ୍ନ ନେବାକୁ ସେତେବେଳେ ପରାମର୍ଶ ଦେଇଥିଲେ।

ଗତ ୧୭ ତାରିଖରେ ଡିହାଇଡ୍ରେସନ କାରଣରୁ ନବୀନ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ତାଙ୍କୁ ସମ୍ ଅଲ୍ଟିମେଟରେ ଭର୍ତ୍ତି କରାଯାଇଥିଲା। ଏହାପରଠାରୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବ୍ୟାପକ ସୁଧାର ଆସିଥିବା ବେଳେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ନବୀନଙ୍କ ଅସୁସ୍ଥତା ଖବର ପାଇ ଜାତୀୟସ୍ତରର ବହୁ ବିଶିଷ୍ଟ ନେତା ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆଶୁ ଆରୋଗ୍ୟ କାମନା କରୁଛନ୍ତି।

ଅପରପକ୍ଷେ ଅସୁସ୍ଥତା ଖବର ପାଇ ହସ୍ପିଟାଲ୍‌ରେ ଭେଟିବାକୁ ପହଞ୍ଚିଥିବା ପିସିସି ସଭାପତି ଭକ୍ତ ଦାସ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଫୋନ୍ କରି ଧନ୍ୟବାଦ ଜଣାଇଛନ୍ତି ନବୀନ।

### ନିଷିଦ୍ଧ ହେବ...

କରି ପୋକର, ରୁମି ଭଳି ଅନଲାଇନ୍ ଜୁଆ ଖେଳ ଏବଂ ଅନଲାଇନ ଲଟେରି ବି ନିଷିଦ୍ଧ ହୋଇଯିବ। ଏହାର ବିଜ୍ଞାପନ ସହିତ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ଅର୍ଥ କାରବାର ଉପରେ ମଧ୍ୟ କଟକଣା ଲାଗିବ। ଅନ୍‌ଲାଇନ୍ ମନି ଗେମ୍ ପାଇଁ ସୁବିଧା ସୁଯୋଗ ଯୋଗାଇଲେ କିମ୍ବା ପ୍ରୋତ୍ସାହିତ କଲେ ତିନି ବର୍ଷ ଜେଲଦଣ୍ଡ ସହିତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗିବ। ଗେମ୍ ପାଇଁ ବିଜ୍ଞାପନ ଦେଲେ ଦୁଇ ବର୍ଷ ଜେଲ୍ ଏବଂ ୫୦ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏହି ଗେମ୍ ସହ ସଂପୃକ୍ତ ଆର୍ଥିକ କାରବାର କରୁଥିବା ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ଅଧିକାରୀଙ୍କୁ ତିନି ବର୍ଷ ଜେଲ୍ ଏବଂ ୧ କୋଟି ଟଙ୍କା ଜରିମାନା କରାଯିବ। ବାରମ୍ବାର ଉଲ୍ଲଂଘନ କଲେ ୫ ବର୍ଷ ଜେଲ୍ ଏବଂ ଦୁଇ କୋଟି ଟଙ୍କା ଜୋରିମାନା ଆଦାୟ କରାଯିବ।

ଏହି କଟକଣା ଯୋଗୁଁ ଆଗାମୀ ଦିନରେ ର୍‌ମି, ପୋକର ଭଳି ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ସବୁ ବନ୍ଦ ହୋଇଯିବ। ଭାରତୀୟ କ୍ରିକେଟ୍ ଦଳର ପ୍ରମୁଖ ପ୍ରାୟୋଜକ ସାଜିଥିବା ଡ୍ରିମ୍-୧୧ ମଧ୍ୟ ବନ୍ଦ ହୋଇଯିବ। ଅନ୍‌ଲାଇନ୍ ଗେମିଂ ଉପରେ କଠୋର କଟକଣା ଯୋଗୁ ଗେମିଂ ଶିଳ୍ପ ସହିତ ଜଡିତ ପ୍ରାୟ ୨ ଲକ୍ଷ ଚାକିରି ହରାଇବାର ଆଶଙ୍କା ରହିଛି। ଏହି କଟକଣା ଡ୍ରିମ୍ ୧୧, ଗେମ୍ସ ୨୪x୭, ୱିଞ୍ଜୋ, ଗେମ୍ସକ୍ରାଫ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକୁ ସମସ୍ୟାରେ ପକାଇପାରେ। ଅଲ୍ ଇଣ୍ଡିଆ ଗେମିଂ ଫେଡେରେସନ, ଇ-ଗେମିଂ ଫେଡେରେସନ ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫାଣ୍ଟାସି ସ୍ପୋର୍ଟସ୍ ଭଳି ଗେମିଂ ଶିଳ୍ପ ଏବଂ ସଂଗଠନ ଏହି ବିଲ୍‌କୁ ବିରୋଧ କରୁଛନ୍ତି।

ଭାରତରେ ଅନଲାଇନ୍ ଗେମିଂ ବଜାରର ଆକାର ବର୍ତ୍ତମାନ ପ୍ରାୟ ୩୨,୦୦୦ କୋଟି ଟଙ୍କା। ଏଥିମଧ୍ୟରୁ ୮୬% ରାଜସ୍ୱ ପ୍ରକୃତ ମନି ଫର୍ମାଟରୁ ଆସିଥାଏ। ଏହି ବ୍ୟବସାୟର ଆକାର ୨୦୨୯ ସୁଦ୍ଧା ପ୍ରାୟ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ମଧ୍ୟ ପାଉଥିଲେ। ସରକାରଙ୍କ କହିବାନୁଯାୟୀ, ଅନଲାଇନ୍ ଗେମ୍ ଯୋଗୁ ଲୋକମାନେ ମାନସିକ ଏବଂ ଆର୍ଥିକ କ୍ଷତି ସହୁଛନ୍ତି। କିଛି ଲୋକ ଗେମିଂ ପ୍ରତି ଏତେ ନିଶାଗ୍ରସ୍ତ ହୋଇଯାଉଛନ୍ତି ଯେ ସେମାନେ ସେମାନଙ୍କର ଜୀବନର ସବୁ ସଞ୍ଚିତ ଅର୍ଥ ହରାଇଥିବା ବେଳେ କେତେକ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଏକ ସରକାରୀ ଆକଳନ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ୍ ରିଅଲ୍ ମନି ଗେମିଂରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ହରାଉଛନ୍ତି। ସରକାର ସ୍ୱୀକାର କରିଛନ୍ତି ଯେ ଅନଲାଇନ୍ ରିଅଲ୍ ମନି ଗେମିଂ ସମାଜ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି, ତେଣୁ ରାଜସ୍ୱ କ୍ଷତି ସତ୍ତ୍ୱେ ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ଲୋକସଭାରେ ଗୃହୀତ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍‌ରେ ଫ୍ରି-ଟୁ-ପ୍ଲେ ଏବଂ ସବସ୍କ୍ରିପସନ୍-ଆଧାରିତ ଖେଳଗୁଡ଼ିକୁ କଟକଣାରୁ ବାଦ୍ ଦିଆଯାଇଛି। କାରଣ ଏଥିରେ ଟଙ୍କା ବାଜି ଲାଗେନାହିଁ। ବିଲ୍‌ରେ ଏକ ସ୍ୱତନ୍ତ୍ର ପ୍ରାଧିକରଣ ଗଠନର ବ୍ୟବସ୍ଥା ରହିଛି, ଯାହା ଗେମିଂ ଶିଳ୍ପକୁ ନିୟନ୍ତ୍ରଣ କରିବା ସହ ଖେଳର ପଞ୍ଜୀକରଣ କରିବ ଏବଂ କେଉଁ ଖେଳ ପ୍ରକୃତ ଟଙ୍କା ଖେଳ ତାହା ନିଷ୍ପତ୍ତି ନେବ। ହେଲେ ଇ-ସ୍ପୋର୍ଟସ୍‌କୁ ପ୍ରୋତ୍ସାହନ ଦିଆଯିବ, ପବ୍‌ଜୀ ଏବଂ ଫ୍ରି ଫାୟାର ଭଳି ଇ-ସ୍ପୋର୍ଟସ୍ ଏବଂ ସୋସିଆଲ୍ ଗେମ୍‌କୁ ସରକାର ସମର୍ଥନ କରିବେ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବିଲ୍ ଆଗତ କରିଥିଲେ।

### ନବୀନଙ୍କ ଦାବି...

ୟସ୍ ସମୟରେ ରାଜ୍ୟ ପାଇଁ କୌଣସି ତତ୍କାଳ ଆର୍ଥିକ ସହାୟତା ଦାବି ନ କରି ରାଜ୍ୟ ପାଇଁ ଏକ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ଓ ଏଥିପାଇଁ ଅନୁଦାନ ଦେବାକୁ ନିଜେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହି ସମୟରେ କୋଭିଡ୍ ସଙ୍କଟ ଉତ୍କଟ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ନ ପକାଇ ଓଡ଼ିଶା ନିଜସ୍ୱ ସମ୍ବଳରେ ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବ ବୋଲି ନବୀନ କହିଥିଲେ। ଏଥିସହିତ ଓଡ଼ିଶାକୁ ବିପର୍ଯ୍ୟୟ ନିରୋଧୀ ରାଜ୍ୟ ଭାବେ ପ୍ରସ୍ତୁତ କରିବା ପାଇଁ ଦୀର୍ଘମିଆଦି ସହାୟତା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଏଥିରେ ମୁଖ୍ୟତଃ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି, ସମୁଦ୍ରକୂଳ ପଥର ପ୍ୟାକିଂ, ଲୁଣା ପାଣିରୁ ଚାଷ ଜମିର ସୁରକ୍ଷା, ବାତ୍ୟା ଆଶ୍ରୟସ୍ଥଳୀ ଆଦି ପାଇଁ ସେ ପ୍ରସ୍ତାବ ଦେଇଥିଲେ।

### ‘ଅଗ୍ନି-୫’ର...

ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍ ଧ୍ୱଂସ କରିପାରିବା କ୍ଷମତା ଅଗ୍ନୀ-୫ ରଖିଛି। ବାୟୁମଣ୍ଡଳରୁ ଉପରକୁ ଉଠି ଯାଉଥିବାରୁ ଶତ୍ରୁପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ହୋଇଥିବା ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିଥିବା କୁହାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପ୍ରଥମ ଥର ଅଗ୍ନୀ - ୫ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିବାରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଲୋକେ ଏହା ଦେଖିବାକୁ ପାଇଥିଲେ। ଅନ୍ଧାର ଆକାଶରେ ହଠାତ୍ ଉଜ୍ଜ୍ୱଳ ଆଲୋକ ଦେଖି ଲୋକେ ଚମକୃତ ହୋଇଥିଲେ। ସ୍ୱଦେଶରେ ବିକଶିତ ନୂତନ ଜ୍ଞାନକୌଶଳ ଯୁକ୍ତ ଅଗ୍ନି-୫ର ସଫଳର ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ)ର ବୈଜ୍ଞାନିକଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା ସହିତ ଏହା ଦେଶ ପାଇଁ ଗୌରବର ବିଷୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

### ଦୁଇ ବାଇକ୍...

ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ଆହତ ହୋଇଥିଲେ। ଆହତ ଛାତ୍ରଙ୍କ ନାମ ଜଣାପଡି ନଥିବା ବେଳେ ଅନ୍ୟ ଜଣେ ଛାତ୍ର ରକ୍ଷା ପାଇଯାଇଛନ୍ତି। ଘଟଣା ସ୍ଥଳରେ କୋଟଗଡ଼ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ଗୁରୁତର ଥିବା ଛାତ୍ରକୁ ପ୍ରଥମେ କୋଟଗଡ଼ ଡାକ୍ତରଖାନା ଓ ପରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ପଠାଇଛି।

### କୋଦଳା ଜେଲ୍‌ରେ...

ଏଏସ୍‌ଆଇ ଇପିଲି ଲକ୍ଷ୍ମଣ ରାଓ ଅବକାରୀ ଟିମ ସହ ବେଗୁନିଆପଡ଼ା ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ଥାନାରେ ନଂ.୬୬/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପୂର୍ବରୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେତେବେଳେ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଡାକ୍ତର ରିପୋର୍ଟ ଦେଇଥିଲେ ବୋଲି ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି। ଏହାପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା ଏବଂ କୋର୍ଟ ତାକୁ ଜେଲ୍ ହାଜତକୁ ପଠାଇ ଦେଇଥିଲେ।


**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA** O-623

At- Icchapur, Po- Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. RWS/42/2025-26

Letter No.5211/Dated 19.08.2025

| | | |
|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District. | |
| 2 | Name of the work | : External electrification works for different RPWS Scheme in Kendrapara district. |
| 3 | No. of Work | : **02 Nos. (Two) only** |
| 4 | Value of the Work | : ₹ 6.21 to 8.80 Lakhs |
| 5 | Concerned tender inviting authority | : **Executive Engineer, RWS&S Division, Kendrapara** |
| 6 | Cost of Bid documents (Rs.) (Online) | : ₹ 4000/- |
| 7 | Cost of EMD @ 1% (Online) | : ₹ 6300/- to 8900/- |
| 8 | Class of Bidder | : **“ HT”** |
| 9 | Period of Completion | : **30 days** |
| 10 | Availability of bid documents in the website | : **From date. 25.08.2025 at 10.00 A.M to date. 06.09.2025 till 5.30 P.M** |
| 11 | Last Date & Time of seeking tender clarification | Up to **29.08.2025 up to 5.30 P.M** |
| 12 | Date of Opening of Bid | : **08.09.2025 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.

Subsequent corrigendum / addendum if required shall only be appeared in the above website.

OIPR-25004/11/0044/2526

Executive Engineer
RWS&S Division, Kendrapara



**AFFIDAVIT**

By virtue of an affidavit No.635, dtd.08.08.2025 before the Notary Public, Bhubaneswar. I , Barsa Sahoo, W/o- Trinath Sahoo, At- Plot No.1713, Lingaraj Nagar, Mahatab road, Bhubaneswar hereby declare that I have changed my name from Rinki Sahoo (Old Name) to Barsa Sahoo (New Name). Henceforth , I shall be known as **Barsa Sahoo** for all Purposes.

**Sd/- Barsa Sahoo**

**AFFIDAVIT**

By virtue of an affidavit No.636, dtd.08.08.2025 before the Notary Public, Bhubaneswar. I , Hureman Bibi, W/o- Aigul, At- Arad Bazar, Po- Baleswar, Dist.- Baleswar hereby declare that I have changed my name from Hurmana Bibi (Old Name) to Hureman Bibi (New Name). Henceforth , I shall be known as **Hureman Bibi** for all Purposes.

**Sd/- Hureman Bibi**

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Harapriya Malik, W/o- Laksmidhar Malik, At-Baripada, P.O. Aruhabad, P.S. Khantapara, Dist.: Baleswar, Odisha-756044 hereby declare that I have changed my minor son's name from Sai Malik to Sahil Malik. Henceforth, he shall be known as **Sahil Malik** for all purposes.

**Harapriya Malik**

**AFFIDAVIT**

By virtue of an affidavit sworn before Notary Public, Salipur, Cuttack dated 18.08.25, I, Jhillimayee Bal, address At- Kalajati, Po-Chayanpal, P.S.- Mahanga, Dist-Cuttack, Odisha, do hereby declare that I have changed my name from Parimayee Bal to Jhillimayee Bal. Henceforth, I shall be known as Jhillimayee Bal for all purposes.

**Jhillimayee Bal**

**AFFIDAVIT**

I, Bijay Kumar Patra, aged about 64 years, S/O. Late Mohan Patra, resident of Heragohari Sahi, near Chaulia Math, P.O.: Kundhaibenta sahi, P.S.: Kumbharpada, Dist. Puri declare by this affidavit no.21 dated 16.08.2025. That now onwards I shall be known as **BIJAYA KUMAR PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Amati Mahato,** aged about 51 years, W/o.: Asim Sikdar, At: M.V-06, PO.: Tamasa, PS/Dist.: Malkangiri, PIN-764045, declare by this Affidavit No.: 1136/2025, Dated: 20/08/2025 that I have changed my name from Amati Mahane to Amati Mahato and my husband name Asim Mahane to Asim Sikdar. Henceforth I shall be known as "**Amati Mahato**" and my husband shall be known as **“Asim Sikdar”** for all future purposes.

**AFFIDAVIT**

By virtue of an affidavit, I Murali Jena, aged 76 years, S/o- Gobinda Jena, Resident of Vill- Urumukhi, P.o-Bhusandapur, Ps-Tangi, Dist- Khordha ,Odisha declared that my actual/real name is Muralidhar Jena which was wrongly mentioned in my Aadhar card bearing No- 329495763965.Henceforth, I shall be known as **MURALIDHAR JENA** for all purpose.

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Jitan Sahoo, S/o- Nilakantha Sahoo, At/P.O. Talabasta, P.S. Banki, Dist. Cuttack, Odisha - 754007 hereby declare that I have changed my name from Jitendra Kumar Sahoo to Jitan Sahoo, Henceforth, I shall be known as Jitan Sahoo for all purposes.

**Jitan Sahoo**

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 18.08.2025, I, Bijay Khillo, S/o- Parmesh Khillo, At-Maliguda, P.O.- Pukali, P.S. Pottangi, Dist. Koraput, Odisha - 764039 hereby declare that I have changed my name from Biju Khila to Bijay Khillo. Henceforth, I shall be known as **Bijay Khillo** for all purposes.

**Bijay Khillo**

**Notice (for Minor)**

By virtue of an affidavit sworn before Executive Magistrate, Puri, dated 12.08.2025 I, Sanjay Kumar Khatei, Address: At/Po: Sasan Damodarpur, Ps: Puri Sadar, Dist: Puri, Odisha, Pin: 752002, declare that I have changed the name of my son from Sai deep Khatei (old name) to Shrehansu Khatei (new name). Henceforth, he shall be known as Shrehansu Khatei (new name) for all purposes.

**Sanjay Kumar Khatei**

**AFFIDAVIT**

By virtue of an affidavit before the Executive Magistrate, karlamunda, I, Kasturi Bagarty, At- Putigaon, Po- S. Malpada, Ps.- M. Rampur, Dist.- Kalahandi hereby declare that I have changed my minor son's name from Kapaleswar Bagarty to Kapileswar Bagarty. Henceforth he shall be known as **Kapileswar Bagarty** for all purposes.

**Sd/- Kasturi Bagarty**

**AFFIDAVIT**

By virtue of an affidavit No. 1616 before the Tahasildar & Executive Magistrate, Khaprakhol on dtd.20.08.2025, I, SAJAMBAR MAJHI, S/o- Ravi Majhi, resident of Chancharabhata, PS-Lathor, Dist.- Balangir, PIN - 767028, Odisha, hereby declare that I have changed my name from SAJAMBAR MAJHI to SAYAMBAR MAJHI. Henceforth I shall be known as **SAYAMBAR MAJHI** for all purposes.

**AFFIDAVIT**

I, **AMIYA PRASAD SAMANTRAY**, S/o- Bauribandhu Samantaray resident of Vill/PO- Panchagaon, via-Jatni, P.S- Airfield, Dist.- Khordha. Bhubaneswar-752050, Odisha declare by affidavit No-27, Dtd.- 25/03/2025 that now onwards I shall be known as **AMIYA PRASAD SAMANTARAY** for all future purposes.

**SALE**

1 Number of ICV – ITLSONALIKA SOLISYAN DI 740 TRACTOR, Registration No.- OD-22-Z-5329, Model- 2024, ENGINE NO – 3100MN44F1440459F31, CHASSIS NO - HZESP14 56618S3, For Details, Contact – 8895995989, 9437355692, Second floor, Plot No- 353/2585, Building No- 723/1793, At-Bypass Chhaka, Above Punjab National Bank, Po- Salandi Bypass, Via-Kuansa, BHADRAK-756100, PH. NO- 06784-250703

**AFFIDAVIT**

By virtue of an Affidavit before Notary Public, Malkangiri, I, **Uthara Pangi,** aged about 49 years, S/o.: Sadan Pangi, Village: Kurumpalli, PO.: Biralaxmanpur, PS/Dist.: Malkangiri, declare by this Affidavit No.: 8309, Dated: 20/08/2025 that I have changed my name from Uttara Pangi to Uthara Pangi. Henceforth I shall be known as "**Uthara Pangi**" for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai, on date- 23/06/2025 affidavit No-22. I, **Bijaya Kumar Patra,** S/o- Jagabandhu Patra, resident of Village- Tanupur, Po/P.S- Pattamundai, Dist- Kendrapada, Odisha. Formely called as **Patra BijayKetan Jagbandhu,** S/o- Jagabandhu Patra and now my new name is Bijay Kumar Patra, S/o- Jagabandhu Patra. I declare that my self **Bijaya Kumar Patra** and **Patra Bijayketan Jagbandhu** is one and same person for all purposes.

**Bijay Kumar Patra**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No- 112 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Gladys Digal to Gladys Pauline. Henceforth she shall be known as **GLADYS PAULINE** for all purposes.

**(Pratap Digal)**

**AFFIDAVIT**

I, Snihalai Kar, W/o - Panchanan Kar, resident of Village- Jaleswar Pur, Po- Kuan Pal, Po-Kuanpal, Dist- Cuttack, PIN- 754204, Odisha declare by this affidavit No.73 dtd- 19/08/2025 that now onwards I shall be known as **SNEHALATA KAR** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No-111 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Bhalesia Digal to D Valacia. Henceforth she shall be known as **D VALACIA** for all purposes.

(Pratap Digal)

**AFFIDAVIT**

By virtue of an affidavit No-3314 sworn before the Executive Magistrate, Binjharpur on dtd- 16/08/2025. I, **Mrs Nandini Barik,** resident of At/Po- Haladidiha, Ps- Alakunda, Dist- Jajpur, Pin- 755016, Odisha, I have changed my son name from **Prasannjit Barik** (old name) to **Prasannajit Barik** (new name). Henceforth, both name **Prasannajit Barik** and **Prasannjit Barik** is one & same person he will be known as **Prasannajit Barik** for all future purposes.

**Nandini Barik**

କଣ୍ଟିଲୋ ଐତିହ୍ୟ ଗ୍ରାମ ଘୋଷଣାକୁ ଛଅ ମାସ

# ବୁଡ଼ିବାକୁ ବସିଲାଣି କଂସା-ପିତ୍ତଳ କାରୁକାର୍ଯ୍ୟ

ଖଣ୍ଡପଡ଼ା/କଣ୍ଟିଲୋ, ୨୦।୮ (ସମିସ)





ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟକ୍ଷେତ୍ର ଶ୍ରୀନୀଳମାଧବଙ୍କ ପୀଠ କଣ୍ଟିଲୋକୁ ଗତ ଫେବୃଆରୀ ମାସ ୧୭ ତାରିଖରେ ଐତିହ୍ୟ ଗ୍ରାମ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଘୋଷଣା ହେବା ପରେ କଣ୍ଟିଲୋ ଅଞ୍ଚଳରେ ଖୁସି ପ୍ରକାଶ ପାଇଥିଲା। ଘୋଷଣା

## ● ଦୋ' ଛକିରେ ନୂତନ ମେଡିକାଲର ଭାଗ୍ୟ

ହେବାର ଛଅ ମାସ ବିତିଯାଇଥିଲେ ମଧ୍ୟ ଏଯାଏଁ କୌଣସି ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯାହା ପୂର୍ବ ନବୀନ ସରକାର ସମୟରେ ଯେଉଁସବୁ ବିକାଶ ମୂଳକ କାର୍ଯ୍ୟ ସ୍ଥିରୀକୃତ ହୋଇଥିଲା ସେସବୁ ଏଯାବତ ଜାରି ରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ କଣ୍ଟିଲୋ ଗ୍ରାମ ଶ୍ରୀଜଗନ୍ନାଥଙ୍କ ଆଦିପୀଠ ଭାବେ ପରିଚିତ ହେବା ସହ କଂସା-ପିତ୍ତଳ ଶିଳ୍ପ ପାଇଁ ମଧ୍ୟ ବେଶ ପ୍ରସିଦ୍ଧ ଲାଭ କରିଛି। ଏଠାରେ ପାରମ୍ପରିକ ପଦ୍ଧତିରେ ନିର୍ମାଣ ହେଉଥିବା ଉତ୍ତମ ଗୁଣବତ୍ତା ସମ୍ପନ୍ନ କଂସା ପିତ୍ତଳ ସାମଗ୍ରୀର ସ୍ୱତନ୍ତ୍ରତା ପାଇଁ ରାଜ୍ୟ ତଥା ଦେଶ ବିଦେଶରେ ବି ପ୍ରସିଦ୍ଧି ହାସଲ କରିଛି। କାଳ କ୍ରମେ ସଂକୁଚିତ ହୋଇପଡୁଥିବା ଏହି ଶିଳ୍ପ ପୁନଃରୁଦ୍ଧାର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାସହ କଣ୍ଟିଲୋକୁ ଐତିହ୍ୟ ଗ୍ରାମ ଘୋଷଣା କରିଛନ୍ତି। ଏପଟେ ଭିତିଭୂମି ଅଭାବରୁ ବୁଡ଼ିବାକୁ ବସିଲାଣି କଂସା ପିତଳ କାରୁକାର୍ଯ୍ୟ। ଏଥିସହିତ ପର୍ଯ୍ୟଟନ କ୍ଷେତ୍ର ନୀଳମାଧବ ପୀଠ ଭିତ୍ତିଭୂମି ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯିବା ପାଇଁ ଘୋଷଣା କରିଛନ୍ତି। ବିଶ୍ୱବିଖ୍ୟାତ ପଠାଣି ସାମନ୍ତଙ୍କ ନାମରେ ତାଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ଏକ ପ୍ଲାନେଟୋରିଅମ ପ୍ରତିଷ୍ଠା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତାବ ମଧ୍ୟ ରଖିଥିଲେ। ଏ ପ୍ରସଙ୍ଗକୁ ନେଇ ସେ ସମୟରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ବେଶ ସରଗରମ ହୋଇଥିଲା। କାରଣ ଯେଉଁଠି ବିଧାୟକ କିମ୍ବା ସାଧାରଣ ଜନତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ରଖିବା କଥା ସେଠି ମୁଖ୍ୟମନ୍ତ୍ରୀ କିଭଳି ପ୍ରସ୍ତାବ ରଖୁଛନ୍ତି ଏନେଇ ସାଧାରଣରେ ବେଶ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଅନ୍ୟପକ୍ଷରେ ପୂର୍ବ ସରକାର ଗତ ନିର୍ବାଚନ ପୂର୍ବରୁ କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ଦେବା ନିମନ୍ତେ ତାଲିକା ଭୁକ୍ତ କରିଥିବା ବେଳେ ବର୍ତ୍ତମାନର ମୋହନ ସରକାର ପ୍ରଥମ ପର୍ଯ୍ୟାୟରେ କଣ୍ଟିଲୋକୁ ବାଦ ଦେବା ଘଟଣା ସ୍ଥାନୀୟ ଜନସାଧାରଣଙ୍କୁ ଧୋକା ଦେଇଥବା ବେଳେ କଣ୍ଟିଲୋକୁ ଐତିହ୍ୟ ଗ୍ରାମ ମାନ୍ୟତା ଘୋଷଣା ଡବଲ ଇଞ୍ଜିନ ସରକାରର ପ୍ରହସନ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ରାଜନୀତି ବିଶେଷଜ୍ଞ ମାନେ ମତପ୍ରକାଶ କରିଛନ୍ତି। କଣ୍ଟିଲୋକୁ ସବୁ ମାସରେ ନେତା ମନ୍ତ୍ରୀଙ୍କ ସୁଅ ଛୁଟୁଥିବା ବେଳେ ଏଠିକାର ସାମୂହିକ ବିକାଶ, କଂସା ପିତ୍ତଳ କାରିଗରଙ୍କ ସମସ୍ୟା, ମତ୍ସ୍ୟଜୀବିଙ୍କ ସୁବିଧା, ସ୍ୱାସ୍ଥ୍ୟ ସେବା ଓ ସେବାୟତଙ୍କ ସମସ୍ୟା ଆଦି ପ୍ରସଙ୍ଗରେ କୌଣସି ଗୁରୁତ୍ୱ ଦେଉନଥିବା ସାଧାରଣରେ ଆଲୋଚନା ହେଉଛି। ସେଇଭଳି ବହୁ ପ୍ରତିକ୍ଷିତ ନୂତନ ମେଡିକାଲ ନିର୍ମାଣ ଏବେ ଉପଯୁକ୍ତ ଜାଗା ଅଭାବରୁ ଦୋ ଛକିରେ ଥିବା ଦେଖିବାକୁ ମିଳିଛି। ଲୋକଙ୍କ ସରକାର ବୋଲି କହି ବିଧାୟକ କେବଳ ଫଳକ ରାଜନୀତିରେ ସୀମିତ ଥିବା ଦେଖିବାକୁ ମିଳିଛି। ବାସ୍ତବରେ କଣ୍ଟିଲୋ ଭଳି ଐତିହ୍ୟ ଗ୍ରାମର ମୌଳିକ ସମସ୍ୟା ଓ ନୀଳମାଧବ କ୍ଷେତ୍ରର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର କେବଳ ଘୋଷଣାରେ ସୀମିତ ରଖୁଛନ୍ତି ନା କାର୍ଯ୍ୟ କରି ଦେଖାଇବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୨୪ ଘଣ୍ଟା ପୂର୍ବରୁ ମରାମତି ହେଲା ରାସ୍ତା



ଓଡ଼ଗାଁ, ୨୦।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି କଲେଜ ରୋଡ଼ ସନ୍ତୋଷୀ ମା' ମନ୍ଦିର ନିକଟରେ ସୃଷ୍ଟି ହୋଇଥିବା ଏକ ବଡ଼ ଖାଲ ସମ୍ପର୍କରେ ଖବର ପ୍ରକାଶନ ପରେ ପୂର୍ତ୍ତବିଭାଗ ବୁଧବାର ଉକ୍ତ ଖାଲକୁ ମରାମତ କରିଥିବା ଜଣାଯାଇଛି। ଉକ୍ତ ପିଚୁ ସଡ଼କ ଖାଲ ସ୍ଥାନକୁ ସିମେଣ୍ଟ କଂକ୍ରିଟ୍ ପକାଇ ସମାନ କରାଯାଇଛି। ଏଥିସହିତ ଏହାର ଉପର ଅଂଶ ରଙ୍ଗକୁ ପିଚୁ ସହିତ ମିଶାଇବା ପାଇଁ କଂକ୍ରିଟ୍ ଦେହରେ କଳାରଙ୍ଗ ମିଶାଇ ପକାଯାଇଛି। ଫଳରେ ତାହା ପିଚୁ ରୋଡ଼ର ରଙ୍ଗ ସହିତ ମିଶି ଯିବାର ସମ୍ଭାବନା ରହିଛି। ସୂଚନା ଥାଉକି ଉକ୍ତ ରାସ୍ତା ତଳ ଦେଇ ୩୩ କେଭି ଲାଇନ ତାର ଯାଇଥିବାରୁ ସେହି ସ୍ଥାନର ମାଟିକୁ ନଦବାଇ ହାଲକା ଭାବେ ଛାଡ଼ି ଦିଆଯାଇଥିଲା। କୌଣସି ପରୀକ୍ଷା ନିରୀକ୍ଷା ନକରି ତା' ଉପର ରାସ୍ତାରେ ନୂଆ ପିଚୁ ପକାଇ କାର୍ଯ୍ୟ ସାରି ଦିଆଯାଇଥିଲା। ଫଳରେ ଯାନବାହନ ଚଳାଚଳ ହେବାରେ ରାସ୍ତାଟି ଦବି ଏକ ବଡ଼ ଖାଲ ସୃଷ୍ଟି ହେବାରୁ ଗମନାଗମନରେ ବାଧାସୃଷ୍ଟି ହୋଇଥିଲା। ଖବର ପ୍ରକାଶନ ପରେ ବିଭାଗୀୟ ପଦକ୍ଷେ ଦ୍ୱାରା ତାହା ତ୍ୱରିତ ମରାମତ ହୋଇଥିଲା। ଫଳରେ ସାଧାରଣ ଗମନାଗମନ ସୁରକ୍ଷିତ ହୋଇପାରିଛି।

'ସକାଳ' ପ୍ରଭାବ

## ■ କର୍ତ୍ତବ୍ୟ ଆଗରେ ହାର୍‌ମାନିଛି ବୟସ

# ୭୫ ବର୍ଷ ବୟସରେ ବାଣ୍ଟୁଛନ୍ତି ଖବରକାଗଜ



ଗଣିଆ, ୨୦।୮ (ସମିସ): କର୍ତ୍ତବ୍ୟ ଆଗରେ ହାର ମାନିଛି ବୟସ। ଜୀବନର ଅପରାହ୍ନରେ ପହଞ୍ଚି ଥିଲେ ବି ଥକି ନାହାନ୍ତି। ଦୀର୍ଘ ୨୫ ବର୍ଷ ଧରି ଖବରକାଗଜ ବାଣ୍ଟି ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି ଖବର। ବର୍ଷା ଖରାକୁ ଖାତିର ନକରି ନିଜର ସେଇ ପୁରୁଣା ସାଇକଲକୁ ସାଥିକରି ଆଗେଇ ଚାଲିଛନ୍ତି ଆଗକୁ ଆଗକୁ। ରାସଙ୍ଗ ଗ୍ରାମପଞ୍ଚାୟତର ରାସଙ୍ଗ ଗ୍ରାମର ନୀଳମଣି ସାହୁ ଜୀବନ ଯାତ୍ରାରେ ୭୫ଟି ବର୍ଷ ଅତିବାହିତ କରିସାରିଲେଣି। ତଥାପି ସେ ଥକି ନଯାଇ ପ୍ରତ୍ୟେକ ଦିନ ନିଜ ସାଇକେଲ ଧରି ଯାଆନ୍ତି ଗଣିଆ ବଜାର। ସେଠାରୁ ବିଭିନ୍ନ ଦୈନିକ ଖବରକାଗଜ ସଂଗ୍ରହ କରି ବିଭିନ୍ନ ଦୂର ଦୂରାନ୍ତ ତଥା ଉପାନ୍ତ ଗ୍ରାମଗୁଡ଼ିକରେ ଦେଶ ବିଦେଶର ଖବର ଯୋଗାଇଥାନ୍ତି। ସେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨୦ ରୁ ୨୫ କିମି ସାଇକେଲ ଚଳାଇ ଜଗତୀକରଣର ଡାକରାରେ ରଣ ହୁଙ୍କାର ଦିଅନ୍ତି। ଖବରକାଗଜ ବାଣ୍ଟୁଥିବାରୁ ଅନେକ ଟାହିଟାପରା ମଧ୍ୟ ଶୁଣିଛନ୍ତି କିନ୍ତୁ ପଛଘୁଞ୍ଚା ଦେଇନାହାନ୍ତି। ପରିବାର ଲୋକ ବୟସାଧିକ ଯୋଗୁଁ ଏଥିରୁ ବିରତି ନେବାକୁ କହିଲେ, ସେ ରାଷ୍ଟ୍ର ଗଠନ ଦିଗରେ ମାନବ ସମାଜରେ ସମସ୍ତେ କିଛି ନା କିଛି ସେବା ଯୋଗାଉଛନ୍ତି। ମୁଁ ଏହି କାର୍ଯ୍ୟ କରିବା ଦ୍ୱାରା ଶାରୀରିକ ସୁସ୍ଥତା ଓ ମାନସିକ ସନ୍ତୁଷ୍ଟି ଲାଭ କରୁଛି ବୋଲି କୁହନ୍ତି। ନୀଳମଣିଙ୍କର ଏହି ଭଳି ମାନସିକତା ଓ ବୟସର ଅପରାହ୍ନରେ ନିଜର କର୍ମ ତତ୍ପରତା ଦ୍ୱାରା ସ୍ଥାନୀୟ ଲୋକଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି।

# କିଶୋରପ୍ରସାଦ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ

ଗଣିଆ, ୨୦।୮ (ସମିସ): ଗ୍ରାମ ପଞ୍ଚାୟତ ଗୁଡିକରେ ଆଲୋକୀକରଣ ବ୍ୟବସ୍ଥାରେ ଷ୍ଟ୍ରିଟ ଲାଇଟ୍ ଲଗାଯାଇଛି। ଏହାର ରକ୍ଷଣାବେକ୍ଷଣା ପାଇଁ ୫ ବର୍ଷ ପର୍ଯ୍ୟନ୍ତ ଏହାର ଅବଧି ମଧ୍ୟ ରହିଛି। ଅନେକ ସ୍ଥାନରେ ଏହି ଷ୍ଟ୍ରିଟଲାଇଟ୍ ଅଚଳ ହୋଇପଡ଼ିରହିଛି। ହେଲେ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି। ଫଳରେ ମାସ ମାସ ଧରି ଅଞ୍ଚଳବାସୀ ଅନ୍ଧାରରେ ଯାତାୟାତ କରୁଛନ୍ତି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତରେ ଗତ ୨୦୨୩ ମସିହା ଶେଷ ଆଡକୁ ୪୦ଟି ଷ୍ଟ୍ରିଟଲାଇଟ୍ ସଂଯୋଗ କରାଯାଇଥିଲା। ଗତ ୭ ମାସ ହେଲା ପ୍ରାୟ ୨୭ ଟି ଷ୍ଟ୍ରିଟ ଲାଇଟ୍ ଅଚଳ ଅବସ୍ଥାରେ ପଡ଼ିରହିଛି। ସେଥିମଧ୍ୟରୁ କିଶୋରପ୍ରସାଦରେ ୨ଟି, ଇନ୍ଦିପଟାରେ ୨ଟି, ଗୋପାଳପ୍ରସାଦରେ ୩ଟି, ପାଣ୍ଡରାସିଙ୍ଗାରେ ୬ଟି, ଖଲିସରାରେ ୫ଟି, ପତୁରିଆରେ ୮ଟି ଅଚଳ ହୋଇଥିବା ପଞ୍ଚାୟତ ତରଫରୁ ସୂଚନା ମିଳିଛି। ଏହାର ୱାରେଣ୍ଟି ଅବଧି ୫ ବର୍ଷ ଥିଲେ ମଧ୍ୟ ଏହି ଷ୍ଟ୍ରିଟଲାଇଟ୍ ସଂଯୋଗ କରିଥିବା ଠିକା ସଂସ୍ଥା ଫୋନ ଉଠାଉ ନାହାନ୍ତି। ଏହି ସମସ୍ୟା କେବଳ କିଶୋର ପ୍ରସାଦ ପଞ୍ଚାୟତରେ ନୁହେଁ ବ୍ଲକର ୮ଟି ଯାକ ପଞ୍ଚାୟତର ଏହି ସମସ୍ୟା ଲାଗି ରହିଛି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରଠାରୁ ଆରମ୍ଭ କରି ପଞ୍ଚାୟତ ସମିତିର ସାଧାରଣ ଅଧିବେଶନରେ ଅଭିଯୋଗ କଲେ ମଧ୍ୟ କିଛି ବି ଫରକ ପଡୁନାହିଁ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ● ଲଣ୍ଡାବାଦୁରେ ଖଣ୍ଡାରେ ଆକ୍ରମଣ ଘଟଣା

# ଅଭିଯୁକ୍ତକୁ ୭ ବର୍ଷ କାରାଦଣ୍ଡାଦେଶ

ଓଡ଼ଗାଁ, ୨୦।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଲଣ୍ଡାବାଦୁ ଗାଁରେ ଗୃହ ନିର୍ମାଣକୁ କେନ୍ଦ୍ରକରି ସେହି ଗ୍ରାମର କାଶିନାଥ ବାରିକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଜିତେନ୍ଦ୍ର ବାରିକଙ୍କ ନାମରେ ଓଡ଼ଗାଁ ଅଦାଲତରେ ଚାଲିଥିବା ମୋକଦମାର ବିଚାର କରି ଓଡ଼ଗାଁ ସହକାରୀ ଦୌରାଜଜ ଜନ୍ମେଜୟ ଦାସ ବୁଧବାର ମାମଲାର ଶୁଣାଣି କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଅଭିଯୁକ୍ତ ଜିତୁ ବାରିକଙ୍କୁ ୭ ବର୍ଷ କାରାଦଣ୍ଡା ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ତାକୁ ଜେଲ୍ ପଠାଇ ଦିଆଯାଇଛି। ସରକାରୀ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ସାହୁ ମକଦମାକୁ ପରିଚାଳନା କରିଥିଲେ।

## ■ ଗଣିଆ ବ୍ଲକ୍‌ରେ ନାହାନ୍ତି କନିଷ୍ଠ ଯନ୍ତ୍ରୀ

# ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ

ଗଣିଆ, ୨୦।୮ (ସମିସ): ୮ଟି ପଞ୍ଚାୟତକୁ ନେଇ ଗଠିତ ଗଣିଆ ବ୍ଲକ। ଆଦିବାସୀ ଅଧ୍ୟୁଷିତ ତଥା ବଣଜଙ୍ଗଲ ଘେରା ଅଞ୍ଚଳରେ ଅବସ୍ଥିତ ଏହି ବ୍ଲକ। ୮ ଟି ପଞ୍ଚାୟତରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଏବେ ଠପ୍ ହୋଇଯାଇଛି। ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର କୁମାର ତିହାଡ଼ିଙ୍କର ଦଶପଲ୍ଲା ବଦଳି ହୋଇଯାଇଥିବା ବେଳେ ପୁଷ୍ପାଞ୍ଜଳି ମୁର୍ମୁ ଆସିଷ୍ଟାଣ୍ଟ ଇଞ୍ଜିନିୟରକୁ ପଦୋନ୍ନତି ପାଇଛନ୍ତି। ସରକାରଙ୍କ ବିଜ୍ଞପ୍ତି ଅନୁସାରେ ୨ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ଗଣିଆ ବ୍ଲକକୁ ବଦଳି କରାଯାଇଛି। ଜଣେ କନିଷ୍ଠ ଯନ୍ତ୍ରୀ ନୂଆଗାଁରୁ ଗଣିଆ ଆସୁଥିବା ବେଳେ ଆଉ ଜଣେ ନୟାଗଡ଼ରୁ ଆସିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ପରେ ନୟାଗଡ଼ରୁ ଗଣିଆ ଆସିବାକୁ ଥିବା ଯନ୍ତ୍ରୀଙ୍କୁ ଦଶପଲ୍ଲାକୁ ବଦଳି କରାଯାଇଥିଲା। ଆଜି ପର୍ଯ୍ୟନ୍ତ ନୂଆଗାଁ ବ୍ଲକରୁ ଯନ୍ତ୍ରୀ ଆସି ଗଣିଆରେ ଯୋଗ ଦେଇନାହାନ୍ତି। ଫଳରେ ଗଣିଆରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଗଣିଆଠାରୁ ବଡ଼ସିଲିଙ୍ଗା ପଞ୍ଚାୟତ ୪୫ କିଲୋମିଟର ଦୂର ହୋଇଥିବା ବେଳେ ସେଠାରୁ ବ୍ଲକକୁ କୌଣସି କାମରେ ଆସୁଥିବା ଜନସାଧାରଣ କନିଷ୍ଠ ଯନ୍ତ୍ରୀ ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକରେ ଅନେକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ବର୍ଷା ଦିନ ହୋଇଥିବାରୁ ରାସ୍ତା ଗୁଡ଼ିକ କାଦୁଅ ପଚପଚ ହୋଇଥିବା ବେଳେ ଅର୍ଥ ମଞ୍ଜୁର ଥାଇ ମଧ୍ୟ କନିଷ୍ଠ ଯନ୍ତ୍ରୀ ନଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଅନେକ ଠିକାଦାର ବାଲି, ଗୋଡ଼ି ଗଦାଇ ହାତବାନ୍ଧି ବସି ରହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗଣିଆକୁ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ତାଲିମ ଶିବିର

ନୟାଗଡ଼, ୨୦।୮ (ସମିସ): ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ୍ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ୟାନେଲ ଓକିଲ, ପୁଲିସ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଅବକାରୀ ବିଭାଗର ଅଧିକାରୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସଚିବ ଅଞ୍ଜଳୀ ମଛଖଣ୍ଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଭିସି ନିୟମ ୨୦୨୦ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ସରକାରୀ ଓକିଲ ଦଣ୍ଡପାଣି ସ୍ୱାଇଁ ଦେୱାନୀ ପ୍ରଣାଳୀ ଓ ମଧ୍ୟସ୍ଥତା ଆଇନ୍ ୨୦୦୭ ଉପରେ, ସମ୍ମାନିତ ଅତିଥି ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ଫୌଜଦାରୀ ଆଇନ୍ ୧୯ ୯ ୭ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ରେ ମୁଦାଲାଙ୍କର ଅଧିକାର ଉପରେ ଆଲୋକପାତ କରିଥିଲେ। ତତ୍‌ସହିତ ସରକାରୀ ଓକିଲ ଆକାଶ ଦାଶ ସୁଭାସ ଆପ୍ ଦ୍ୱାରା ଇଂରାଜୀ ବିଚାରକୁ ଓଡ଼ିଆ ମାତୃଭାଷାରେ ପ୍ରକାଶ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ଉକ୍ତ ତାଲିମ ଶିବିରକୁ ସଫଳ କରିବାପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା, ଲିପ୍ସା ଦାସ, ସୋନାଲି ପଟ୍ଟନାୟକ, ଶୁଭସ୍ମିତା ମିଶ୍ର, ପ୍ରମୋଦ ମହାନ୍ତିଙ୍କ ସମେତ ସମସ୍ତ ଅଧିକାରମିତ୍ର ଏବଂ ଆଇନସେବା ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ରାଜେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।




# ଓଡ଼ିଶା ରାଜସ୍ୱ ଅମଲା ସଂଘର ସମୂହ ଛୁଟି




ଓଡ଼ଗାଁ, ୨୦।୮ (ସମିସ): ଓଡ଼ିଶା ରାଜ୍ୟ ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି ଅନୁସାରେ ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ସମୂହ ଛୁଟି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଏବଂ ତହସିଲରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ଗତ ୧୧ ତାରିଖ ଠାରୁ ସମୂହ ଛୁଟି ନେଇ ବ୍ଲକ ଏବଂ ତହସିଲ ସାମ୍ନାରେ ଧାରଣାରେ ବସୁଥିବାରୁ ଉଭୟ କାର୍ଯ୍ୟାଳୟରେ ବିଭିନ୍ନ ଜନହିତକର କାର୍ଯ୍ୟ ପ୍ରଭାବିତ ହୋଇଥିବା ଅଭିଯୋଗ ହେଉଛି। ସାଧାରଣ ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଯେଉଁ କାର୍ଯ୍ୟକୁ ଏସବୁ କର୍ମଚାରୀଙ୍କ ମିଳିତ ସହଯୋଗରେ ସରୁନଥିଲା ଏବେ ଅଳ୍ପ ସଂଖ୍ୟକ କର୍ମଚାରୀ ତାକୁ କିପରି କରିବେ। ଏଥିପ୍ରତି ସରକାର ଧ୍ୟାନ ଦେବାର ଆବଶ୍ୟକତା ରହିଛି।

# ଅଧିକାର ଯାତ୍ରା ଓ କାର୍ଯ୍ୟବନ୍ଦ ଆନ୍ଦୋଳନ

ନୟାଗଡ଼, ୨୦।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଣଅନୁଦାନ ଅଧ୍ୟାପକ ଓ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ନୟାଗଡ଼ ଜିଲ୍ଲା ବଉଳସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଣଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନେ ୧୬ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ବିନା ସରକାରୀ ଅନୁଦାନରେ ଅତି ଦୟନୀୟ ଅବସ୍ଥାରେ କାର୍ଯ୍ୟ କରି ଆସୁଅଛନ୍ତି। ଅନୁଦାନ ଦାବିରେ ଏହି ବର୍ଗର କର୍ମଚାରୀମାନେ ବାରମ୍ବାର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଆନ୍ଦୋଳନ ଜରିଆରେ ଦାବିପତ୍ର ଦେଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ତୁରନ୍ତ ଅନୁଦାନ ପ୍ରଦାନ ପାଇଁ କଲେଜ ଅଧ୍ୟକ୍ଷଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।




# ସ୍ୱାସ୍ଥ୍ୟ ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର




ଗଣିଆ, ୨୦।୮ (ସମିସ): ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ସ୍ୱାସ୍ଥ୍ୟ ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାର ବାଳା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥି ଭାବେ ଡାକ୍ତର ରାଜେନ୍ଦ୍ର ଦଳେଇ, ଡାକ୍ତର ଗିରିଧାରୀ ମଲ୍ଲ, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ଫାର୍ମାସିଷ୍ଟ ଦୀପକ ରଞ୍ଜନ ପାଟଯୋଶୀ, ଫାର୍ମାସିଷ୍ଟ ସୁରେଶ କୁମାର ଜେନା, ଷ୍ଟାଫ ନର୍ସ ତରସିଲା ବା, ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ, ଶିକ୍ଷକ ପବିତ୍ର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷା ସହିତ ସ୍ୱାସ୍ଥ୍ୟର ଯତ୍ନ ନେବା ନିହାତି ଆବଶ୍ୟକ। ଛାତ୍ରଛାତ୍ରୀ ଆଜିକାଲି ଫାଷ୍ଟଫୁଡକୁ ବେଶି ଆପଣେଇ ଥିବାରୁ ସେମାନେ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଭିଭାବକ ମାନେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ବିଶେଷ କରି ଛାତ୍ରୀ ମାନେ ପେଟ ରୋଗ ଏବଂ ମାସିକ ରକ୍ତସ୍ରାବରେ ଅନିୟମିତତା ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ସମୟରେ ରକ୍ତହିନତାର ଶିକାର ମଧ୍ୟ ହେଉଛନ୍ତି। ସେଥିପାଇଁ ବିଦ୍ୟାଳୟ ଗୁଡିକରେ ଆଇରନ ବଟିକା ଦିଆଯାଉଥିବାରୁ ସମସ୍ତ ଛାତ୍ର ଛାତ୍ରୀ ଏହି ବଟିକା ଖାଇବା ନିହାତି ଆବଶ୍ୟକ ବୋଲି ଡାକ୍ତର ଶ୍ରୀ ମଲ୍ଲ ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିବାରୁ ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୭୫ ବର୍ଷ ବୟସ୍କ ବୃଦ୍ଧାଙ୍କୁ ଦୁଷ୍କର୍ମ

# ଶୁଣିଲାନି ପୁଲିସ; ବିଚାରପତିଙ୍କ ପରାମର୍ଶରେ ମାମଲା

ନୟାଗଡ଼/ଦଶପଲ୍ଲା, ୨୦।୮ (ସମିସ)

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଏକ ସାହିରେ ରହୁଥିବା ଜନୈକା ୭୫ ବର୍ଷୀୟା ବୃଦ୍ଧା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ଘଟଣାରେ ଥାନାରେ ଅଭିଯୋଗ କରିବାକୁ ଆସିଥିବା ବୃଦ୍ଧାଙ୍କ କଥାକୁ ଦଶପଲ୍ଲା ପୁଲିସ ଶୁଣିନଥିଲା। ଯାହାକୁ ନେଇ ବୃଦ୍ଧା ଜଣକ ଦଶପଲ୍ଲାର ଜଣେ ବିଚାରପତିଙ୍କୁ ସାକ୍ଷାତ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ବିଚାରପତିଙ୍କ ପରାମର୍ଶ କ୍ରମେ ଘଟଣା ତାଲୁକ ଆଇନସେବାକୁ ଅବଗତ କରାଯାଇଥିଲା। ଏନେଇ ବିଚାରପତି ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ପରେ ଦଶପଲ୍ଲା ଥାନା ପୁଲିସ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ବୃଦ୍ଧା ଜଣକ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ଘଟଣାର ତଦନ୍ତଭାର ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ହାତକୁ ନେଇଥିବା ଜଣାପଡ଼ିଛି। ବୁଧବାର ଏସ୍‌ଡିପିଓ ଦଶପଲ୍ଲା ଥାନାରେ ପହଞ୍ଚି ଘଟଣାର ଛାନ୍‌ଭିନ୍ କରିବା ସହ ଆବଶ୍ୟକ ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ

## ● ଅଭିଯୁକ୍ତ ଅଟକ, ଏସ୍‌ଡିପିଓଙ୍କ ଛାନ୍‌ଭିନ୍

ଦଶପଲ୍ଲା ମାଳିସାହିର ଅଲେଖ ମହାରଣାଙ୍କୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

ଅଲେଖ ଦଶପଲ୍ଲା କଚେରୀ ବଜାରରେ ଏକ ହୋଟେଲ କରିଛନ୍ତି। ଗତ ୧୪ ତାରିଖ ଅପରାହ୍ନରେ ଅସହାୟ ବୃଦ୍ଧା ଜଣକ ତାଙ୍କ ଘରେ ଥିବାବେଳେ ଅଲେଖ ତାଙ୍କ ଘରକୁ ଯାଇଥିଲେ। ବୃଦ୍ଧାଙ୍କ ସହ ଜୋର୍‌ଜବରଦସ୍ତ କରିଥିଲେ। ଏନେଇ ଘଟଣା ଦିନ ବୃଦ୍ଧା ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ ମଧ୍ୟ ପୁଲିସ ତାଙ୍କ କଥାକୁ ଗ୍ରହଣ କରି ନ ଥିଲା। ଏପରିକି ବୃଦ୍ଧାଙ୍କଠାରୁ ଏତଲା ମଧ୍ୟ ରଖିନଥିଲା। ଯାହାକୁ ନେଇ ବୃଦ୍ଧା ଜଣକ ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତିଙ୍କ ହସ୍ତକ୍ଷେପ ଓ ପରାମର୍ଶ କ୍ରମେ ବରିଷ୍ଠ ପୁଲିସ ଅଧିକାରୀଙ୍କ ନିର୍ଦ୍ଦେଶରେ ଦଶପଲ୍ଲା ଥାନାରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ବୁଧବାର ଦଶପଲ୍ଲା ଥାନାକୁ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ଏସ୍‌ଡିପିଓ ଘଟଣା ସମ୍ପର୍କରେ ଛାନ୍‌ଭିନ୍ ପାଇଁ ଯାଇଥିବାବେଳେ ଦଶପଲ୍ଲା ଥାନା ଅଧିକାରୀ କୌଣସି କାରଣକୁ ନେଇ ନୟାଗଡ଼ ଚାଲି ଆସିଥିବା ଜଣାପଡ଼ିଛି। ଏହା ଦଶପଲ୍ଲା ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏସ୍‌ଡିପିଓ ବାଣିଗୋଚ୍ଛା ଥାନା ଭାରପ୍ରାପ୍ତ ଅଧିକାରୀ ବିନୟ ରଞ୍ଜନ ପରିଡ଼ା, ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କୁ ଧରି ତଦନ୍ତ ଆଗକୁ ନେଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଛି। ସ୍ଥାନୀୟ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ରାଜନୈତିକ ବ୍ୟକ୍ତିବିଶେଷ ମୌଖିକ ଭାବେ ବରିଷ୍ଠ ଅଧିକାରୀଙ୍କୁ ନିୟମିତ ଫେରାଦ ହେଉଛନ୍ତି। ତଥାପି ପରିସ୍ଥିତି ବଦଳିବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ହେଉଛି। ଦଶପଲ୍ଲା ଥାନାକୁ ଆସୁଥିବା ଅନେକ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତକୁ ପୁଲିସ ପୋକ୍ସୋ ଆକ୍ଟରେ ଗିରଫ କରିବା ବଦଳରେ ଆପୋଷ ସମାଧାନ କରୁଥିବା ସୂଚନା ମିଳିଛି। ଦଶପଲ୍ଲା ଥାନାରେ ଚାଲିଥିବା ମନମୁଖୀ କାର୍ଯ୍ୟକୁ ନେଇ ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ଅସନ୍ତୋଷ ରହିଥିବା ସୂଚନା ମିଳିଛି।

## ଖୋର୍ଦ୍ଧା ପୌରପରିଷଦ ସାଧାରଣ ବୈଠକ

# କ୍ୟାବିନ୍ ବ୍ୟବସାୟୀଙ୍କ ପାଇଁ ଖୋଲିଲା ନୂଆ ଆଶା; ହେବ ଜମି ଚିହ୍ନଟ



ଖୋର୍ଦ୍ଧା, ୨୦।୮ (ସମିସ)

ଖୋର୍ଦ୍ଧା ପୌରପରିଷଦ ସାଧାରଣ ବୈଠକ ବୁଧବାର ଜୟୀ ରାଜଗୁରୁ ଭବନସ୍ଥିତ ପୌରପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଥିଲେ। ବୈଠକରେ ଆସନ୍ତା ୩୧ ତାରିଖରେ ପାଳନ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସୂଚାରୁ ରୂପେ ଦିବସକୁ ପାଳନ ନିମନ୍ତେ ପୌରାଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଉପସ୍ଥିତ କାଉନ୍ସିଲର, କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ପୌରନିର୍ବାହୀ ଅଧିକାରୀଙ୍କ ମନମାନୀକୁ ନେଇ କିଛି ସମୟ ବୈଠକରେ ଅସନ୍ତୋଷ ଦେଖାଯାଇଥିଲା। ପରେ ବିଧାୟକ ଏଥିରେ ହସ୍ତକ୍ଷେପ କରି ସମସ୍ତେ ଏକ ହୋଇ କାର୍ଯ୍ୟକଲେ ପୌରପରିଷଦ ଆଗକୁ ଯିବ ବୋଲି କହିଥିଲେ। ପରେ କ୍ୟାବିନ୍ ଥଇଥାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ୟାବିନ୍ ଓ ପୌରପରିଷଦ ଦୋକାନ ଗୃହ ଆବଣ୍ଟନକୁ ନେଇ ବ୍ୟବସାୟୀଙ୍କ ଉପୁଜିଥିବା ସମସ୍ୟାର ସମାଧାନ ଲାଗି ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ୬ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ସମସ୍ୟାଗୁଡ଼ିକର ସମାଧାନ କରାଯାଇ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବହୁ ପ୍ରତିକ୍ଷିତ କ୍ୟାବିନ୍ ବ୍ୟବସାୟୀଙ୍କ ସମସ୍ୟାର ଥଇଥାନ ଲାଗି ତହସିଲ୍‌ଦାରଙ୍କୁ ବୈଠକକୁ ଡକାଯାଇ ଜମି ଚିହ୍ନଟକରଣ କରିବା ଲାଗି ଏବଂ ଅଧିଗ୍ରହଣ ନିମନ୍ତେ ପୌରପରିଷଦ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଜମି ଚିହ୍ନଟ କରାଯିବ ବୋଲି ତହସିଲ୍‌ଦାର ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି। ଯାହା କ୍ୟାବିନ୍ ବ୍ୟବସାୟୀଙ୍କ ଲାଗି ନୂତନ ଆଶା ସଞ୍ଚାର କରିଛି। ବିଭିନ୍ନ ଯୋଜନାରେ ପଡ଼ିରହିଥିବା ଅନୁଦାନ ରାଶିକୁ ପୌରପରିଷଦର ସାମଗ୍ରିକ ବିକାଶ ପାଇଁ କାଉନ୍ସିଲରଙ୍କ ପ୍ରସ୍ତାବ କ୍ରମେ ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡର ରାସ୍ତା, ନାଳ ମରାମତି ଓ ନୂତନ ରାସ୍ତା, ନାଳ ନିର୍ମାଣ ନିମନ୍ତେ ସର୍ବସମ୍ମତି କ୍ରମେ ବ୍ୟୟମଞ୍ଜୁର ପ୍ରସ୍ତାବ ଗୃହୀତ ହୋଇଥିଲା।

- କ୍ୟାବିନ୍ ଓ ପୌରପରିଷଦ ଦୋକାନ ଗୃହ ଆବଣ୍ଟନ ପାଇଁ ଗଠନ ହେଲା କମିଟି
- ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ଭିତରେ ଥିବା ମନୋମାଳିନ୍ୟର ଅନ୍ତ

ଏଥିସହିତ ଲଗାଣ ବର୍ଷା ଲାଗି ରହିଥିବାରୁ ବର୍ଷା ପାଣି ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେପରି ଜଳବନ୍ଦୀ ଅବସ୍ଥା ସୃଷ୍ଟି ନ ହୁଏ, ସେଥିପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଦୀର୍ଘଦିନ ହେବ ପୌରାଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ଲାଗି ରହିଥିବା ମନୋମାଳିନ୍ୟର ଆଜି ଅନ୍ତ ଘଟିଛି ବୋଲି ବିଧାୟକ ବୈଠକ ଗୃହ ବାହାରେ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି। ଯାହା ପୌରାଧ୍ୟକ୍ଷା ଓ ପୌରନିର୍ବାହୀ ଅଧିକାରୀଙ୍କ ଭିତରେ ଥିବା ତୁତୁ ମେ' ମେ' ଚର୍ଚ୍ଚାକୁ ବେଶ୍ ସ୍ପଷ୍ଟ କରିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ତହସିଲ୍‌ଦାର ବିଭାସ ପାଣିଗ୍ରାହୀ, ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ ସମେତ କାଉନ୍ସିଲର ଏବଂ ବିଭିନ୍ନ ବିଭାଗ ଉପବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗକୁ ଗଣେଶ ପୂଜା; ସଜେଇ ହେଉଛି ଜଟଣୀ ସହର

# ରେତଙ୍ଗ କଲୋନୀ ମଣ୍ଡପରେ ବୁଦ୍ଧାବତାର ଗଣେଶ

**ଜଟଣୀ, ୨୦।୮ (ସମିସ):** ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ସଜେଇ ହେଉଛି ଜଟଣୀ ସହର। ଚଳିତ ବର୍ଷ ଜଟଣୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ରେତଙ୍ଗ କଲୋନୀ ଫ୍ରେଣ୍ଡ୍ସ କ୍ଲବ୍‌ର ଗଣେଶ ପୂଜା। ସବୁ ବର୍ଷ ପରି ଏଥର ନୂଆ ପରିକଳ୍ପନା ନେଇ ତୋରଣ ଓ ଗଣେଶ ମୂର୍ତ୍ତି ପ୍ରସ୍ତୁତ କରୁଛନ୍ତି ପୂଜା କମିଟି। ଏଥର ଆକର୍ଷଣରେ ରହିବ ଓଡ଼ିଶାର ଐତିହାସିକ କଳିଙ୍ଗର ଗାଥା ତଥା ଗୌତମ ବୁଦ୍ଧଙ୍କର ଗାଥା। କାରଣ ଏଥର ପୂଜା କମିଟି ପ୍ରସ୍ତୁତ କରୁଛନ୍ତି ଗୌତମ ବୁଦ୍ଧଙ୍କ ଅବତାରରେ ବିଶାଳକାୟ ଗଣେଶ ମୂର୍ତ୍ତି। ଯାହାର ଉଚ୍ଚତା ୧୫ ଫୁଟ୍ ସହିତ ଓସାର ମଧ୍ୟ ୧୦ ଫୁଟ୍‌ରୁ ଉର୍ଦ୍ଧ୍ୱ ରହିବ। କଳିଙ୍ଗର ଏହି ପରମ୍ପରାକୁ ଉଜ୍ଜୀବିତ ଏବଂ ଓଡ଼ିଆଙ୍କ ମନରେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିବର୍ତ୍ତିତ ହୋଇଥିବା ସେହି ଐତିହାସିକ କାହାଣୀକୁ ଲୋକଙ୍କ ମନରେ ଉଜ୍ଜିବିତ କରିବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି କମିଟି ସଦସ୍ୟ। ଏଥି ସହ ପୂଜା ଆହୁରି ଆକର୍ଷଣୀୟ କରିବା ପାଇଁ ଏଥର ତୋରଣରେ ଆକର୍ଷଣ ସାଜିବ ତିନିଆନ ରାଜରାଜୁଡ଼ା ସମୟର ଏକ ତୋରଣ ବା ଏଲ୍‌ଇଡି ଗେଟ୍। ବିଶେଷ କରି ରଙ୍ଗିନ ଆଲୁଅରେ ଏହି ତୋରଣଟି ବହୁ ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ସହ କିପରି ଲୋକଙ୍କୁ ଅଧିକ ଆକୃଷ୍ଟ କରିବ ସେ ଦିଗରେ ମଧ୍ୟ ପୂଜା କମିଟି ଧ୍ୟାନ ଦେଇଛନ୍ତି।



ତା' ସହିତ ଛୋଟ ପିଲାଙ୍କ ପାଇଁ ଏକ ବୁଦ୍ଧ ପାର୍କ ସହ ଯେଉଁଠି ଏକ ଚିତ୍ର ଅଙ୍କନ ପ୍ରତିଯୋଗିତା ମଧ୍ୟ କରାଯିବ। ବିଭିନ୍ନ ଅଞ୍ଚଳର ପିଲା ଭାଗ ନେଇ ନିଜ ନିଜ ତୁଳିରେ ମୁକ୍ତ କାରିଗରୀର କଳାରେ ସେମାନଙ୍କ ପରିକଳ୍ପନାକୁ ଆଙ୍କିବାର ସୁଯୋଗ ପାଇବେ। ଲୋକଙ୍କ ସୁଗମ୍ୟ ଯାତ୍ରା, ଠାକୁର ଦର୍ଶନ ଓ ପ୍ରସାଦସେବନ ପାଇଁ ମଧ୍ୟ ସୁବ୍ୟବସ୍ଥା ସହ ପୁଲିସ ଓ ପୂଜା କମିଟି ମଧ୍ୟରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସିସିଟିଭି ସର୍ଭିଲାନ୍ସ ସହ ଭଲ୍ୟୁଣ୍ଟିଅରମାନେ ମଧ୍ୟ ସଜାଗ ରହିବେ। ଏପରିକି ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଦର୍ଶନ ଓ ସୁବିଧା ପାଇଁ ପୂଜା କମିଟି ଏଥର ଏକ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛି। ଯେପରି କୌଣସି ଅଞ୍ଚଳ ଅନ୍ଧକାର ନ ରହିବ ଚାରିଆଡ଼େ ଆଲୋକୀକରଣ ଓ ପାଖଆଖରେ ଖାଦ୍ୟ ବିକ୍ରି ବା ଦୋକାନମାନଙ୍କୁ ହାନିକାରକ ରଙ୍ଗଯୁକ୍ତ ଖାଦ୍ୟ ନ ବିକିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ଷ୍ଟ୍ରେଚର ଓ ଫାଷ୍ଟଏଡ୍ କିଟ୍ ରଖାଯିବ ବୋଲି ସୂଚନା ଦିଆଯାଇଛି।

## ଚିକିତ୍ସାଧୀନ ଶିକ୍ଷକଙ୍କୁ ଶିକ୍ଷକ କଲ୍ୟାଣ ପାଣ୍ଠିରୁ ସହାୟତା



**ବେଗୁନିଆ, ୨୦।୮ (ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଦଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିବେକାନନ୍ଦ ମିଶ୍ର ଗତ ଜୁଲାଇ ୮ ତାରିଖରେ ଦୁର୍ଘଟଣା ଯୋଗୁଁ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବୁଧବାର ଚିକିତ୍ସାଧୀନ ଶିକ୍ଷକ ଶ୍ରୀ ମିଶ୍ର ଓ ଜ୍ୱରରେ ପୀଡ଼ିତ ସଂଘର ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜଙ୍କୁ ବେଗୁନିଆସ୍ଥିତ ବାସଭବନରେ ମିଳିତ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ସରୋଜ ବେହେରା, କୋଷାଧ୍ୟକ୍ଷ ବୀରକିଶୋର ମହାରଣା, ସଦସ୍ୟ ବସନ୍ତ କୁମାର ଜୟସିଂହ, ରାମ ଚନ୍ଦ୍ର ଷଣ୍ଢ, ଦାଶରଥି ବେହେରା, ବିଶ୍ୱଜିତ୍ ପଟ୍ଟନାୟକ, ଆଶିଷ କୁମାର ସୁବୁଦ୍ଧି, ଉମାକାନ୍ତ ନାୟକ, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆରୋଗ୍ୟକାମନା କରିଛନ୍ତି। ତତ୍‌ସହିତ ଶିକ୍ଷକ କଲ୍ୟାଣ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ପ୍ରଦାନ କରିଛନ୍ତି।

## ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ; ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ

**ବାଲୁଗାଁ, ୨୦।୮ (ସମିସ):** ବର୍ତ୍ତମାନ ପାର୍ବଣ ଋତୁର ଆଗମନ ତଥା ଆଗକୁ ଗଣେଶ ପୂଜା ସହ ବିଭିନ୍ନ ପୂଜାପାର୍ବଣ ଆସୁଥିବାରୁ ବାଲୁଗାଁ ବାଣପୁର ଅଞ୍ଚଳର ଯୁବଗୋଷ୍ଠୀ ଜୋର୍‌ଜବରଦସ୍ତ ଅଞ୍ଚଳରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ହେଉଛି। ଚାନ୍ଦା ଆଦାୟ କରିବା ଏକ ଅପରାଧିକ କାର୍ଯ୍ୟକଳାପ ବୋଲି ପୂର୍ବରୁ ପୁଲିସ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଏହାକୁ ଅବମାନନା କରି ବାଲୁଗାଁ ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାନ୍ଦା ଆଦାୟ କରାଯାଉଥିବା ଦେଖିବାକୁ ମିଳୁଛି। କଟକଣା ସତ୍ତ୍ୱେ ଅଞ୍ଚଳର ବିଭିନ୍ନ ସାହି ଓ କ୍ଲବ୍‌ର ଯୁବକମାନେ ବାଲୁଗାଁ ଓ ବାଣପୁର ଅଞ୍ଚଳର ବିଭିନ୍ନ ଛକ, ବଜାରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ରାଜରାସ୍ତାରେ ଯାତାୟାତ ଗାଡ଼ି ମୋଟରକୁ ଅଟକାଇ ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ କରୁଥିବାର ଦେଖିବାକୁ ମିଳିଛି। କିଛିଦିନ ପୂର୍ବେ ବାଲୁଗାଁ ବସ୍‌ଷ୍ଟାଣ୍ଡ ଅନତି ଦୂର ରାସ୍ତା ଉପରେ କିଛି ଯୁବକ ପ୍ରତ୍ୟେକ ଗାଡ଼ିକୁ ଅଟକାଇ ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ କରୁଥିବାବେଳେ ଏ ସମ୍ପର୍କରେ ବାଲୁଗାଁ ପୁଲିସ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଯୁବକମାନେ ଦେଖି ଭୟରେ ଫେରାର ହୋଇଯାଇଥିଲେ। ସେହିପରି ବାଲୁଗାଁ ବାଇପାସ୍, ବଡ଼କୁଳ, ବାଣପୁରର ବିଭିନ୍ନ ଗ୍ରାମ ଛକ ଆଦି ଅନେକ ସ୍ଥାନରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଏହି ବେନିୟମ ଚାନ୍ଦା ଆଦାୟ କାର୍ଯ୍ୟରୁ ନିବୃତ୍ତ ରହିବାକୁ ବାଲୁଗାଁ ଓ ବାଣପୁର ଥାନା ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ଏହି ବେଆଇନ କାର୍ଯ୍ୟ କରୁଥିବାର ଧରାପଡ଼େ ତାକୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଆଉ କେତେଟା ଦିନ ପରେ ଗଣେଶ ପୂଜା ଆସୁଥିବାରୁ ଚାନ୍ଦା ଆଦାୟ ନ କରିବାକୁ ସମସ୍ତ ଅଞ୍ଚଳରେ ପୁଲିସ ପ୍ରଶାସନ ନଜର ଦେବାକୁ ଦୃଢ଼ ଦାବି ହେଉଛି।

## ଫୁଟ୍‌ବଲ ଲିଗ୍: ଏସ୍‌ଏସ୍‌ଏ ବିଜୟୀ



**ଖୋର୍ଦ୍ଧା, ୨୦।୮ (ସମିସ):** ଶରଧାପୁର ସ୍ପୋର୍ଟସ ଆସୋସିଏସନ(ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଫୁଟ୍‌ବଲ ଲିଗ୍ ବୁଧବାର ମ୍ୟାଚ୍ ଆୟୋଜକ ଟିମ୍ ଏସ୍‌ଏସ୍‌ଏ ବିଜୟୀ ହୋଇଛି। ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ମ୍ୟାଚ୍ ଏସ୍‌ଏସ୍‌ଏ ବନାମ ବେଣାପଞ୍ଜୁରୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଟିମ୍ ଖେଳାଳି ଗୋଟିଏ ପରେ ଗୋଟିଏ ଗୋଲ୍ ଦେଇ ୪-୦ ବ୍ୟବଧାନରେ ବିଜୟ ଭେଟି ଦେଇଥିଲେ। ଏହି ମ୍ୟାଚ୍‌ରେ ସାଗିର ଅହେମ୍ମଦ ରେଫରୀ ଏବଂ ତାଙ୍କୁ ଇଜାଜ ହୁସେନ, ଆମ୍‌ଜାଦ ଖାଁ ଓ ସୈକତ ଅହେମ୍ମଦ ସହଯୋଗ କରିଥିଲେ। ଅତିଥି ଭାବେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡ଼ଜେନା, କମିଟି ସଭାପତି ଏମ୍‌ଡି ଜମିବରୁ ରହେମାନ, ମୀନକେତନ ବଡ଼ଜେନା, ମୁସାରତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ତରତୁଆ ବନାମ ଜଟଣୀ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି କମିଟି ସୂଚନା ଦେଇଛି।

# ଅଣ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମାତୃଭାଷା ପାଠ୍ୟପୁସ୍ତକ ବିତରଣ କରିବାକୁ ଦାବି

**ଟାଙ୍ଗୀ, ୨୦।୮ (ସମିସ):** ଟାଙ୍ଗୀ ବ୍ଲକରେ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଅଣଓଡ଼ିଆ ବଙ୍ଗଳା ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷା ପାଠ୍ୟପୁସ୍ତକ ସରକାରଙ୍କ ତରଫରୁ ପ୍ରଦାନ କରାଯାଇ ନ ଥିବା ହେତୁ ସେମାନଙ୍କ ମଧ୍ୟରେ ଏକପ୍ରକାର ନୈରାଶ୍ୟ ଦେଖାଯାଇଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ କାହାକୁ ମାତୃଭାଷା ଶିକ୍ଷାରୁ ବଞ୍ଚିତ କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପ୍ରଣିତ ଆଇନକୁ ଠିକ୍ ଭାବରେ ପାଳିତ ହେଉ ନ ଥିବା ଦେଖାଯାଉଛି।

ସୂଚନାଯୋଗ୍ୟ, ଦେଶ ବିଭାଜନ ପରେ ଟାଙ୍ଗୀ ବ୍ଲକର ବାଲିପାଟପୁର, ଝଟିନୁଆଗାଁ, ଗୋବର୍ଦ୍ଧନପୁର, କନ୍ତଲବାଇ, କାଟିଲାଗୋଠ ଓ ସୁନ୍ଦରପୁର ଇତ୍ୟାଦି ଗ୍ରାମରେ ନୂତନ କଲୋନୀ ନିର୍ମାଣ କରାଯାଇ ୯୩୧ଟି ବଙ୍ଗୀୟ ପରିବାରକୁ ଥଇଥାନ କରାଯାଇଥିଲା। ସେମାନଙ୍କ ଶିକ୍ଷା ପାଇଁ ୬ଟି ଯାକ କଲୋନୀରେ ୬ଟି ପ୍ରାଥମିକ ଓ ବାଲିପାଟପୁରଠାରେ ରିଫ୍ୟୁଜି ହାଇସ୍କୁଲ ସ୍ଥାପନ କରାଯିବା ସହ ସ୍ୱାସ୍ଥ୍ୟସେବା ପାଇଁ ଏକ ଡାକ୍ତରଖାନା କନ୍ତଲବାଇରେ ସ୍ଥାପିତ ହୋଇଥିଲା। ସେତେବେଳେ ବଙ୍ଗଳା ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ଥିଲା। ବଙ୍ଗଳା ଭାଷାଭାଷୀ ଶିକ୍ଷକ ନିଯୁକ୍ତ ହୋଇଥିଲେ। ସମୟ କ୍ରମେ ଏହି ଶିକ୍ଷାଦାନ ବ୍ୟବସ୍ଥା ତା'ର ସତ୍ତା ହରାଇ ବସିଲା। ଏହି ଭାଷାରେ ଶିକ୍ଷାଦାନ ଜାରି ରଖିବା ସହିତ ମାତୃଭାଷା ବଙ୍ଗଳାର ସୁରକ୍ଷା ନିମିତ୍ତ ଦେବ କୁମାର ଚକ୍ରବର୍ତ୍ତୀ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ। ଏହାପରେ ଭୂଷଣ୍ଡପୁର ବଙ୍ଗାଳୀ ସମାଜ ଆବାହକ କମଳକାନ୍ତ ରାୟ ଏହାକୁ ତ୍ୱରାନ୍ୱିତ କରିବାକୁ ଲାଗିଲେ। ମାଲକାନଗିରିରେ ଅବସ୍ଥାନ କରୁଥିବା ବଙ୍ଗାଳୀମାନଙ୍କ ତରଫରୁ ଏହି ଦାବି ଜୋର୍ ଧରିଲା ପୂର୍ବତନ ବିଧାୟକ ନିମାଇଁ ସରକାର ଓ ଡ. ଅରବିନ୍ଦ ଢାଲି ପ୍ରମୁଖ ମଧ୍ୟ ସ୍ୱର ଉଠାଇଲେ। ରାଜ୍ୟ ସରକାର ସେମାନଙ୍କ ଏହି ନ୍ୟାଯ୍ୟ ଦାବିକୁ ଗ୍ରହଣ କରି ମାଗଣାରେ ବଙ୍ଗଳା ପାଠ୍ୟପୁସ୍ତକ ଯୋଗାଇଦେବା ସହ ମାତୃଭାଷାବଙ୍ଗଳାରେ ଶିକ୍ଷାଦାନ ବ୍ୟବସ୍ଥା ଚାଲୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୨୦୧୮ ଅକ୍ଟୋବର ୪ ତାରିଖ ଚିଠି ନମ୍ବର ୨୨୪୬୭ରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶନାମା ଜାରି କଲେ। ତଦନୁସାରେ ବଙ୍ଗାଳୀ ଶିକ୍ଷକ ନିଯୁକ୍ତି ଓ ମାତୃଭାଷା ବଙ୍ଗଳାରେ ଶିକ୍ଷାଦାନ କରିବାକୁ ସମ୍ପୃକ୍ତ ଶିକ୍ଷାଧିକାରୀଙ୍କୁ ୨୦୨୨ ନଭେମ୍ବର ୪ରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାରଙ୍କ ଇଚ୍ଛାଶକ୍ତି ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଗତବର୍ଷ ଭୂଷଣ୍ଡପୁର ବଙ୍ଗାଳୀ ସମାଜ ଆବାହକ ନିଜସ୍ୱ ପ୍ରଚେଷ୍ଟାରେ ବଙ୍ଗଳା ପାଠ୍ୟପୁସ୍ତକ ବିଭିନ୍ନ ବିଦ୍ୟାଳୟରେ ବିତରଣ କରିଥିଲେ। ନିର୍ଦ୍ଦେଶନାମା ଜାରିକରି ସରକାର କିମ୍ବା ଶିକ୍ଷା ପ୍ରଶାସନ ଏଯାବତ୍ ନିଶ୍ଚିନ୍ତରେ ବସିଯାଇଥିବା ଦେଖିବାକୁ ମିଳୁଛି। ବହୁ ବଙ୍ଗାଳୀ ଶିକ୍ଷକ ଏହି ବ୍ଲକରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଅନ୍ୟତ୍ର ନିଯୁକ୍ତି ଦିଆଯାଇଛି। ସେମାନଙ୍କୁ ଏହି ୬ଟି କଲୋନୀ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦେବାର ଜରୁରୀ ଆବଶ୍ୟକତା ରହିଛି। ପାଠ୍ୟପୁସ୍ତକ ତୁରନ୍ତ ପ୍ରଦାନ ସହ ବଙ୍ଗାଳୀ ବିଦ୍ୟାଳୟରେ ବଙ୍ଗାଳୀ ଶିକ୍ଷକଙ୍କୁ ନିଯୁକ୍ତିର ବ୍ୟବସ୍ଥା କରିବାକୁ ଭୂଷଣ୍ଡପୁର ବଙ୍ଗାଳୀ ସମାଜ ଆବାହକ କମଳକାନ୍ତ ରାୟ, ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ଓ ବଙ୍ଗାଳୀ ସମାଜ ସଭାପତି ଅମୋଲ ଚକ୍ରବର୍ତ୍ତୀ ପ୍ରମୁଖ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

## ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ

**ଟାଙ୍ଗୀ, ୨୦।୮ (ସମିସ):** ବୁଧବାର ସକାଳେ ଖୋର୍ଦ୍ଧା ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଚାନ୍ଦପୁର ଶାସ୍ତ୍ରୀନଗରର ବିଶ୍ୱନାଥ ପ୍ରଧାନ(୭୮)ଙ୍କର ପରଲୋକ ଘଟିଛି। ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ପ୍ରାୟ ୯ଟାରେ ତାଙ୍କର ପରଲୋକ ଘଟିଥିଲା। ସେ ଜଣେ ସରଳ, ପରୋପକାରୀ, ସମାଜସେବୀ ଭାବେ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। କନିଷ୍ଠ ପୁତ୍ର ଚନ୍ଦ୍ରକାନ୍ତଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଅଧ୍ୟାପିକା ଲକ୍ଷ୍ମୀପ୍ରିୟାଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ



**ନିରାକାରପୁର, ୨୦।୮ (ସମିସ):** ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ତମ ଜନ୍ମ ବାର୍ଷିକୀ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ଉତ୍ସବ-୨୦୨୫ ପାଳିତ ହୋଇଛି। ଏହି ଅବସରରେ ନିରାକାରପୁରର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରଶିକ୍ଷକ ତଥା ତର୍କ ଶାସ୍ତ୍ରର ଅଧ୍ୟାପିକା ଲେଫ୍ଟନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦ ଶ୍ରେଷ୍ଠ ଏନ୍‌ସିସି ଅଫିସର ଭାବରେ ସମ୍ମାନିତ ହୋଇଛନ୍ତି। ଏହି ସଭାରେ ଥିବା ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ମୁଖ୍ୟବକ୍ତା ଭାବେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଉପକୁଳପତି ପ୍ରଫେସର କୁମାରବର ଦାସଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ସଭାରେ ନିରାକାରପୁର କଲେଜର ୩୦ କ୍ୟାଡେଟ୍ ମଧ୍ୟ ଯୋଗଦେଇଥିଲେ।

## ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ




**ନିରାକାରପୁର, ୨୦।୮ (ସମିସ):** ରାଜ୍ୟ ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ଅନୁଦାନ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ଥିବା ଅଧ୍ୟାପକ, କର୍ମଚାରୀମାନେ ଅନୁଦାନ ଦାବି କରି କଲେଜ ମଧ୍ୟରେ ଅଧିକାର ଯାତ୍ରା-୫ରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ଜଣାପଡ଼ିଛି।

# ଖାଲଖମାରେ ଭର୍ତ୍ତି ବାଲୁଗାଁ ବଜାର ମୁଖ୍ୟ ରାସ୍ତା; ଯାତାୟାତରେ ବାଧା

ବାଲୁଗାଁ, ୨୦।୮ (ସମିସ)

ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ସହର। ବାଲୁଗାଁ ପାଦଦେଶ ଦେଇ ମରାଳ ମାଳିନୀ ନିଳାମ୍ବୁ ଚିଲିକା ଅବବାହିତ। ସେଥିପାଇଁ ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ସହିତ ବାଣିଜ୍ୟ ପେଣ୍ଠସ୍ଥଳୀ ରୂପେ ପରିଗଣିତ। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଯାତାୟାତ ଲାଗିରହିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଏବେ ଏହି କ୍ଷୁଦ୍ର ସହର ମୁଖ୍ୟ ରାଜପଥ ରାସ୍ତାସାରା ଖାଲଖମାରେ ପରିଣତ ହୋଇ ପଡ଼ିରହି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବର୍ତ୍ତମାନ ପରିସ୍ଥିତିରେ ଜନସଂଖ୍ୟା ବୃଦ୍ଧି ସହ ଗାଡ଼ି ମୋଟରର ବହୁଳ ବ୍ୟବହାର ଯୋଗୁଁ ଦୈନନ୍ଦିନ ଟ୍ରାଫିକ୍ ସମସ୍ୟାର ଦୂରୀକରଣକୁ ନଜରରେ ରଖି ତଥା ବାଲୁଗାଁ ସହରକୁ ସରସ ସୁନ୍ଦର କରିବା ନିମନ୍ତେ ବଜାର ଦେଇ ଯାଇଥିବା ମୁଖ୍ୟ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଚାରିଥାକିଆ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ବହୁ ଦିନରୁ ଆରମ୍ଭ କରାଯାଇଥିଲା। କିନ୍ତୁ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଦିନେ କାମ ହେଲେ ଚାରି ଦିନ କାମ ବନ୍ଦ ରହୁଥିବାବେଳେ ଏବେ କାର୍ଯ୍ୟ ଅଧପନ୍ତରିଆ ହୋଇ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖାଯାଇଛି। ଏପରିସ୍ଥଳେ ବଜାରର ରାସ୍ତାସାରା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଯାତାୟାତ ନିମନ୍ତେ ଅନୁପଯୋଗୀ ହୋଇପଡ଼ିଛି। ଖାଲଖମା ଯୋଗୁଁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ହାନୀ ହେଉଥିବା



ଦେଖାଯାଉଛି। ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେବ ଏହି ରାସ୍ତାଟିର ନବୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ ଭାବେ ବାଲୁଗାଁ ଥାନାଠାରୁ ଆରମ୍ଭ କରି ବାଲୁଗାଁର ମୁଖ୍ୟ ଛକ ଗାନ୍ଧୀ ଛକ, ଗୁଣ୍ଡରୁପୁର ସାହି ଛକଠାରୁ ଇଞ୍ଜିନପୁର ପର୍ଯ୍ୟନ୍ତ ରାସ୍ତାସାରା ଖାଲଖମାରେ ପରିଣତ ହୋଇ ଯାତାୟାତ ଲାଗି ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ି ଗାଡ଼ି ମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି କରୁଛି।

ବାଲୁଗାଁ ସହରକୁ ସରସ ସୁନ୍ଦର କରିବା ନିମନ୍ତେ ଚାରି ଥାକିଆ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାବେଳେ ମୁଖ୍ୟତଃ ଇଞ୍ଜିନପୁରଠାରୁ ବାଲୁଗାଁ ବଜାର ଦେଇ ମାମୁ-ଭଣଜା ପାହାଡ଼ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ି ବଜାର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ବାଲୁଗାଁ ବଜାର ସାରା ରାସ୍ତା ଅଧିକାଂଶ ସ୍ଥାନରେ ପିଚୁଗୋଡ଼ି ଉଠି ରାସ୍ତା ଫାଟି ପଡ଼ିଥିବାବେଳେ ରାସ୍ତାସାରା ଠାଏଁ ଠାଏଁ ଛୋଟ ବଡ଼ ଗର୍ତ୍ତମାନ ସୃଷ୍ଟି ହେବା ସହ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡ଼ିଛି। ତତ୍‌ସହିତ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବାଲୁଗାଁ ମୁଖ୍ୟ ବଜାର ରାସ୍ତାର ଦୁଇ କଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଇ ଖାଲଖମା ହୋଇ ପଡ଼ିରହିଥିବା ବେଳେ ଆଉ କେତେକ ସ୍ଥାନରେ ଡ୍ରେନ୍ ନିର୍ମାଣ ଲାଗି ବିରାଟ ଗର୍ତ୍ତମାନ ଖୋଳାଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହି ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତ ଠିକାଦାରଙ୍କୁ ଆହେତୁକ ଅନୁକମ୍ପା ଫଳରେ ଉକ୍ତ ରାସ୍ତା ଖୋଳାଯାଇ ଅବ୍ୟବସ୍ଥା ମଧ୍ୟରେ କାମ ମନ୍ଥର ଗତିରେ ଚାଲିଥିବାବେଳେ ପିଏଚ୍‌ଡି ତରଫରୁ ପାନୀୟଜଳ ଯୋଗାଣ ନିମନ୍ତେ ବହୁ ସ୍ଥାନରେ ରାସ୍ତା ଖୋଳି ପାଇପ୍ ଲାଇନ୍ ବିଛାଉଥିବା ବେଳେ ଉକ୍ତ ସ୍ଥାନରେ ଜଳଯୋଗାଣ ବିଭାଗ ପକ୍ଷରୁ ସ୍ଥାୟୀ ମରାମତି ନ କରି ଉକ୍ତ ଖାଲରେ ମାଟି ଗୋଡ଼ି ପକାଇ ଚାଲି ଯାଉଥିବାରୁ ପରବର୍ତ୍ତି ମୁହୂର୍ତ୍ତରେ ସେହି ମାଟି ଗୋଡ଼ି ବାହାରିଯାଇ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ଫଳରେ ରାସ୍ତାସାଖାଲଖମା ସହ ବର୍ଷା ପାଣି ଜମି ରହି ବିପଦସଂକୁଳ ଅବସ୍ଥାରେ ପଡ଼ିଥିବା ହେତୁ ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ରାସ୍ତାରେ ବିଶେଷ କରି ଦୁଇଚକିଆ ଯାନବାହନ ଖାଲଖମାରେ ପଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବହୁ ନଜିର୍ ରହିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇପାରି ନାହିଁ। ତେବେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସୁବ୍ୟବସ୍ଥା ମଧ୍ୟରେ ଦ୍ରୁତଗତିରେ କରିବା ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ଏଥିପ୍ରତି ଦୃଷ୍ଟି ଦେଇ କେବେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ସମାପନ କରାଯାଇ ବହୁବିଧ ସମସ୍ୟାର ସ୍ଥାୟୀ ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ୬ ହଜାର ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କଲା ଆମେରିକା

## ଅପରାଧ ଓ ଆତଙ୍କବାଦରେ ସାମିଲ ଥିଲେ ୪୦୦୦

ୱାଶିଂଟନ, ୨୦।୮(ଏଜେନ୍ସି): ଆମେରିକା ୬, ୦୦୦ ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କରିଦେଇଛି। ଏମାନେ କିଛି ନା କିଛି ଅପରାଧ କରିଛନ୍ତି କିମ୍ବା ଆଇନ୍‌ର ଉଲ୍ଲଂଘନ କରିଛନ୍ତି। ଆଉ କେତେଜଣଙ୍କ ଭିସା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାର ରହୁଥିଲେ। ଅନ୍ୟ କିଛି ଛାତ୍ରଛାତ୍ରୀ ଗମ୍ଭୀର ଅପରାଧରେ ସାମିଲ ରହିଥିଲେ। ରଦ୍ଦ ହୋଇଥିବା ୬୦୦୦ ଭିସାରୁ ୪୦୦୦ ଭିସା ଧାରକ ଅପରାଧରେ ସାମିଲ ଥିଲେ। ଏମାନେ ମାର୍‌ପିଟ୍, ଚୋରି ଓ ନିଶା ସେବନ କରି ଗାଡି ଚାଳାଉଥିବା ଅଭିଯୋଗ ଲାଗିଛି। କେତେକ ଛାତ୍ରଛାତ୍ରୀ ଆତଙ୍କବାଦରେ ମଧ୍ୟ ସାମିଲ ରହିଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରଣାଳୟ ସୂଚନା ଦେଇଛି। ୨୦୨୩-୨୪ରେ ଆମେରିକାର ବିଭିନ୍ନ କଲେଜରେ ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କେତେକ ଛାତ୍ରଛାତ୍ରୀ ଶିକ୍ଷାଭିତ୍ତିକ ଭିସାର ବେଆଇନ୍ ବ୍ୟବହାର କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାସ୍ ଏଥିପାଇଁ ଭିସା ନିୟମକୁ ଯାଞ୍ଚ୍ ଓ କଡ଼ା କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଆମେରିକାର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯ ପ୍ରତିଶତ ଭାରତୀୟ। ଆମେରିକାରେ ମୋଟ୍ ୧୧.୨୬ ଲକ୍ଷ ବିଦେଶୀ ଛାତ୍ରଛାତ୍ରୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୩.୩୧ ଲକ୍ଷ ଛାତ୍ରଛାତ୍ରୀ ଭରାତୀୟ ଅଛନ୍ତି। ୨୦୦ରୁ ୩୦୦ ଭିସା ଧାରକ ଛାତ୍ରଛାତ୍ରୀ ଆତଙ୍କବାଦ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ରହିଛନ୍ତି। ଏହି ଭସାଗୁଡିକୁ ପ୍ରବାସନ ଓ ଜାତୀୟତା ଆକ୍ଟର ଧାରା ଅନୁସାରେ ରଦ୍ଦ କରାଯାଇଛି। ତେବେ ଏହି ମାମଲାରେ ସବିଶେଷ ତଥ୍ୟ ସାର୍ବଜନୀନ କରାଯାଇ ନାହିଁ। ଏହି ଛାତ୍ରଛାତ୍ରୀମାନେ ଆମେରିକା ଆଇନକୁ ଉଲ୍ଲଂଘନ କରିବା ସହ କଲେଜ କ୍ୟାମ୍ପସ ଓ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲେ। ଏହି କାରଣରୁ ଆମେରିକା ବିଦେଶୀ ଛାତ୍ରଛାତ୍ରୀଙ୍କ ଭିସା ପ୍ରକ୍ରିୟାକୁ ଦିନକୁ ଦିନ କଡ଼ା କରିବାରେ ଲାଗିଛି। ଆମେରିକାର ସେପ୍ଟେମ୍ବର ୨ରୁ ଇଣ୍ଟରଭ୍ୟୁ ୱେବର ପ୍ରୋଗ୍ରାମ୍ (ଆଇଡବ୍ଲ୍ୟୁପି)କୁ ବନ୍ଦ କରିବାକୁ ଘୋଷଣା କରିଛି। ଏବେ ଏଚ୍-୧ବି, ଏଲ୍୧ ଓ ଏଫ୍୧ ଭଳି ଅଣ ପ୍ରବାସୀ ଭିସା ପାଇଁ ଆମେରିକା ଦୂତାବାସକୁ ଯାଇ ସାକ୍ଷାତକାର ଦେବାକୁ ହେବ।

# ଗାଜା ସିଟି ଅକ୍ତିଆର କରିବ ଇସ୍ରାଏଲ



ତେଲ ଅଭିଭ୍, ୨୦।୮(ଏଜେନ୍ସି): ଗାଜା ସିଟିକୁ ଅକ୍ତିଆର ଯୋଜନାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ ମଞ୍ଜୁରି ଦେଇଛନ୍ତି। ସେ ୬୦ ହଜାର ଅତିରିକ୍ତ ସୈନିକ ତଥା ରିଜର୍ଭ ଫୋର୍ସ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ହମାସ ଉପରେ ଚାପ ପ୍ରୟୋଗ କରିବାକୁ ଇସ୍ରାଏଲ ଏହି ନିଷ୍ପତ୍ତି ନେଇଛି। ଗାଜା ସିଟିକୁ ଅକ୍ତିଆର କରିବା ପାଇଁ ଇସ୍ରାଏଲ ମୋଟ ଉପରେ ଏକ ଲକ୍ଷ ୩୦ ହଜାର ସୈନିକଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଡ୍ୟୁଟିରେ ଯୋଗ ଦେବାପାଇଁ ଅତିକମ୍‌ରେ ଦୁଇ ସପ୍ତାହ ପୂର୍ବରୁ ସୈନିକମାନଙ୍କୁ ନୋଟିସ ଦିଆଯିବ ବୋଲି କୁହାଯାଇଛି। ସେପ୍ଟେମ୍ବର ୨ରେ ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଯିବ। ଏହାପରେ ନଭେମ୍ବର- ଡିସେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ଓ ଫେବୃଆରୀ-ମାର୍ଚ୍ଚରେ ତୃତୀୟ ପର୍ଯ୍ୟାୟରେ ସୈନିକମାନଙ୍କୁ ଡକାଯିବ ବୋଲି କୁହାଯାଇଛି। ଗାଜା ସିଟି ଅକ୍ତିଆର ପ୍ରକ୍ରିୟାକୁ 'ଜିଡେଓନ୍ସ ଚାରଅଟ୍ସ' ନାମ ଦିଆଯାଇଛି। ଏହି ଅବସରରେ ପ୍ରଥମରୁ ସେଠାରେ ନିୟୋଜିତ ଥିବା ହଜାର ହଜାର ସୈନିକଙ୍କ ଡ୍ୟୁଟିକୁ ୩୦-୪୦ ଦିନ ଆହୁରି ବଢ଼ାଇ ଦିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମୋଟ ଉପରେ ସେନାର ୫ଟି ଡିଭିଜନ ସାମିଲ ହେବ। ଉଲ୍ଲେଖଥାଉ କି, ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଏଥିରେ ୧୨ ବ୍ରିଗେଡ଼ ସ୍ତରର ଦଳ ସାମିଲ ରହିବ। ଏଥିରେ ପଦାତିକ ସୈନିକ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଓ ସପୋର୍ଟ ୟୁନିଟ୍ ସାମିଲ ରହିବ। ଏହାକୁ ବାଦ୍ ଦେଲେ ଗାଜା ଡିଭିଜନର ଉତ୍ତର ଓ ଦକ୍ଷିଣ ବ୍ରିଗେଡ଼ ମଧ୍ୟ ଅଂଶଗ୍ରହଣ କରିବେ। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି।

■ ଏନ୍‌ଏଚଏଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଖରାପ ରାସ୍ତାରୁ ଟୋଲ୍ ଆଦାୟ ହେବନି

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନଏଚଆଇ)କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି। ରାସ୍ତା ଖରାପ ଥିଲେ ଏବଂ ତା' ଉପରେ ଖାଲଖମା ପରିପୂର୍ଣ୍ଣ ଥିଲେ ନାଗରିକଙ୍କୁ ଟୋଲ୍ ଟ୍ୟାକ୍ସ ଦେବାକୁ ବାଧ କରାଯାଇପାରିବ ନାହିଁ। ଏହା ଲୋକଙ୍କ ପର୍ସ ଏବଂ ଧୈର୍ଯ୍ୟ ଉପରେ ବୋଝ ପାଲଟି ଯାଉଛି। ପୂର୍ବରୁ ଲୋକେ ଗାଡ଼ି ଟ୍ୟାକ୍ସ ମଧ୍ୟ ଦେଇଛନ୍ତି। ଏଭଳି ରାସ୍ତା ପାଇଁ ଲୋକଙ୍କୁ ଦଣ୍ଡ ଭୋଗିବାକୁ ପଡୁଛି। ଏହା ପରିବେଶ ପାଇଁ ମଧ୍ୟ ବିପଜ୍ଜନକ। କାରଣ ଅଧିକ ଇନ୍ଧନ ଅପଚୟ ହେଉଛି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏଥିସହିତ କେରଳ ଥ୍ରିସୁର ଜିଲ୍ଲାର ଏନ୍‌ଏଚ୍-୫୪୪ରେ ଟୋଲ ଆଦାୟ ନ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଏନ୍‌ଏଚ୍‌ଆଇ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ ଗତ ସୋମବାର ଏହି ରାୟ ଦେଇଥିବାବେଳେ ବୁଧବାର ଏହା ସାମ୍ନାକୁ ଆସିଛି।

## ଥମୁନି ମୁମ୍ବାଇ ବର୍ଷା; ବଢୁଛି ଯନ୍ତ୍ରଣା

ମୁମ୍ବାଇ, ୨୦।୮(ଏଜେନ୍ସି): ମୁମ୍ବାଇରେ କ୍ରମାଗତ ତିନି ଦିନ ଧରି ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ୩୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ସ୍କୁଲ, କଲେଜ, ସରକାର ଓ ଅର୍ଦ୍ଧ ସରକାରୀ ଅଫିସଗୁଡିକ ବନ୍ଦ ରହିଛି। ୩୪ଟି ଲୋକାଲ ଟ୍ରେନ୍ ବାତିଲ ହୋଇଛି। ୨୫୦ରୁ ଅଧିକ ବିମାନ ଉଡାଣ ପ୍ରଭାବିତ ହୋଇଛି। ସ୍ଥାନୀୟ ମୋନୋରେଲ ନିକଟସ୍ଥ ସ୍ଥାନରେ ୮୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଫରୁଖାବାଦରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ବହୁଛି ଓ ଏହାର ପ୍ରଭାବରେ ୧୦୦ରୁ ଊର୍ଦ୍ଧ୍ୱ ଗାଁ ବନ୍ୟା ଘେରରେ ରହିଛି।

## ରାଜନୈତିକ ଦଳ ବନ୍ଦ କରିବେ ମସ୍କ

ୱାଶିଂଟନ, ୨୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କ ନିଜ ଦଳ 'ଆମେରିକା ପାର୍ଟି' ବନ୍ଦ କରିବାକୁ ଯାଉଛନ୍ତି। ସେ ନିଜ ସହଯୋଗୀଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ମସ୍କ ୪୫ ଦିନ ତଳେ ଏହି ଦଳ ଗଠନ କରିଥିଲେ। ସୂଚନା ଅନୁଯାୟୀ ମସ୍କ ରାଜନୀତି ବଦଳରେ ନିଜ କମ୍ପାନୀକୁ ଅଧିକ ଧ୍ୟାନ ଦେବାକୁ ଚାହୁଁଛନ୍ତି। ଏହା ବ୍ୟତୀତ ସେ ଆମେରିକା ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସଙ୍କ ସହ ନିଜ ସମ୍ପର୍କକୁ ଖରାପ କରିବାକୁ ଚାହୁଁ ନାହାନ୍ତି। ଯଦି ଉପ-ରାଷ୍ଟ୍ରପତି ଭେନ୍ସ ୨୦୨୮ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢିବେ ତେବେ ମସ୍କ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଚାହୁଁଛନ୍ତି।

## ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟାକଲା ୮ମ ଶ୍ରେଣୀ ଛାତ୍ର

ଅହମଦାବାଦ୍, ୨୦।୮(ଏଜେନ୍ସି): ସ୍ଥାନୀୟ ସେଭେନ୍‌ଥ ଡେ ସ୍କୁଲ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୮ମ ଶ୍ରେଣୀ ଛାତ୍ର ୧୦ମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଛୁରି ମାରି ନିର୍ମମ ଭାବେ ହତ୍ୟା କରିଛି। ମଙ୍ଗଳବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ଆହତ ଛାତ୍ରଜଣକ ସନ୍ଧ୍ୟାରେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଉତ୍ୟକ୍ତ ହୋଇ ୨ ହଜାର ଲୋକ ବୁଧବାର ସ୍କୁଲ ଘେରଉ କରିବା ସହ ଭଙ୍ଗାରୁଜା କରିଥିଲେ ଓ ସ୍କୁଲ ଅଧ୍ୟକ୍ଷଙ୍କ ସହ ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମାଡ ମାରିଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚିଥିଲେ ମଧ୍ୟ ଲୋକଙ୍କ ରାଗ ଥମି ନଥିଲା। ଅଭିଯୁକ୍ତି ଓ ମୃତ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ପୁରୁଣା ଶତ୍ରୁତା ପାଇଁ ଅଭିଯୁକ୍ତ ଲୁଚାଇ ଛୁରି ଆଣିଥିଲା।

## ମାଲେସିଆରେ ନମାଜ ନ କଲେ ଜେଲ୍

କୁଆଲାଲମ୍ପୁର,୨୦।୮(ଏଜେନ୍ସି): ମାଲେସିଆର ତେରେଙ୍ଗାନୁ ରାଜ୍ୟରେ ଏବେ ଏକ ନୂଆ ଆଇନ୍ ଲାଗୁ ହେବାକୁ ଯାଉଛି। ଶୁକ୍ରବାର ପ୍ରାର୍ଥନାରେ ଯୋଗ ନ ଦେଲେ ଏହି ରାଜ୍ୟରେ ମୁସଲମାନ ପୁରୁଷଙ୍କୁ ଜରିମାନ ସହ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ। ସେଭଳି କୌଣସି ଠୋସ୍ କାରଣ ବିନା ପ୍ରାର୍ଥନାରେ ଯୋଗ ନଦେଲେ ଜରିମାନା ବାବଦରେ ୩,୦୦୦ ମୋଲସିଆନ୍ ରିଙ୍ଗିତ୍ ଅର୍ଥାତ ୪୨,୦୦୦ ଟଙ୍କା ଜରିମାନା ଆକାରରେ ଦେବାକୁ ହେବ ବୋଲି କୁହାଯାଇଛି। ଶାସକ ପାନ- ମାଲେସିଆନ ଇସ୍‌ଲାମିକ ପାର୍ଟି (ପିଏଏସ୍) ସୋମବାର ଏ ନେଇ ଘୋଷଣା କରିଛି ଓ ଏହି ନୂଆ ଆଇନ୍ ସିରିଆ ଅପରାଧିକ ଅପରାଧ (ତକଜୀର) ଅଧିନିୟମ ଅନୁସାରେ ଲାଗୁ ହେବ ବୋଲି କୁହାଯାଇଛି। ଏହି ନୂଆ ନିୟମ ଚଳିତ ସପ୍ତାହରୁ ଲାଗୁ ହେବ।

# ବିବାଦ ବଢ଼ାଉଛନ୍ତି ଆତ୍ମଘୋଷିତ 'ଶାନ୍ତି ଦୂତ' ଟ୍ରମ୍ପ

## ଭେନେଜୁଏଲା ନିକଟରେ ୩ ଯୁଦ୍ଧ ଜାହାଜ ମୁତୟନ

## ଜବାବରେ ୪୫ ଲକ୍ଷ ଯବାନ ମୁତୟନ କଲା ଭେନେଜୁଏଲା

ୱାଶିଂଟନ, ୨୦।୮ (ଏଜେନ୍ସି): ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରି ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ନିଜକୁ ସବୁଠୁ ବଡ଼ ମଧ୍ୟସ୍ଥି କହୁଥିବା ଟ୍ରମ୍ପ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି। ସେ ଏହି ଦେଶର ଉପକୂଳ ନିକଟରେ ତିନି ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ପ୍ରଶାସନ ଏହି ପଦକ୍ଷେପକୁ ନିଶା ମାଫିଆଙ୍କ ସହ ମୁକାବିଲା ଭାବେ ଦର୍ଶାଉଛି। ଏ ସମ୍ବନ୍ଧିତ ହିଂସାକୁ ରୋକିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। ଭେନେଜୁଏଲା ସରକାର ନିଶା ଚୋରାଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଆମେରିକା ସରକାର ଅଭିଯୋଗ କରିଛନ୍ତି। ତେବେ ଭେନେଜୁଏଲା ପକ୍ଷରୁ ଏଭଳି ଅଭିଯୋଗ ଖାରଜ କରିଦିଆଯାଇଛି। ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକା ଏହି ପଦକ୍ଷେପକୁ ବିରୋଧ କରି ୪୫ ଲକ୍ଷ ସୈନିକ ମୁତୟନ ପାଇଁ ଘୋଷଣା କରିଛନ୍ତି।



ମାଦୁରୋ କହିଛନ୍ତି ଯେ ଆମେରିକା ପାଗଳ ହୋଇଯାଇଛି। ଦେଶର ଶାନ୍ତି ଭାଙ୍ଗିବାକୁ ଏହି ଦେଶ ପ୍ରୟାସ କରୁଛି। ଏଥିପାଇଁ ବାରମ୍ବାର ଧମକ ଦେଇ ଚାଲିଛି। କିନ୍ତୁ ଭେନେଜୁଏଲା ଯେକୌଣସି ସ୍ଥିତିରେ ବି ନିଜର ସୁରକ୍ଷା କରିବ। ସେହିପରି ଭେନଜୁଏଲା ବିଦେଶମନ୍ତ୍ରୀ ୟଭାନ ଗିଲ ମଙ୍ଗଳବାର କହିଥିଲେ ଯେ ଆମେରିକା ପାଖରେ ବିଶ୍ୱସନୀୟତାର ଅଭାବ ରହିଛି। ସେଥିପାଇଁ ଏହି ଦେଶ ନିଶା ଚୋରା ଚାଲାଣର ଅଭିଯୋଗ ଲଗାଇଛି। ଭେନେଜୁଏଲା ଶାନ୍ତି ଏବଂ ସାର୍ବଭୌମ ସହ ଆଗକୁ ବଢୁଛି। ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶକୁ ନୁଆଁଇ ପାରିବ ନାହିଁ। ବାରମ୍ବାର ଧମକ ଦେଇ ଆମେରିକା ଏହା ସାବ୍ୟସ୍ତ କରିଛି।

ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି ଯେ ୟୁଏସଏସ ଗ୍ରେଭଲି, ୟୁଏସଏସ ଜେସନ ଡନ୍‌ହମ୍ ଏବଂ ୟୁଏସଏସ ସାମ୍ପସନ୍‌ର ତିନି ଏଜିସ ଗାଇଡେଡ-ମିସାଇଲ ଡ୍ରେଷ୍ଟୟର ଯୁଦ୍ଧ ଜାହାଜ ଭେନେଜୁଏଲା ନିକଟରେ ପହଞ୍ଚି ଯାଇଛି। ଏହି ତିନି ଯୁଦ୍ଧ ଜାହାଜ ସ୍ଥଳ, ଜଳ ଏବଂ ଆକାଶ ସୀମାକୁ ସୁରକ୍ଷା ଦେବାରେ ସକ୍ଷମ। ଏହା ସହିତ ୪୦୦୦ ଯବାନ, ପି-୮ଏ ପୋସାଇଡନ ବିମାନ ଏବଂ ଗୋଟିଏ ବିଧ୍ୱଂସକ ବୁଡ଼ାଜାହାଜ ମଧ୍ୟ ସାମିଲ ରହିଛି। ଏହା ଆଗାମୀ କିଛି ମାସ ପର୍ଯ୍ୟନ୍ତ କ୍ଷେତ୍ରରେ ନିଶା ଚୋରାଚାଲାଣ ବିରୋଧୀ ଅଭିଯାନରେ ସାମିଲ ରହିବ। ଟ୍ରମ୍ପ ପ୍ରଶାସନ ଅନୁଯାୟୀ ସବୁଠାରୁ ବଡ଼ ନିଶା ଚୋରାଚାଲାଣକାରୀଙ୍କ ମଧ୍ୟରେ ମାଦୁରୋ ଅନ୍ୟତମ। ସେ ନିଶା ଚୋରାଚାଲାଣକାରୀଙ୍କ ସହ ମିଶି ଆମେରିକାକୁ କୋକେନ ଚାଲାଣ କରୁଛନ୍ତି। ଗତ ୮ ତାରିଖରେ ଆମେରିକା ତାଙ୍କ ବିରୋଧରେ ଲଗାଯାଇଥିବା ପୁରସ୍କାର ରାଶିକୁ ଦୁଇ ଗୁଣା କରି ୪୩୫ କୋଟି ଟଙ୍କା କରିଦେଇଥିଲା। ଏହା ପୂର୍ବରୁ ମାଦୁରୋଙ୍କ ଉପରେ ୨୧୭ କୋଟି ଟଙ୍କା ପୁରସ୍କାର ରଖାଯାଇଥିଲା। ତାଙ୍କର ୬ ହଜାର କୋଟିରୁ ଅଧିକ ସମ୍ପତ୍ତି ମଧ୍ୟ ଆମେରିକା ଜବତ କରିଛି। ୨୦୨୦ରେ ନ୍ୟୁୟର୍କର ଏକ ଅଦାଲତ ମାଦୁରୋଙ୍କୁ ନାର୍କୋ-ଆତଙ୍କବାଦ ଏବଂ କୋକେନ ଚାଲାଣ ଅଭିଯୋଗରେ ମାମଲା ରୁଜୁ କରିଥିଲେ। ଆମେରିକା ଜୋରିମାନା ରାଶିକୁ ନେଇ ଗତ ୧୨ ତାରିଖରେ ମାଦୁରୋ ଆମେରିକାକୁ ଖୋଲା ଆହ୍ୱାନ ଦେଇଥିଲେ। ଯଦି ସାହସ ଅଛି ଗିରଫ କରି ଦେଖାଅ ବୋଲି କହିଥିଲେ।

## ରୁଷ୍-ୟୁକ୍ରେନ ଚୁକ୍ତି ଦ୍ୱାରା ସ୍ୱର୍ଗ ଯିବା ସମ୍ଭାବନା ବଢ଼ିବ: ଟ୍ରମ୍ପ

ୱାସିଂଟନ, ୨୦।୮ (ଏଜେନ୍ସି): ନୋବେଲ ଶାନ୍ତି ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୃତ୍ୟୁପରେ ସ୍ୱର୍ଗ ଯିବାକୁ ଚାହୁଁଛନ୍ତି। ରୁଷ୍-ୟୁକ୍ରେନ ଶାନ୍ତି ଚୁକ୍ତି ଦ୍ୱାରା ତାଙ୍କର ସ୍ୱର୍ଗ ଯିବା ସମ୍ଭାବନା ବୃଦ୍ଧି ପାଇବ। କିନ୍ତୁ ଏବେ ତାଙ୍କର ସ୍ୱର୍ଗ ଯିବାର ସମ୍ଭାବନା ବହୁତ କମ୍ ବୋଲି ଏକ ସାକ୍ଷାତକାର ଅବସରରେ ଟ୍ରମ୍ପ ମଜାଳିଆ ଢଙ୍ଗରେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ସେ ସ୍ୱର୍ଗ ଯିବା ପାଇଁ ପ୍ରୟାସ କରିବାକୁ ଚାହୁଁଛି। ଲାଗୁଛି ମୋ ସ୍ଥିତି ଭଲ ନାହିଁ। କିନ୍ତୁ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରାଇବା ଦ୍ୱାରା ସ୍ୱର୍ଗ ଯିବାର ମାର୍ଗ ବାହାରିପାରେ। ୟୁକ୍ରେନର ସୁରକ୍ଷାକୁ ନେଇ ମଧ୍ୟ ସେ ଟିପ୍ପଣୀ ଦେଇଛନ୍ତି। ୟୁକ୍ରେନ ବାୟୁସୀମାକୁ ସୁରକ୍ଷା ପ୍ରଦାନ କରିପାରନ୍ତି। ମାତ୍ର ଆମେରିକା ସୈନିକ କେବେ ସେଠାରେ ମୁତୟନ ହେବେ ନାହିଁ। ଆଉ ୟୁକ୍ରେନକୁ ମଧ୍ୟ ନାଟୋରେ ସାମିଲ କରିବା ଅସମ୍ଭବ। ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନ ଭଳି ୟୁରୋପୀୟ ରାଷ୍ଟ୍ର ୟୁକ୍ରେନକୁ ସେନା ପଠାଇବାକୁ ପ୍ରସ୍ତୁତ ଅଛନ୍ତି। ଆମେରିକା ଆକାଶ ମାର୍ଗରେ ସହାୟତା ଦେଇପାରିବ। କାରଣ ଏହି ଜ୍ଞାନକୌଶଳରେ ଦେଶ ସବୁଠୁ ଆଗରେ ରହିଛି। ୟୁରୋପୀୟ ନେତାଙ୍କ ସହ ଟ୍ରମ୍ପ କଥା ହୋଇଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ତାଙ୍କ ୟୁକ୍ରେନ ସମକକ୍ଷ ଭୋଲଡାମିର ଜେଲେଁସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରାଇବାକୁ ପ୍ରୟାସ କରୁଛନ୍ତି। ଯଦି ଏହା ସଫଳ ହୁଏ ତେବେ ତ୍ରିପାକ୍ଷିକ ବୈଠକରେ ଟ୍ରମ୍ପ ସାମିଲ ହେବେ ବୋଲି କହିଛନ୍ତି। ଯଦି ପୁତିନ ଏହି ବୈଠକରୁ ଓହରି ଯାଆନ୍ତି ତେବେ ସ୍ଥିତି ଅଧିକ ଜଟିଳ ହୋଇଯିବ। ଜେଲେଁସ୍କିଙ୍କୁ ନରମ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ମଧ୍ୟ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ଡୋନାବାସର ୭୯ ପ୍ରତିଶତ ଅଞ୍ଚଳ ରୁଷ୍ କବ୍‌ଜାରେ ରହିଛି। ଏହି ଅଞ୍ଚଳକୁ ୟୁକ୍ରେନ କେବେ ବି ଫେରେଇ ନେଇପାରିବନି ବୋଲି ମାନିବାକୁ ହେବ। ରୁଷ୍ ଏକ ଶକ୍ତିଶାଳୀ ସାମରିକ ଶକ୍ତି। ଶାନ୍ତି ପାଇଁ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ପଡ଼ିବ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ବୁଧବାର ସକାଳେ ଆକ୍ରମଣ ହୋଇଛି। ଆକ୍ରମଣକାରୀ ରାଜେଶ ସକରିଆକୁ ଗିରଫ କରାଯାଇଛି। ସେ ଗୁଜରାଟ ରାଜକୋଟର ବାସିନ୍ଦା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବାବେଳେ ଅଭିଯୁକ୍ତ ତାଙ୍କ ହାତ ଟାଣି ଦେଇଥିଲା ଏବଂ ଟେବୁଲରେ ମୁଣ୍ଡ ମାଡ଼ କରିଦେଇଥିଲା। ଫଳରେ ତାଙ୍କର ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା। ରେଖାଙ୍କୁ ଚାପୁଡ଼ା ମାରିଥିବା ଏବଂ ଚୁଟି ଭିଡ଼ିଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ସନ୍ଧ୍ୟାରେ ଟ୍ୱିଟ କରି ଏହାକୁ ଭୀରୁତାପୂର୍ଣ୍ଣ କାର୍ଯ୍ୟ କହିଛନ୍ତି। ଦିଲ୍ଲୀର ସେବା ଏବଂ ଜନତାଙ୍କ ମଙ୍ଗଳର ସଙ୍କଳ୍ପ ଉପରେ ଏହି ଆକ୍ରମଣ ହୋଇଛି। ଖୁବଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି। ଅଭିଯୁକ୍ତକୁ ପୁଲିସ ଜେରା କରୁଛି। ମାତ୍ର ଏ ପର୍ଯ୍ୟନ୍ତ ଆକ୍ରମଣର ପ୍ରକୃତ କାରଣ ସାମ୍ନାକୁ ଆସିନାହିଁ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଆକ୍ରମଣ ସୁଚିନ୍ତିତ ଥିଲା। ଆକ୍ରମଣ ପୂର୍ବରୁ ସକରିଆ ମୁଖ୍ୟମନ୍ତ୍ରୀଙ୍କ ପୈତୃକ ବାସଭବନ ରେକି କରୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଅନ୍ୟ କିଛି ରିପୋର୍ଟରେ ଜଣେ ସମ୍ପର୍କୀୟଙ୍କୁ ଜେଲ୍‌ରେ ଭର୍ତ୍ତି କରିବା ନେଇ ଅଭିଯୁକ୍ତ ଚିନ୍ତିତ ଥିଲା ବୋଲି କୁହଯାଇଛି। କିନ୍ତୁ ତାର' ମାଆ କହିଛନ୍ତି ଯେ ପୁଅ କୁକୁରଙ୍କୁ ଭଲ ପାଉଥିଲା। ଦିଲ୍ଲୀ-ଏନ୍‌ସିଆରରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ନେଇ ସେ ବିଚଳିତ ଥିଲା। ଅନ୍ୟପକ୍ଷରେ ବିଜେପି ବିଧାୟକ ହରିଶ ଖୁରନା ଏହି ଘଟଣା ପାଇଁ ଆମ ଆଦମୀ ପାର୍ଟି (ଆପ୍)କୁ ଦାୟୀ କରିଛନ୍ତି। ଗୁଜରାଟର ଆପ୍ ବିଧାୟକ ଗୋପାଳ ଇଟାଲିଆଙ୍କ ସହ ସେ ଅଭିଯୁକ୍ତର ଫଟୋ ସେୟାର କରିଛନ୍ତି।



### ଆପ୍‌କୁ ଦାୟୀ କଲା ବିଜେପି

## ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ସେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ନାମାଙ୍କନ ଦାଖଲ କରିବା ସହ ଏନ୍‌ଡିଏ ପରୋକ୍ଷରେ ତା'ର ଶକ୍ତି ଓ ଏକତା ପ୍ରଦର୍ଶନ କରିଛି।

ଏହି ଅବସରରେ ମୋଦୀଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ପରିବହନ ମନ୍ତ୍ରୀ ନିତିନ ଗଡ଼କାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୋଦୀ ରାଧାକ୍ରିଷ୍ଣନଙ୍କ ପ୍ରସ୍ତାବକ ହୋଇଥିଲେ। ରାଧାକ୍ରିଷ୍ଣନ ଏବେ ମହାରାଷ୍ଟ୍ରର ରାଜ୍ୟପାଳ ଦାୟିତ୍ୱ ତୁଲାଉଛନ୍ତି। ନାମାଙ୍କନ ଦାଖଲ କରିବା ପୂର୍ବରୁ ରାଧାକ୍ରିଷ୍ଣନ ସଂସଦ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିରେ ଫୁଲ ହାର ପିନ୍ଧାଇଥିଲେ। ଅଗଷ୍ଟ ୧୭ରେ ବିଜେପି ସଂସଦୀୟ ଦଳ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ରାଧାକ୍ରିଷ୍ଣନଙ୍କ ନାମ ସର୍ବସମ୍ମତିକ୍ରମେ ଚୂଡାନ୍ତ କରାଯାଇଥିଲା। ବିଜେପି ଅଧ୍ୟକ୍ଷ ନଡ୍ଡା ସାମ୍ବାଦିକ ସମ୍ମିଳନୀରେ ରାଧାକ୍ରିଷ୍ଣନଙ୍କ ନାମ ଘୋଷଣା କରିଥିଲେ। ରାଧାକ୍ରିଷ୍ଣନ ଏବେ ବିରୋଧୀ ଇଣ୍ଡି ମେଣ୍ଟ ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି ସୁଦର୍ଶନ ରେଡ୍ଡୀଙ୍କ ସହ ମୁକାବିଲା କରିବେ।

## ୩୨ କୋଟି ଟଙ୍କାର ହୀରା ଚୋରି ପଛରେ ନିଜେ ମାଲିକ

### ବୀମା ଦାବି କରିବାକୁ ରଚିଥିଲେ ଷଡ଼ଯନ୍ତ୍ର

ସୁରତ, ୨୦।୮(ଏଜେନ୍ସି): ଗୁଜରାଟର ସୁରତରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ୩୨ କୋଟି ଟଙ୍କାର ହୀରା ଚୋରି ମାମଲାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସେହି କମ୍ପାନୀର ମାଲିକ ଦେବେନ୍ଦ୍ର କୁମାର ଚୌଧୁରୀ। ସେ ବୀମା ଅର୍ଥ ହଡପ କରିବାକୁ ଏହି ଷଡ଼ଯନ୍ତ୍ର ରଚିଥିଲେ। ଏହି ଘଟଣାକୁ ନେଇ ଏବେ ସାରା ସୁରତରେ ଚର୍ଚ୍ଚା ଚାଲିଛି। ଏହି ଷଡ଼ଯନ୍ତ୍ରରେ ଦେବେନ୍ଦ୍ର ନିଜର ଦୁଇ ପୁଅ, ଡ୍ରାଇଭର ଓ ତାଙ୍କ ଦୁଇ ସାଥିଙ୍କୁ ସାମିଲ କରିଥିଲେ। କାପୋଡ୍ରା ପୁଲିସ ଓ ସୁରତ କ୍ରାଇମବ୍ରାଞ୍ଚ୍ ମିଳିତ ଭାବେ ଏହି ଷଡ଼ଯନ୍ତ୍ର ଓ ଠକାମିର ପର୍ଦ୍ଦାଫାସ କରିବାକୁ ସକ୍ଷମ ହୋଇଛନ୍ତି। ଋଣଭାର ବହୁତ ବଢ଼ିଯିବା କାରଣରୁ ଡିକେ ଆଣ୍ଡ ସନ୍ସ କମ୍ପାନୀ ମାଲିକ ଦେବେନ୍ଦ୍ର ଏହି ଷଡ଼ଯନ୍ତ୍ର ରଚିଥିବା କଥା କହିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ



ଡ୍ରାଇଭର ଓ ତା'ର ଦୁଇ ସାଥିଙ୍କୁ ୧୦ ଲକ୍ଷ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଆଡଭାନ୍ସ ହିସାବରେ ୫ ଲକ୍ଷ ଟଙ୍କା ଦିଆଯାଇଥିଲା। ଅଗଷ୍ଟ ୧୫ରୁ ୧୭ ତାରିଖ ମଧ୍ୟରେ ଏହି ଚୋରି ହୋଇଥିଲା। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ଥିବାରୁ ୩ ଦିନ ବଜାର ଛୁଟିଥିଲା। ଏହାର ଫାଇଦା ଉଠାଇ ଚୋରମାନେ ଚୋରି କରିଥିଲେ ବୋଲି ଦେବେନ୍ଦ୍ର କୋପାଡ୍ରା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ଅବସରରେ ବିଭିନ୍ନ କାରଣର ନେଇ ପୁଲିସର ସନ୍ଦେହ ବଢ଼ିଥିଲା। କିନ୍ତୁ ଦେବେନ୍ଦ୍ର ଅଧିକ ସମୟ ପର୍ଯ୍ୟନ୍ତ ନିଜରେ କରିଥଇବା ଷଡ଼ଯନ୍ତ୍ରକୁ ଛୁପାଇ ପାରି ନ ଥିଲେ। ତାଙ୍କ କମ୍ପାନୀର ବାର୍ଷିକ କାରବାର ୩୦୦ କୋଟି ଟଙ୍କା ଥିଲା। ଦେବେନ୍ଦ୍ରଙ୍କୁ ଗିରଫ କରାଯାଇ ଅଧିକ ଯାଞ୍ଚ୍ ଓ ତଦନ୍ତ କରାଯାଉଛି ବୋଲି ପୁଲିସ କହିଛି।

ସାକ୍ଷାତକାର



# ‘ସଫଳତା ପାଇବାକୁ ସଂଘର୍ଷ ଜାରି ରଖିବା ଉଚିତ’

**ସମ୍ବିତ କୁମାର ରାୟ, ଅଭିନେତା**

ଆର୍ମି ଚାକିରି କରିବେ, ଦେଶ ସେବା କରିବେ । ଏମିତି ଏକ ଲକ୍ଷ୍ୟ ରଖି ସେ ତାଲିମ ନେଉଥିଲେ । ହେଲେ ତାଙ୍କ ଭାଗ୍ୟରେ ଲେଖାଥିଲା କିଛି ଅଲଗା । ଏକ ଶୋ’ରେ ମଡେଲିଂ କରି ପୁରସ୍କୃତ ହେବା ପରେ ମଡେଲିଂ ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଲା । ତେବେ ମଡେଲିଂରେ ଅଧିକ ସଫଳତା ନ ମିଳିବାରୁ ସେ ଅଭିନୟକୁ ଆଦରି ନେଇଥିଲେ । ସେ ହେଉଛନ୍ତି, କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ତର୍ଗତ ବଗଲଗଡ଼ର ସମ୍ବିତ କୁମାର ରାୟ । ସେ ମିଷ୍ଟର ଇଣ୍ଡିଆ ୨୦୨୨ ଟାଇଟଲ୍ ହାସଲ କରିଛନ୍ତି । ‘ରାଜଯୋଗ’ ତାଙ୍କର ପ୍ରଥମ ଧାରାବାହିକ । ବର୍ତ୍ତମାନ ସେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଲାଇଭ୍ ଷ୍ଟେଜ୍‌ରୁ କ୍ୟାମେରାକୁ ସାମ୍ନା କରି ସମ୍ବିତଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି ତାହାକୁ ନେଇ ଏଇ ସ୍ୱତନ୍ତ୍ର ସାକ୍ଷାତକାର ।

**ମଡେଲିଂରୁ ଅଭିନୟ ପ୍ରତି କିପରି ରୁଚି ଆସିଲା?**

- ଦଶମରୁ ଯୁକ୍ତ ତିନି ପଢ଼ିବା ଯାଏଁ ମୁଁ ଆର୍ମି ଚାକିରି କରିବାକୁ ବହୁତ ପରିଶ୍ରମ କରୁଥିଲି । ହଠାତ୍ ଏକ ମଞ୍ଚରେ ସାଧାରଣ ଯୁବକଙ୍କୁ ମଡେଲ୍ ପରି ଚାଲିବାକୁ ସୁଯୋଗ ମିଳୁଥିଲା । ସେଠାରେ ମୁଁ ଚାଲିଥିଲି । ମୋ ନୀରବତା ଆଉ ମଡେଲ ପରି ଚାଲିକୁ ବହୁତ ପ୍ରଶଂସା ମିଳିଥିଲା । ସମସ୍ତେ ମୁଁ ମଡେଲିଂ ଲାଇନ୍‌ରେ ଯାଏଁ ବୋଲି ଚାହିଁଥିଲେ । ତେଣୁ ସାହିଲ୍ ସାର୍‌ଙ୍କ ମାର୍ଗଦର୍ଶନରେ ମଡେଲିଂକୁ ଆଦରି ନେଇଥିଲି । ଖୁବ୍ ସଂଘର୍ଷ କରିବାକୁ ପଡ଼ିଛି । ମଡେଲିଂ ପାଇଁ ଓଡ଼ିଶାରେ ସେମିତି କିଛି ସୁଯୋଗ ନ ମିଳିବାରୁ ଧାରାବାହିକ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଉଚିତ ମଣିଥିଲି । ଏଥିପାଇଁ ଅଡିସନ୍ ଦେବା ଆରମ୍ଭ କରିଦେଇଥିଲି । ପ୍ରଥମେ ‘ରାଜଯୋଗ’ରେ ଅଭିନୟ କରିବାକୁ ସୁଯୋଗ ପାଇଥିଲି । ପରେ ଦୀପୁ ଭାଇଙ୍କ ଦିଗ୍‌ଦର୍ଶନରେ ‘ସନ୍ଧ୍ୟା ରାଗିଣୀ’ ଧାରାବାହିକରେ ଅଭିନୟ କରିଥିଲି । ଏବେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଦର୍ଶକଙ୍କ ହୃଦୟରେ ରହିବା ପାଇଁ ଭଲ ଅଭିନୟ କରିବାକୁ ପ୍ରାଧାନ୍ୟ ଦେଉଛି ।

**କ୍ୟାମେରା ସାମ୍ନାରେ ପ୍ରଥମ ଦିନ କେମିତି ଥିଲା?**

- ଅଭିନୟ କ’ଣ ମୋତେ ଜଣାନଥିଲା । ପ୍ରଥମ ଧାରାବାହିକ ସୁଟିଂ ପୂର୍ବରୁ କ୍ୟାମେରାକୁ ସାମ୍ନା କରିବା ପାଇଁ ଦର୍ପଣ ଆଗେ ସଂଳାପ ଅଭ୍ୟାସ କରିଥିଲି । ତେବେ ପୂରା ଟିମ୍ କ୍ୟାମେରା ସାମ୍ନାରେ ଭଲ ଅଭିନୟ କରିବାକୁ ଭରପୂର ସାହସ ଓ ଉତ୍ସାହ ଯୋଗାଇ ମୋ ମନୋବଳ ବଢ଼ାଇଥିଲେ । ଫଳରେ ମୁଁ ଖୁବ୍ ସହଜରେ କ୍ୟାମେରାକୁ ସାମ୍ନା କରିଥିଲି ।

**ପ୍ରଥମେ ପଜିଟିଭ ଏବଂ ପରେ ନେଗେଟିଭ୍ ଚରିତ୍ରରେ କାମ କରିବାକୁ ସମସ୍ୟା ହୋଇନଥିଲା?**

- ଜଣେ ଭଲ କଳାକାର ହେବା ମୋର ଉଦ୍ଦେଶ୍ୟ । ମୋତେ ଯେଉଁ ଚରିତ୍ର ମିଳିବ ତାହାକୁ ମୁଁ କରିବି । ତେଣୁ ସମୟ ଓ ସୁଯୋଗକୁ ଉପଯୋଗ କରି ମୋର ପ୍ରତିଭାକୁ ପ୍ରମାଣିତ କରିବାକୁ ଚାହିଁଛି । ନାୟକ କି ଖଳନାୟକ ଉଭୟ ଚରିତ୍ରକୁ ବେଶ୍ ନିଖୁଣ ଭାବେ ଫୁଟାଇବାକୁ ଚେଷ୍ଟା କରିଛି । ଗୋଟିଏ କଥା କହିବି, ଅଭିନୟ ହିଁ ମୋତେ ପରିଚୟ ଦେଇଛି ।

**‘ସାଥି ସାତ ଜନ୍ମର’ରେ ଅଭି ଚରିତ୍ର ସମ୍ପର୍କରେ କ’ଣ କହିବେ?**

- ଏହି ଧାରାବାହିକରେ ମୁଁ ନାୟିକାଙ୍କ ମଝିଆ ଭଉଣୀ ଉପାସନାର ବସ୍ ଅଭିଜିତ୍ ଚରିତ୍ରରେ ଅଭିନୟ କରୁଛି । ଅଫିସ୍‌କୁ ବାଦ୍ ଦେଲେ ଆମ ଭିତର ସମ୍ପର୍କକୁ ନେଇ ତାଙ୍କ ଘରେ ତୁମ୍ବି ତୋଫାନ ହେଉଛି । ତେବେ ବର୍ତ୍ତମାନ ଯାଏଁ ମୋର ଚରିତ୍ର ସକାରାତ୍ମକ ଥିବାବେଳେ ଆଗାମୀ ଦିନରେ କ’ଣ ଟ୍ୱିଷ୍ଟ ଆସିବ ତାହା ଦର୍ଶକ ଜାଣିବେ ।

**ମଡେଲିଂ, ଅଭିନୟକୁ ବାଦ୍ ଦେଲେ, କ’ଣ କରନ୍ତି?**

- କ୍ରିକେଟ ଖେଳିବାକୁ ବହୁତ ଭଲଲାଗେ । ବିଭିନ୍ନ ଶୋ’ର ନୂଆ ନୂଆ ଚରିତ୍ରକୁ ଦେଖି ଅନୁକରଣ କରୁଥାଏ । ଫଟୋସୁଟ୍ କରିଥାଏ ।

**ସୁଟିଂ ନଥିଲେ କ’ଣ କରନ୍ତି?**

- ସୁଟିଂ ପାଇଁ ବହୁତ ସମୟ ଦେବାକୁ ପଡ଼େ । ଏଥିରୁ ଫୁରସତ୍ ମିଳିଲେ ମୁଁ ମୋ ପରିବାର ଓ ବନ୍ଧୁମାନଙ୍କ ସହିତ ସମୟ ଅତିବାହିତ କରିଥାଏ ।

**ଫିଟ୍ ରହିବାର ମୂଳମନ୍ତ୍ର?**

- ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ୧୨ ଘଣ୍ଟା ସୁଟିଂ କରି ସୁସ୍ଥ ରହିବା ଆମ ପାଇଁ ଚ୍ୟାଲେଞ୍ଜିଂ ହୋଇଥାଏ । ତେଣୁ ଶାରୀରିକ ବ୍ୟାୟାମ ସହିତ କମ୍ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇଥାଏ । ଚର୍ମର ମଧ୍ୟ ବିଶେଷ ଦେଖାରଖା କରିବାକୁ ହୋଇଥାଏ ।

**ଧାରାବାହିକରୁ ପ୍ରଶଂସା ପାଇବା ପରେ ସିନେମା ଆଡ଼କୁ ମନ ବଳୁଛି କି?**

- ବର୍ତ୍ତମାନ ମୋ ଚରିତ୍ରରେ ମୁଁ ବୁଡ଼ି ରହିବାକୁ ପ୍ରାଧାନ୍ୟ ଦେଉଛି । କିନ୍ତୁ ହଁ ଆଗାମୀ ଦିନରେ ମୁଁ ନିଶ୍ଚୟ ଫିଲ୍ମ କରିବି ।

**ଆପଣଙ୍କ ଡ୍ରିମ୍ ରୋଲ୍ କ’ଣ?**

- ସ୍ୱାଏ ଟାଇପ୍‌ର ଚରିତ୍ର କରିବାକୁ ଇଚ୍ଛା ରହିଛି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ କ’ଣ କରିବା ଆବଶ୍ୟକ?**

- ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କର ଅସୀମ ଧୈର୍ଯ୍ୟ ଥିବା ଦରକାର । ନାଁ କରିବାକୁ ଆଶା ରଖିଲେ କଠିନ ପରିଶ୍ରମ କରିବାକୁ ହେବ । ଦ୍ୱିତୀୟରେ ବଡ଼ି ଲାଙ୍ଗୁଏଜ୍ ଓ ଅଭିନୟ । ତେଣୁ ସଫଳତା ପାଇବା ପାଇଁ ସଂଘର୍ଷ ଜାରି ରଖିବା ଦ୍ୱାରା ସ୍ୱପ୍ନ ସାକାର ହୋଇଥାଏ । ■



# ଡେଲିଭରି ଗାର୍ଲ ଚରିତ୍ରରେ ଅର୍ଚ୍ଚିତା

ଅଗଷ୍ଟ ୨୭ ତାରିଖ ଗଣେଶ ପୂଜାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ଡେଲିଭରି ବୟ-୨’ । ଏଥିରେ ଡେଲିଭରି ଗାର୍ଲ ଭୂମିକାରେ ନଜର ଆସିବେ ଚୁଲ୍‌ବୁଲି ଅଭିନେତ୍ରୀ ଅର୍ଚ୍ଚିତା । ସେ ନିଜର ବଳିଷ୍ଠ ଅଭିନୟ ସାଙ୍ଗକୁ ନୃତ୍ୟ ପାଇଁ ପ୍ରତିଟି ଓଡ଼ିଆ ଦର୍ଶକଙ୍କ ମନରେ ଘର କରିଛନ୍ତି । ଜ୍ୟୋତି ରଞ୍ଜନ ମହାନ୍ତି ପ୍ରଯୋଜିତ ଏବଂ ଅଶ୍ୱିନ ତ୍ରିପାଠୀ ନିର୍ଦ୍ଦେଶିତ ଏହି ସିନେମାରେ ଅର୍ଚ୍ଚିତାଙ୍କର ବଳିଷ୍ଠ ଅଭିନୟର ଯାଦୁ ଦର୍ଶକ ଦେଖିବାକୁ ପାଇବେ । ଅନେକ ନିଷ୍ଠାର ସହ ନିଜର ନିଖୁଣ ଅଭିନୟର ପରାକାଷ୍ଠା ଦେଖାଇଥିବା ଅନେକ ସାକ୍ଷାତକାରରେ କହିଛନ୍ତି । ମଲ୍ଟି ଷ୍ଟାର୍‌ଙ୍କୁ ନେଇ ନିର୍ମାଣ ହୋଇଥିବା ଡେଲିଭରି ବୟ-୨ ଏକ ସସ୍‌ପେନ୍ସ ତଥା ଥ୍ରୀଲର ଚଳଚ୍ଚିତ୍ର । ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ, କ୍ୟାମେରାରେ ଅଛନ୍ତି ଈଶ୍ୱର ବାରିକ । ପ୍ରଥମଥର ପାଇଁ ଡେଲିଭରି ବୟ ୨ ମାଧ୍ୟମରେ ଶୈଳେନ୍ଦ୍ର, ପ୍ରିୟମ୍ବଦା, ବୁଦ୍ଧାଦିତ୍ୟଙ୍କ ସମେତ ଶ୍ରୀତମ ଦାସ, ପୁପିନ୍ଦର ସିଂ, ସୁଶାନ୍ତ ଦାସ ମହାପାତ୍ର, ସନ୍ତୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ନିକଟରେ ଲୋକାଲ୍ ମାଧୁରୀ ଗୀତ ରିଲିଜ୍ ହୋଇ ରେକର୍ଡ ସୃଷ୍ଟି କରିଛି । ସେଇ ପ୍ରମୋସନାଲ୍ ଗୀତର ନୃତ୍ୟରେ ନାୟିକା ଭୂମିକା ଦାଶ ଯୁବପିଢ଼ିଙ୍କୁ ବେହୋସ କରିସାରିଲେଣି । ସିନେମାଟି ନିଶ୍ଚିତ ଭାବେ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ବ୍ୟବସାୟିକ ସଫଳତା ଦେବା ଆଶା କରାଯାଉଛି । ■

# ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ରେ ହିମାନୀ

ଅଗଷ୍ଟ ୯ ତାରିଖରୁ ଜୀ ସାର୍ଥକରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ’ ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ । ଏହି ଶୋ’ରେ ମୁମ୍ବାଇର ବରିଷ୍ଠ ଅଭିନେତ୍ରୀ ହିମାନୀ ଶିବପୁରୀ ଅତିଥି ବିଚାରକ ଭାବେ ଯୋଗ ଦେଇଥିଲେ । ‘ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ’ ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ବିଜେତାଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ’ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ଅଛନ୍ତି । ଅନନ୍ୟା ଏବଂ ରଞ୍ଜନ ଶୋ’ ସଂଚାଳନ କରୁଛନ୍ତି । ■






# ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ହୁମା କ୍ୟୁରେସି ଫିଲ୍ମ ନିର୍ମାତା ଭାବେ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି । ସେ ଓ ତାଙ୍କ ଭାଇ ସାକିବ୍ ସଲିମ୍ ଖୁବ୍‌ଶୀଘ୍ର ନିଜର ପ୍ରଥମ ପ୍ରଡକ୍ସନ୍ ଫିଲ୍ମ ‘ବେବି ଡୁ ଡାଇ ଡୁ’ ରିଲିଜ୍ କରିବେ । ତେବେ ନିର୍ମାତା ହେବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି । ହୁମାଙ୍କ ମତରେ ନିର୍ମାତା ହେବା ଦ୍ୱାରା ଭଲ କାହାଣୀ ନିଜେ ବାଛି ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିବେ । ଅଭିନେତ୍ରୀ ଭାବେ ହୁମାଙ୍କୁ ଅନ୍ୟମାନେ ମନୋନୀତ କରୁଥିବା ଚରିତ୍ରରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଏହାକୁ ନେଇ ତାଙ୍କ ମନରେ ନିରାଶା ରହୁଥିଲା । ସେଥିପାଇଁ ସେ ଓ ସାକିବ ନିଜେ କାହାଣୀ ତିଆରି କରିବା ନିଷ୍ପତ୍ତି ନେଇଛନ୍ତି । ■

# ପ୍ୟାଣ୍ଟ ପିନ୍ଧିବାରେ ସମସ୍ୟା ଚିନ୍ତାରେ ଅମିତାଭ




ବଲିଉଡ୍‌ର ବର୍ଷୀୟାନ ଅଭିନେତା ଅମିତାଭ ବଚ୍ଚନ ଏବେ ୮୩ ବର୍ଷ ବୟସ ଦେଇ ଅତିକ୍ରମ କରିବାକୁ ଯାଉଛନ୍ତି । ହେଲେ ବଢ଼ୁଥିବା ବୟସକୁ ନେଇ ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡୁଥିବା କହିଛନ୍ତି । ଏପରିକି ନିତିଦିନର କିଛି କାମରେ ତାଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡୁଛି । ଅମିତାଭ ତାଙ୍କ ବ୍ଲଗ୍‌ରେ ପ୍ରଶଂସକଙ୍କ ସହ ନିଜ ମନକଥା ସେୟାର୍ କରିଥାନ୍ତି । ନିକଟରେ ସେ ଏକ ଭାବୁକ ବ୍ଲଗ୍ ସେୟାର୍ କରିଛନ୍ତି । ଏଥିରେ ସାଧାରଣ କାମ କିଭଳି ଆହ୍ୱାନ ସୃଷ୍ଟି କରୁଛି, ସେ କଥା କହିଛନ୍ତି । ପ୍ରତ୍ୟେକ ରବିବାର ସେ ତାଙ୍କ ଘର ଜଲସା ବାହାରେ ନିଜ ପ୍ରଶଂସକଙ୍କୁ ଆଖିରେ ନ ଦେଖିବା ପର୍ଯ୍ୟନ୍ତ ଏତେ ଲୋକ ତାଙ୍କୁ କେବଳ ଦେଖିବା ପାଇଁ ଆସୁଥିବା ବିଶ୍ୱାସ କରି ନ ଥାନ୍ତି । ସେମାନଙ୍କର ଏହି ଚିୟରିଂ ତାଙ୍କୁ ଶକ୍ତି ଯୋଗାଏ । ସେହିପରି ଏବେ ତାଙ୍କ ଦିନଚର୍ଯ୍ୟା ଔଷଧ ଏବଂ ଏକ୍ସରସାଇଜ୍‌ରୁ ସ୍ଥିର ହେଉଛି । ଚଲାବୁଲା କରିବାରେ ଯେଭଳି କୌଣସି ସମସ୍ୟା ନ ହେବ, ନିତିଦିନ ସେ ଜିମ୍‌ରେ ମୋବିଲିଟି ଏକ୍ସରସାଇଜ୍ କରନ୍ତି । କେବଳ ସେତିକି ନୁହେଁ, ବିଗ୍ ବିଙ୍କୁ ଏବେ ପ୍ୟାଣ୍ଟ ପିନ୍ଧିବା, ତଳେ ପଡ଼ିଥିବା କାଗଜକୁ ଉଠାଇବା ଭଳି ସାଧାରଣ କାମରେ ସମସ୍ୟା ହେଉଥିବା କହିଛନ୍ତି । ତେଣୁ ଡାକ୍ତର ତାଙ୍କୁ ବସିକି ପ୍ୟାଣ୍ଟ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି । ଏପରିକି ଛିଡ଼ା ହୋଇ ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ଅମିତାଭଙ୍କ ବାଲାନ୍ସ ବିଗିଡ଼ିବା ନେଇ ଡାକ୍ତର ତାଙ୍କୁ ଚେତାଇ ଦେଇଛନ୍ତି । ଅନ୍ୟପଟେ ଚଲାବୁଲା ସମୟରେ ଯେମିତି ତାଙ୍କୁ ସାହାରା ମିଳିବ, ତାଙ୍କ ଘରର ପ୍ରତି ସ୍ଥାନରେ ସ୍ପୋର୍ଟସ ରୋଲିଂ ଲଗାଯାଇଛି । ଅବଶ୍ୟ ପ୍ରଥମେ ଏହିସବୁ କାମ ତାଙ୍କୁ ସହଜ ଲାଗୁଥିଲା । ହେଲେ ଏବେ ଏହା ବଡ଼ କାମ ବୋଲି ସେ ବୁଝିଥିବା କହିଛନ୍ତି । ତେବେ ତାଙ୍କ ପ୍ରଶଂସକଙ୍କୁ ଏଭଳି ସ୍ଥିତି ସାମ୍ନା ନ କରିବାକୁ ପଡୁ ବୋଲି କହନ୍ତି । ଏହାବାଦ୍ ଏଭଳି ବାସ୍ତବିକତା ପ୍ରତ୍ୟେକ ମଣିଷ ଜୀବନରେ ଆସିଥାଏ ବୋଲି ଅମିତାଭ ନିଜ ପୋଷ୍ଟ ଶେଷରେ କହିଛନ୍ତି । ■

ପରଦା ପଛର କାହାଣୀ

# ଝୁମ୍ପୁଡ଼ିରେ ନେଉଥିଲେ ମେକ୍‌ଅପ୍

୧୯୭୫ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ‘ସୋଲେ’ ଏକ କଲ୍ଟ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ । ଏହି ଫିଲ୍ମରେ ଧର୍ମେନ୍ଦ୍ର, ହେମାମାଳିନୀ, ଅମିତାଭ ବଚ୍ଚନ, ସଞ୍ଜୀବ କପୁରଙ୍କ ଭଳି ଲୋକପ୍ରିୟ ଅଭିନେତା ଅଭିନେତ୍ରୀ ଚମତ୍କାର ଅଭିନୟ କରିଛନ୍ତି । ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ରମେଶ ସିପି । ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି । ଏହାକୁ ଦୃଷ୍ଟିରେ ରଖି ଫିଲ୍ମ ନିର୍ଦ୍ଦେଶକ ସଚିନ ପିଲଗାଁବକର ନିକଟରେ ଫିଲ୍ମ ସୋଲେ ସେଟ୍‌କୁ ନେଇ ଏକ ରୋଚକୀୟ କଥା ଖୁଲାସା କରିଛନ୍ତି । ସେ ସମୟରେ ସେଟ୍‌ରେ ଭାନିଟି ଭ୍ୟାନ ନ ଥିଲା, ତେଣୁ କଳାକାରମାନଙ୍କୁ ଝୁମ୍ପୁଡ଼ିରେ ସୁସଜ୍ଜିତ ଏୟାର୍ କଣ୍ଡିସନ୍‌ରେ ମେକ୍‌ଅପ୍ ଦିଆଯାଇଥିଲା । ସେହିପରି ତାଙ୍କ କହିବାନୁଯାୟୀ ଫିଲ୍ମରେ ଦେଖାଯାଇଥିବା ଗାଁ ରାମନଗରମ୍ ବାସ୍ତବରେ ଅସଲି ଗାଁ ନ ଥିଲା । ଏହା ଏକ ସେଟ୍ ଥିଲା । ଏହା ବାହାରୁ ଝୁମ୍ପୁଡ଼ି ଭଳି ଦିଶୁଥିଲା । କିନ୍ତୁ ଭିତରେ ଆଧୁନିକ ଶୈଳୀରେ ସୁସଜ୍ଜିତ ପରିବେଶ ଅନୁକୂଳ ମେକ୍‌ଅପ୍ ରୁମ୍ ଥିଲା । ଏହି ଝୁମ୍ପୁଡ଼ିରେ ଶୌଚାଳୟ ରହିଥିଲା । ଏଥିସହ ଗୋଟିଏ ପଞ୍ଚତାରକା ହୋଟେଲ ଭଳି ଏଠାରେ ସମସ୍ତ ସୁବିଧା ଥିଲା । ସେଥିମଧ୍ୟରୁ ଗୋଟିଏ ଝୁମ୍ପୁଡ଼ି ମେକ୍‌ଅପ୍ ରୁମ୍ ତାଙ୍କୁ ଅର୍ଥାତ୍ ସଚିନଙ୍କୁ ମିଳିଥିଲା । ଏଥିପାଇଁ ସେ ବେଶ୍ ଖୁସି ଅନୁଭବ କରିଥିଲେ । ସଚିନ୍ ଏହି ଫିଲ୍ମରେ ରହିମ୍ ଚାଚାଙ୍କ ପୁଅର ଚରିତ୍ର ନିର୍ବାହ କରିଥିଲେ । ଏହି ଫିଲ୍ମ ନିଜର ଭବ୍ୟତା, ଅଭିନୟ, କୌଶଳ, ଆକ୍ସନ, ସଂଗୀତ ଆଦି ପାଇଁ ହିନ୍ଦୀ ସିନେମାର ଏକ ଲୋକପ୍ରିୟ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା । ଏହି ଫିଲ୍ମର କାହାଣୀ ସଲୀମ–ଜାବେଦ ଲେଖିଥିଲେ । ଏହା ଭାରତୀୟ ସିନେମାରେ ସବୁଠୁ ଦୀର୍ଘ ସମୟ ଚାଲିଥିବା ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା । ■







ସକାଳ THE SAKALA
www.sakalaepaper.com

■ ସର୍ବାଧିକ ଫୁଟବଲ ମ୍ୟାଚ୍

# ଫାବିଓଙ୍କ ବିଶ୍ୱରେକର୍ଡ



ରିଓ ଡି ଜାନେଇରୋ,୨୦।୮ (ଏଜେନ୍ସି): ବ୍ରାଜିଲର ୪୪ ବର୍ଷୀୟ ଗୋଲରକ୍ଷକ ଫାବିଓ ସର୍ବାଧିକ ଫୁଟବଲ ମ୍ୟାଚ୍ ଖେଳିବାର ବିଶ୍ୱରେକର୍ଡ କରିଛନ୍ତି। ମଙ୍ଗଳବାର ମାରାକାନାରେ ଖେଳାଯାଇଥିବା କଲମ୍ବିଆର ଆମେରିକା ଡି କାଲି ବିପକ୍ଷ ମ୍ୟାଚ୍‌ରେ ଫ୍ଲୁମିନେନ୍ସ ପକ୍ଷରୁ ଖେଳି ପ୍ରତିଯୋଗିତାମୂଳକ ଫୁଟବଲ ଖେଳରେ ଏହି ବିଶ୍ୱରେକର୍ଡ କରିଛନ୍ତି। ଫ୍ଲୁମିନେନ୍ସ କ୍ଲବ୍ ପକ୍ଷରୁ ଏହା ଥିଲା ଫାବିଓଙ୍କର ୨୩୫ତମ ତଥା ତାଙ୍କ କ୍ୟାରିୟରର ୧୩୯୧ତମ ମ୍ୟାଚ୍। ଏହି ମ୍ୟାଚ୍‌ରେ ଫ୍ଲୁମିନେନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହା ଫଳରେ ସେ ଇଂଲଣ୍ଡର ଗୋଲରକ୍ଷକ ପିଟର ସିଲଟନଙ୍କ ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୭ରେ ସିଲଟନ ଅବସର ନେବା ପୂର୍ବରୁ ୧୩୯୦ତମ ମ୍ୟାଚ୍ ଖେଳିଥିଲେ। ବ୍ରାଜିଲୀୟ ଫାବିଓ ୨୦୦୫ରୁ ୨୦୨୨ ମଧ୍ୟରେ କ୍ରୁଜେଇରୋ ପକ୍ଷରୁ ୯୭୬ଟି ମ୍ୟାଚ୍, ଭାସ୍କୋ ଡା ଗାମା ପକ୍ଷରୁ ୧୫୦, ଉନାଇଓ ବାନ୍ଦେରେଟ ପକ୍ଷରୁ ୩୦ଟି ଏବଂ ଫ୍ଲୁମିନେନ୍ସ ପକ୍ଷରୁ ୨୩୫ଟି ମ୍ୟାଚ୍ ଖେଳିଛନ୍ତି।

# ଡୁରାଣ୍ଡ କପ୍: ଇଷ୍ଟ ବେଙ୍ଗଲକୁ ହରାଇ ଫାଇନାଲରେ ଡାଏମଣ୍ଡ ହବର୍

କୋଲକାତା, ୨୦।୮ (ଏଜେନ୍ସି): ପଦାର୍ପଣକାରୀ ଡାଏମଣ୍ଡ ହବର୍ ଦଳ ଚଳିତ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ସେମିଫାଇନାଲରେ ଦୁଇ ଘରୋଇ ଦଳ ଡାଏମଣ୍ଡ ହବର୍ ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ୨-୧ ଗୋଲରେ ହରାଇ ଡାଏମଣ୍ଡ ହବର୍ ଫାଇନାଲରେ ପହଞ୍ଚିଯାଇଛି। ଅଗଷ୍ଟ ୨୩ରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ମ୍ୟାଚ୍ ଖେଳାଯିବ। ପୂର୍ବରୁ ପ୍ରଥମ ସେମିରେ ନର୍ଥଇଷ୍ଟ ୧-୦ ଗୋଲରେ ସିଲଂ ଲାଜଂ ଦଳକୁ ପରାସ୍ତ କରିଥିଲା। ଉଲ୍ଲେଖଯୋଗ୍ୟ, କୋଲକାତାଭିତ୍ତିକ ଦଳ ଡାଏମଣ୍ଡ ହବର୍ ୨୦୨୦ରେ ସ୍ଥାପନ ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ଏହାର ସଭାପତି ରହିଛନ୍ତି। ଦଳ ପ୍ରଥମଥର ଡୁରାଣ୍ଡ କପ୍‌ରେ ପାଦ ଥାପି ଫାଇନାଲରେ ପହଞ୍ଚିଛି।

# ଭାରତୀୟ ଦଳରେ ଅମିତ୍, ଶିଳାନନ୍ଦ

ଏସିଆ କପ୍ ହକି



ବେଙ୍ଗାଲୁରୁ, ୨୦।୮ (ଏଜେନ୍ସି):

ଆଗାମୀ ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡ୍ରାଗ୍‌ଫ୍ଲିକର ହର୍ମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ସେହିଭଳି ଦୁଇଜଣିଆ ରିଜର୍ଭ ଖେଳାଳି ତାଲିକାରେ ଓଡ଼ିଶାର ନୀଲମ ସଞ୍ଜୀପ ଖେସଙ୍କୁ ମଧ୍ୟ ରଖାଯାଇଛି।

ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଲାଗି ଏକ ଅଭିଜ୍ଞ ଓ ସନ୍ତୁଳିତ ଦଳ ଘୋଷଣା କରିଛନ୍ତି। 'ଆମେ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ଗଠନ କରିଛୁ। ଯେଉଁମାନେ କି ଚାପର ପରିସ୍ଥିତିରେ କେଉଁଭଳି ପ୍ରଦର୍ଶନ ଆବଶ୍ୟକ ତାହା ଭଲ ଭାବରେ ଜାଣିଛନ୍ତି। ଏସିଆ କପ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ୨୦୨୬ ବିଶ୍ୱକପ୍ ଲାଗି ଏଥିରୁ ସିଧାସଳଖ ଯୋଗ୍ୟତା ବ୍ୟବସ୍ଥା ରହିଛି। ତେଣୁ ଏହି ଦଳ ଦୃଢ଼ ଭାବରେ ମୁକାବିଲା କରି ଆମର ମୁଖ୍ୟ ଲକ୍ଷ୍ୟକୁ ହାସଲ କରିବା ନେଇ ଆଶାବାଦୀ ରହିଛି ବୋଲି ଫୁଲଟନ୍ କହିଛନ୍ତି। ଘୋଷିତ ଦଳରେ କିଷନ ବାହାଦୂର ପାଠକ ଓ ସୂରଜ କେରକେଟ୍ଟା ଗୋଲ୍‌ରକ୍ଷଣ ଭାର ସମ୍ଭାଳିବେ।

ବିହାରର ରାଜଗିରିରେ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତୀୟ ହକି ଦଳ ପୁଲ୍-ଏ'ରେ ସ୍ଥାନ ପାଇଛି। ଭାରତ ସହ ଜାପାନ, ଚାଇନା ଓ କାଜଖସ୍ତାନ ଏହି ପୁଲ୍‌ରେ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ଚାଇନା ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୩୧ରେ ଜାପାନ ଓ ସେପ୍ଟେମ୍ବର ୧ରେ କାଜାଖସ୍ତାନ ସହ ଶେଷ ପୁଲ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ସର୍ବାଧିକ ୫ଥରର ବିଜେତା କୋରିଆ ସହ ମାଲେସିଆ, ବାଂଲାଦେଶ, ଚାଇନିଜ ତାଇପେଇ ପୁଲ୍-ବି'ରେ ରହିଛନ୍ତି। ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ପରେ ବାଂଲାଦେଶକୁ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏସିଆ କପ୍‌ର ବିଜେତା ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ କୋରିଆ ୫ଥର ଟାଇଟଲ୍ ଜିତି ସବୁଠୁ ଶ୍ରେଷ୍ଠ ଦଳ ରହିଛି। ସେହିଭଳି ଭାରତ ଓ ପାକିସ୍ତାନ ୩ଥର ଲେଖାଏ ଟ୍ରଫି ଜିତିଛନ୍ତି। ଭାରତ ଶେଷଥର ଲାଗି ୨୦୧୭ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

### ଘୋଷିତ ଭାରତୀୟ ଦଳ

ଗୋଲ୍‌କିପର: କିଷନ ବାହାଦୂର ପାଠକ, ସୂରଜ କେରକେଟ୍ଟା
ଡିଫେଣ୍ଡର: ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ
ମିଡ୍‌ଫିଲ୍ଡର: ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ
ଫରୱାର୍ଡ: ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ
ରିଜର୍ଭ ଖେଳାଳି: ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୨୯।୮ | ମାଲେସିଆ-ବାଂଲାଦେଶ | ସକାଳ ୯ଟା |
| ୨୯।୮ | ଦ. କୋରିଆ-ଚାଇନିଜ ତାଇପେଇ | ପୂର୍ବାହ୍ଣ ୧୧ଟା |
| ୨୯।୮ | ଜାପାନ-କାଜାଖସ୍ତାନ | ଅପରାହ୍ଣ ୧ଟା |
| ୨୯।୮ | ଭାରତ-ଚାଇନା | ଅପରାହ୍ଣ ୩ଟା |
| ୩୦।୮ | ବାଂଲାଦେଶ-ଚାଇନିଜ ତାଇପେଇ | ଅପରାହ୍ଣ ୧ଟା |
| ୩୦।୮ | ଦ.କୋରିଆ-ମାଲେସିଆ | ଅପରାହ୍ଣ ୩ଟା |
| ୩୧।୮ | ଚାଇନା-କାଜାଖସ୍ତାନ | ଅପରାହ୍ଣ ୧ଟା |
| ୩୧।୮ | ଭାରତ-ଜାପାନ | ଅପରାହ୍ଣ ୩ଟା |
| ୧।୯ | ବାଂଲାଦେଶ-ଦ.କୋରିଆ | ଅପରାହ୍ଣ ୧ଟା ୩୦ |
| ୧।୯ | ମାଲେସିଆ-ଚାଇନିଜ ତାଇପେଇ | ଅପରାହ୍ଣ ୩ଟା ୩୦ |
| ୧।୯ | ଚାଇନା-ଜାପାନ | ସନ୍ଧ୍ୟା ୫ଟା ୩୦ |
| ୧।୯ | ଭାରତ-କାଜାଖସ୍ତାନ | ରାତି ୭ଟା ୩୦ |
| ୩।୯ | ସୁପର୍-୪ ପର୍ଯ୍ୟାୟ ଆରମ୍ଭ | |
| ୭।୯ | ଫାଇନାଲ | |

ପୁଲ୍-ଏ: ଭାରତ, ଚାଇନା, ଜାପାନ, କାଜାଖସ୍ତାନ
ପୁଲ୍-ବି: ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ ତାଇପେଇ, ବାଂଲାଦେଶ

## ଜାତୀୟ ଜୁନିଅର ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୦।୮ (ସମିସ): ପଞ୍ଜାବରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ଓଡ଼ିଶା ଦଳ ଏକପାଖିଆ ଭାବେ ୯-୦ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ହାରୁନ ମିଞ୍ଜ, ନୀତେଶ ମିଞ୍ଜ, ଅଭିଷେକ ଟପ୍ପୋ, କରନ ଲାକ୍ରା, ଯୋଜିନ ମିଞ୍ଜ, ଦୀପକ ପ୍ରଧାନ, ବିଲ୍‌କାନ ଓରାମ ଓ ରିତିକ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟ କ୍ୱାର୍ଟରଫାଇନାଲରେ ହରିୟାଣା ୩-୨ରେ କର୍ଣ୍ଣାଟକକୁ, ଉତ୍ତର ପ୍ରଦେଶ ୨-୧ରେ ମଧ୍ୟ ପ୍ରଦେଶକୁ ଓ ପଞ୍ଜାବ ୪-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶା ଓ ପଞ୍ଜାବ ସାମ୍ନାସାମ୍ନି ହେବେ।

■ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ବରୋଦାଠୁ ୧୧୩ ରନରେ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ବେଙ୍ଗାଲୁରୁର ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ୧୧୩ ରନରେ ବରୋଦାଠାରୁ ପରାସ୍ତ ହୋଇଛି। ୨୮୬ ରନର ଟାର୍ଗେଟକୁ ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁକ୍ରବାର ଭାରତୀୟ ରେଳବାଇ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

ବରୋଦାର ପ୍ରଥମ ପାଳି ୩୮୧ ରନ ଜବାବରେ ଓଡ଼ିଶା ୩୫୨ ରନ ସଂଗ୍ରହ କରିଥିଲା। ୨୯ ରନରେ ଅଗ୍ରଣୀ ସହ ବୁଧବାର ବରୋଦା ଖେଳ ଆରମ୍ଭ କରିଥିଲା। ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ଇନିଂସ୍‌ରେ ବରୋଦା ସମସ୍ତ ୱିକେଟ ହରାଇ ୨୫୬ ରନ କରିଥିଲା। ହର୍ଷ ଦେଶାଇ ୮୧ ରନର ଦ୍ରୁତ ପାଳି ଖେଳିଥିଲେ। ଓପନର ନିତ୍ୟ ପାଣ୍ଡ୍ୟା ୫୪ ଏବଂ ମୋହିତ ମୋଙ୍ଗିଆ ୫୮ ରନ କରିଥିଲେ। ଓଡ଼ିଶା ତରଫରୁ ବାମହାତୀ ସ୍ପିନର ସୁମିତ ଶର୍ମା ୫୫ ରନ ବିନିମୟରେ ୬ଟି ୱିକେଟ ଦଖଲ କରିଥିଲେ। ବାଦଲ ବିଶ୍ୱାଳ ୨ଟି, ଗୋବିନ୍ଦ ପୋଦ୍ଦାର ଏବଂ ସୁନୀଲ ରାଉଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଜବାବରେ ୪୫ ଓଭରରେ ୨୮୬ ରନର ଟାର୍ଗେଟକୁ ପିଛା କରିଥିବା ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟ ସହ ୧୭୨ ରନରେ ସୀମିତ ରହିଥିଲା। ସମ୍ବିତ ବରାଳ ସର୍ବାଧିକ ୪୬ ରନ କରିଥିଲେ। ସୁନୀଲ ୩୮, ଅଧିନାୟକ ସ୍ୱସ୍ତିକ ସାମଲ ୩୪ ରନର ପାଳି ଖେଳିଥିଲେ। ଅଭିଜ୍ଞ ଶୁଭ୍ରାଂଶୁ ସେନାପତି ୧୦ ଏବଂ ଗୋବିନ୍ଦ ପୋଦ୍ଦାର ମାତ୍ର ୧ ରନରେ ଆଉଟ ହୋଇଥିଲେ। ବରୋଦାର ବାମହାତୀ ଆର୍ଯ୍ୟନ ଚାଭଡାଙ୍କୁ ୫ଟି ଓ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ୪ଟି ୱିକେଟ ଦଖଲ କରିଥିଲେ।

ଦୃଷ୍ଟିହୀନ ମହିଳା ଟି-୨୦

## ପୂର୍ବାଞ୍ଚଳର କ୍ରମାଗତ ବିଜୟ



ଭୁବନେଶ୍ୱର, ୨୦।୮ (ସମିସ): ବେଙ୍ଗାଲୁରୁରେ ଚାଲିଥିବା ଆନ୍ତଃଜୋନାଲ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ପୂର୍ବାଞ୍ଚଳ ଦଳ ୬ ରନରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଛି। ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ୬ ୱିକେଟରେ ୧୫୨ ରନ କରିଥିଲା। ଦଳ ପକ୍ଷରୁ ପାର୍ବତୀ ମାରାଣ୍ଡି ୪୨, ଫୁଲ ୨୭, ରଚନା ଜେନା ୧୭ ଓ ମେହେକ ଲାକ୍ରା ୧୪ ରନ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ୮ ୱିକେଟରେ ୧୪୫ ରନ କରି ପରାସ୍ତ ହୋଇଥିଲା। ଦକ୍ଷିଣାଞ୍ଚଳର ୱିକେଟ୍ ଯାଇଥିବା ସମସ୍ତ ୮ଜଣ ବ୍ୟାଟର୍ ରନଆଉଟ୍ ହୋଇଥିଲେ। ଫୁଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପୂର୍ବାଞ୍ଚଳ ଦଳ ୧୦ ୱିକେଟରେ ଉତ୍ତରାଞ୍ଚଳକୁ ପରାସ୍ତ କରିଥିଲା।

ଜାତୀୟ ସବ୍‌ଜୁନିଅର ବାଳିକା ଫୁଟବଲ୍

## ମହାରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ଆସାମରେ ସବଜୁନିଅର ବାଳିକା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ମହାରାଷ୍ଟ୍ରର ଫରୱାର୍ଡ ସାନଭୀ ଚୌବେ ପ୍ରଥମ ଗୋଲ ଦେଇଥିଲେ। ଏହି ଗୋଲ ସହ ମହାରାଷ୍ଟ୍ର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମହାରାଷ୍ଟ୍ର ୩ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିଲା। ୫୪ତମ ମିନିଟରେ ସାନଭୀ ଦ୍ୱିତୀୟ ଗୋଲ ଦେଇଥିଲେ। ୭୯ତମ ଓ ୮୪ତମ ମିନିଟରେ ହିମାନୀ ହେମନ୍ତ ରାୱତ ଅବଶିଷ୍ଟ ଦୁଇଟି ଗୋଲ ସ୍କୋର କରିଥିଲେ। ଶୁକ୍ରବାର ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

ଜାତୀୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ

## ଦିବ୍ୟା ଶାଣ୍ଡିଲ୍ୟଙ୍କୁ ରୌପ୍ୟ



କଟକ,୨୦।୮ (ସମିସ): ଚେନ୍ନାଇରେ ୬୪ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ୍ ଆଜିଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାକୁ ଗୋଟିଏ ରୌପ୍ୟ ପଦକ ମିଳିଛି। ମହିଳା ହାମର୍ ଥ୍ରୋ ଇଭେଣ୍ଟରେ ଓଡ଼ିଆ ଆଥଲେଟ ଦିବ୍ୟା ଶାଣ୍ଡିଲ୍ୟ ୫୯.୫୮ ମିଟର ସଫଳତା ସହ ରୌପ୍ୟ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ଉତ୍ତରପ୍ରଦେଶର ତାନ୍ୟା ଚୌଧୁରୀ (୬୩.୯୧ ମିଟର) ସ୍ୱର୍ଣ୍ଣ ଏବଂ ରାଜସ୍ଥାନର ମାୟା (୫୭.୫୭ ମିଟର) କାଂସ୍ୟ ପଦକ ଜିତିଛନ୍ତି। ସେହିପରି ପୁରୁଷ ୪୦୦ମିଟର ଦୌଡ଼ରେ ଆସ୍ତିକ ପ୍ରଧାନ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୦୦ମିଟର ଉଭୟ ପୁରୁଷ ଏବଂ ମହିଳା ଇଭେଣ୍ଟରେ ଓଡ଼ିଶା ନିରାଶ ହୋଇଛି। ଶ୍ରାବଣୀ ନନ୍ଦ ୮ମ ସ୍ଥାନରେ ରହି ହିଟ୍ ଶେଷ କରିଥିବା ବେଳେ ଡିଏମ ଜୟରାମ ୬ଷ୍ଠ ଓ ଶରୁଣ ପାୟାସିଂହ ୭ମ ସ୍ଥାନରେ ରହିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ ୨୩ଜଣ ଆଥଲେଟ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୪ଜଣ ପୁରୁଷ ଏବଂ ୯ଜଣ ମହିଳା ଖେଳାଳି ରହିଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଆୟର, ସୁନ୍ଦରଙ୍କ ରାସ୍ତା ଶେଷ ହୋଇନାହିଁ'

ମୁମ୍ବଇ,୨୦।୮ (ଏଜେନ୍ସି):



ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗତକାଲି ବରିଷ୍ଠ ଚୟନ କମିଟି ୧୫ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ କିଛି ତାରକା ଏବଂ ଫର୍ମରେ ଥିବା ଖେଳାଳି ଯଥା ଓପନର ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ୱାଶିଂଟନ ସୁନ୍ଦର ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ କମିଟିକୁ ବିରୋଧ ଓ ସମାଲୋଚନା କରାଯାଉଛି। ବିଶେଷ କରି ଆଇପିଏଲ୍‌ର ୨୦୨୪ରେ କୋଲକାତାକୁ ଚାମ୍ପିଅନ ଓ ୨୦୨୫ରେ ପଞ୍ଜାବ କିଙ୍ଗ୍‌ସକୁ ରନର୍ସ ଅପ୍ କରାଇଥିବା ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି। କେଉଁ ଆଧାରରେ ଆୟରଙ୍କୁ ବାଦ୍ ଦିଆଯିବ ତାହାକୁ ନେଇ ସବୁଆଡେ ଚର୍ଚ୍ଚା। ଫର୍ମ ହେଉ ଅବା ଫିଟ୍‌ନେସ୍, ଟି-୨୦ ହେଉ ଅବା ଡେଜ୍ ଗେମ୍‌ରେ ଆୟର ଗତ କିଛି ଦିନ ଧରି ବେଶ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଆୟର ଏହି ଫର୍ମାଟରେ ସବୁଠାରୁ ଭଲ ଫର୍ମରେ ଅଛନ୍ତି। ଏପରିକି ଦଳରେ ସ୍ଥାନ ପାଇଥିବା ଓପନର ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ତିଳକ ବର୍ମାଙ୍କ ଅପେକ୍ଷା ଆୟର ଆଇପିଏଲ୍‌ରେ ଅଧିକ ରନ୍ କରିଛନ୍ତି ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଏଭଳି ଖେଳୁଥିବା ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ନ ମିଳିବା, ଏପରିକି ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ନ ଦେବା କେବଳ ଆୟର ନୁହେଁ ବରଂ ନିରପେକ୍ଷ ଭାରତୀୟ କ୍ରିକେଟ ସମର୍ଥକଙ୍କୁ ନିରାଶ କରିଛି। ଅନେକ ସମାଲୋଚକ ରିଙ୍କୁ ସିଂଙ୍କ ସାମିଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ରିଙ୍କୁଙ୍କ ସ୍ଥାନରେ ଆୟର ଫିଟ୍ ହେବେ ନାହିଁ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଛନ୍ତି।

ତୀବ୍ର ଆଲୋଚନା ଓ ସମାଲୋଚନା ପରେ ଅଗରକର ଆଜି ପୁଣିଥରେ ତାଙ୍କ ପୁରୁଣା କଥା ଦୋହରାଇବା ସହ ଏହି ଦଳ କେବଳ ଗୋଟିଏ ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଛି। ଆମର ଲକ୍ଷ୍ୟ ରହିଛି ଘରୋଇ ମାଟିରେ ଖେଳାଯିବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ ଉପରେ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମକୁ ଶ୍ରେଷ୍ଠ ୨୦ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଆମକୁ ୨୦ରୁ ୨୨ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହେବ। ଦଳର କୋର ଖେଳାଳି ତିଷ୍ଠି ରହିବେ। କିନ୍ତୁ କିଛି ଖେଳାଳି ନିଶ୍ଚିତ ପରିବର୍ତ୍ତିତ ହେବେ। ବିଶ୍ୱକପ୍ ଲାଗି ଆମକୁ ଏହି ଟୁର୍ଣ୍ଣାମେଣ୍ଟରୁ ପ୍ରସ୍ତୁତି ହୋଇଛି। ସମସ୍ତ ଖେଳାଳିଙ୍କୁ ସୁଯୋଗ ମିଳିବ ଓ ସେମାନଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଏହା ବ୍ୟତୀତ ଆହତ ସମସ୍ୟା ମଧ୍ୟ ରହିଛି। ଫର୍ମ ଓ ଇଞ୍ଜୁରୀକୁ ମୁକାବିଲା କରିବା ପରେ ଯେଉଁ ଖେଳାଳିମାନେ ତିଷ୍ଠି ରହିବେ ସେମାନଙ୍କୁ ନିଶ୍ଚିତଭାବେ ଦଳରେ ସ୍ଥାନ ମିଳିବ ବୋଲି ଅଗରକର କହିଛନ୍ତି। ଏବେ ଆମେ ଦଳରେ ୩ଜଣ ଓପନରଙ୍କୁ ସାମିଲ କରିଛୁ। ଏଣୁ ଯଶସ୍ୱୀ ଜୟସ୍ୱାଲଙ୍କୁ ସ୍ଥାନ ଦେଇ ପାରିନୁ। ମିଡିଲ ଅର୍ଡରରେ ଲମ୍ବା ଲାଇନ୍। ଆୟରଙ୍କ ଲାଗି ଏଠାରେ ସ୍ଥାନ ନାହିଁ। ସେହିପରି ଏବେ ଦଳରେ କାମଚଳା ଅଭିଷେକ ଶର୍ମାଙ୍କ ସହ ୪ ଜଣ ସ୍ପିନର ରହିଛନ୍ତି। ଏଣୁ ସୁନ୍ଦରଙ୍କୁ ନେଇପାରିନୁ। ସେ ଯାହା ହେଉ ପ୍ରତିଭାରେ ଭରପୁର ଭାରତୀୟ ଖେଳାଳିମାନଙ୍କୁ ୧୫ଜଣଙ୍କ ମଧ୍ୟରେ ସୀମିତ ରଖିବା କଷ୍ଟକର। ଏହି ଦଳ ନିଶ୍ଚିତ ବଦଳିବ ଓ ସମସ୍ତ ଖେଳାଳି ସୁଯୋଗ ପାଇବେ ବୋଲି ଅଗରକର କହିଛନ୍ତି।

ରାଜ୍ୟ ପୁଲିସ୍ ଫୁଟବଲ ଉଦ୍‌ଘାଟିତ

## ସୁନ୍ଦରଗଡ଼, ଝାରସୁଗୁଡ଼ା, ବ୍ରହ୍ମପୁର ଜିଲ୍ଲା ବିଜୟୀ



ସୁନ୍ଦରଗଡ଼/ରାଉରକେଲା,୨୦।୮ (ସମିସ): ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ବୁଧବାର ୮୦ତମ ରାଜ୍ୟ ପୁଲିସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଅନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ସେପ୍ଟେମ୍ବର ୩ ତାରିଖଯାଏ ଦୁଇଟି ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍‌ର ୪୭ଟି ଦଳ ଭାଗନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୪ଟି ଦଳ ଅଗଷ୍ଟ ୨୦ରୁ ୨୪ ଯାଏ ଖେଳିବେ। ସେହିପରି ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୩ ତାରିଖଯାଏ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୩ଟି ଦଳ ଭାଗନେବେ।

ବୁଧବାର ଉଦ୍‌ଘାଟନୀ ଦିବସରେ ୫ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ୍ ୬-୦ ଗୋଲରେ ଭଞ୍ଜନଗରରେ ଥିବା ଅଷ୍ଟମ ସ୍ୱତନ୍ତ୍ର ଆଇଆର୍‌ବିଏନ୍‌କୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ାର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ୪-୦ ଗୋଲରେ ଶକ୍ତିଶାଳୀ କମିଶନରେଟ ପୁଲିସ୍‌କୁ ହରାଇଛି। ଭବାନୀପୁର ଖେଳପଡ଼ିଆରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ କୋରାପୁଟର ପ୍ରଥମ ଆଇଆର୍‌ବିଏନ୍ ୬-୦ ଗୋଲରେ ଢେଙ୍କାନାଳ ଜିଲ୍ଲା ପୁଲିସ୍‌କୁ ହରାଇଦେଇଛି। ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡା ଜିଲ୍ଲା ପୁଲିସ୍ ୪-୧ ଗୋଲରେ ଦେବଗଡ଼ରେ ଥିବା ଚତୁର୍ଥ ଆଇଆର୍‌ବିଏନ୍‌କୁ ପରାସ୍ତ କରିଛି। ପଞ୍ଚମ ତଥା ପ୍ରଥମ ଦିନ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ବ୍ରହ୍ମପୁର ଜିଲ୍ଲା ପୁଲିସ୍ ୨-୦ ଗୋଲରେ ଗଜପତିରେ ଥିବା ତୃତୀୟ ଏସ୍‌ଏସ୍‌ବିଏନ୍‌କୁ ପରାସ୍ତ କରିଛି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶଲକର ନିତିନ ଦାଗୁଡ୍ଡୁ, ରାଉରକେଲା ଏସ୍‌ପି ନିତେଶ ୱାଧାୱାନିଙ୍କ ସମେତ ଅନେକ ବରିଷ୍ଠ ପୁଲିସ୍ ଅଧିକାରୀ, ଖେଳାଳି ଓ ଅଫିସିଆଲ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS